ସାନ୍ତାଳି ଝିଅ ଏବଂ ମହିଳା ମାନେ ବିଭିନ୍ନ ପର୍ବପର୍ବାଣୀ, ନାଚ, ଗୀତ, ବିବାହ, ନୂଆ ବଧୂ ଦେଖିଲା ବେଳେ ଏହାକୁ ମୁଣ୍ଡ ଖୋସାଫୁଲ ପରି ବ୍ୟବହାର କରିଥାନ୍ତି। ସାନ୍ତାଳି ଲୋକମାନେ ପ୍ରାୟତଃ ଚାଷୀ, ସେମାନେ ଅନେକ ସମୟରେ ବିଲ ବାଡିରେ ଚାଷ ବାସ କରିଥାନ୍ତି। ତେଣୁ, ସେମାନେ ତାଙ୍କର ଅଳଙ୍କାର ସବୁ ସିନ୍ଦୁକରେ ସାଇତି କରି ରଖିଥାନ୍ତି, ଆଉ ଦରକାର ବେଳେ ଏହାକୁ ସାନ୍ତାଳି ସଂସ୍କୃତିର ଏକ ସଂସ୍କାର ରୂପେ ବ୍ୟବହାର କରିଥାନ୍ତି।

**୨) ଶିଶିର୍ ଜାଲି –**



ଶିଶିର ଜାଲି ଦେଖିବାକୁ ପାନ୍ କାଣ୍ଟା ସଦୃଶ। ଏହାର କାମ ମଧ୍ୟ ପାନକାଣ୍ଟା ପରି ଏବଂ ଏକା ସ୍ଥାନରେ ବ୍ୟବହୃତ ହୋଇଥାଏ। ସାନ୍ତାଳ ଜନଜାତିର ତରୁଣୀ ଓ ମହିଳାମାନେ ଏହାକୁ ମୁଣ୍ଡରେ ଖୋସା ମାରିଲା ପରି ଲଗେଇଥାନ୍ତି। ପାନକାଣ୍ଟା ଅପେକ୍ଷା ଶିଶିର ଜାଲିକୁ ବେଶୀ ତରୁଣୀମାନେ ପସନ୍ଦ କରିଥାନ୍ତି।

ଏଥିରେ ଅନେକ ତାରକଷି କାମ ହାଇଥାଏ ଏବଂ ଦେଖିବାକୁ ସୁନ୍ଦର ମଧ୍ୟ ଲାଗିଥାଏ। ଏହା ଶିଶିର ପରି ତୁଷାର ଧବଳ ଏବଂ ଜାଲି ସଦୃଶ ହୋଇଥିବାରୁ ଏହାର ନାମ ଶିଶିର ଜାଲି ଦିଆ ଯାଇଛି। ପାନକଣ୍ଟାରୁ ଶିଶିର ଝରୁ ଥିବାପରି ଆଖିକୁ ଦେଖାଯାଏ। ଶିଶିର ଜାଲି କେବଳ ରୂପାରେ ତିଆରି କରାଯାଏ। ଶିଶିର ଜାଲିକୁ ପାରମ୍ପରିକ ଆଧୁନିକ ଅଳଙ୍କାର ପରି ବ୍ୟବହାର କରାଯାଉଛି, ଯେମିତିକି, ନୂଆ ବଧୂ ଦେଖି ଗଲାବେଳେ, ବିବାହ, ଜାହେରଗାଲ୍ ପୂଜା ବେଳେ, ଯାତ୍ରା, ପାତା, ପର୍ବପର୍ବାଣି, ନାଚ ଗୀତ କଲାବେଳେ, ବାଲା ଞେପେଲ୍ ତଥା ବନ୍ଧୁ ସମୁଧି ଓ କୁଣିଆ ଘରକୁ ଗଲାବେଳେ ଶିଶିର ଜାଲି ବିଶେଷ ଭାବରେ ବ୍ୟାବାହାର କରାଯାଇଥାଏ।

**୩) ସୁଦ୍ ପାଶୀ –**



ସାନ୍ତାଳି ଭାଷାରେ 'ସୁଦ୍ ପାଶୀ' କହିଲେ 'ଖୋସା ଫାଶ'। ଖୋସା ଚୁଟିକୁ ଛାପି ରଖିବାକୁ ସୁଦ୍ ପାଶୀ ବ୍ୟବହାର କରାଯାଏ। ସାନ୍ତାଳି ଝିଅ ଓ ମହିଳାମାନେ ମୁଣ୍ଡର କେଶକୁ ପବନରେ ନ ଉଡିବା ପାଇଁ ଏବଂ ସୁନ୍ଦର ଭାବରେ ସଜାଡି ରଖିବାକୁ ଏକ ପ୍ରକାର ମୁନିଆ କ୍ଲିପ ବ୍ୟବହାର କରିଥାନ୍ତି, ଏହାକୁ 'ସୁଦ୍ ପାଶୀ' କୁହନ୍ତି। ଏହା ଦେଖିବାକୁ ରୁପେଲି ଏବଂ ସୁନେଲି ରଙ୍ଗ ପରି ମଧ୍ୟ ହୋଇଥାଏ। ସୁଦ୍ ପାଶୀ ପିତଳ କିମ୍ବା ରୂପାର ତିଆରି କରାଯାଏ । ଏହା ବେଣୀରେ କିମ୍ବା ଖୋସାରେ ଲଗାଯାଏ। କେତେକ ମହିଳା ପାହାଡ, ପର୍ବତ ଓ ଜଙ୍ଗଲର ଏକ ପ୍ରକାର ବଣ୍ୟ ଜନ୍ତୁ 'ଝିଙ୍କ' ପ୍ରଜାତିର ପରକୁ ମଧ୍ୟ ସୁଦ୍ ପାଶୀ ପରି ବ୍ୟବହାର କରିଥାନ୍ତି।

### ୪) ସିଲ୍ ହା–



ମୁଣ୍ଡ ଚୁଟିକୁ ଚାପି ଧରି ରଖିବା ପାଇଁ ଏକ ପ୍ରକାର କ୍ଲିପ୍ ଅଳଙ୍କାର ବ୍ୟବହାର କରାଯାଏ। ଏହାକୁ ସିଲ୍‌ହା କୁହାଯାଏ। ଏହା ମାରିବା ଦ୍ୱାରା ଚୁଟି ପବନରେ ଉଡେ ନାହିଁ, ଏବଂ ଭଲଭାବରେ ଚୁଟିକୁ ସାଇତି ରଖିଥାଏ ଓ ସୁନ୍ଦର ଦେଖାଯାଏ। ଏହା ରୂପାରେ ଧାତୁରେ ନିର୍ମିତ। ସିଲହା ଗୋଟିଏ ପଟେ ନାରୀର କାନ ଉପର ମୁଣ୍ଡ ଚୁଟିରେ ଲାଗେ ଏବଂ ଅନ୍ୟ ପାଖରେ ଲାଗିଥିବା ହାରଟିର ହାଙ୍କୁଳାଟି ଖୋସାରେ ଲାଗିଥିବା ପାନ୍ କାଂଟା ଦେହରେ ଲାଗେ। ଫଳରେ ଏହା ଝୁଲିକି ଥାଇ ଅନେକ ସୁନ୍ଦର ଦେଖାଯାଏ। ଏହାକୁ ତରୁଣୀମାନେ ପିନ୍ଧିବାକୁ ବେଶୀ ପସନ୍ଦ କରିଥାନ୍ତି।

### କାନ ଅଳଙ୍କାର –

କାନରେ ବ୍ୟବହାର କରୁଥିବା ପାରଂପାରିକ ଅଳଙ୍କାର ଗୁଡିକୁ ‘ଲୁତୁର ସାଜ୍’ କୁହାଯାଏ। ଏଠାରେ ମନେ ପକେଇ ଦିଆ ଯାଇପାରେ କି ସନ୍ତାଳି ଘରେ କନ୍ୟା ପିଲାଟିଏ ଜାତ ହେଲେ, ପିଲାଟିର ଦୁଇ କିମ୍ବା ତିନି ବର୍ଷ ହେବା ମାତ୍ରକେ, କାନକୁ ‘ହାତୀ ଲୁତୁ ର୍ଜାନୁମ୍’ ତଥା ନାଗଫେଣୀ କଣ୍ଟା ସାହାଯ୍ୟରେ ଫୋଡା ଯାଇଥାଏ। କାନଟିକୁ ଫୋଡି ସେଥିରେ ନିମ୍ବ କିମ୍ବା କରଞ୍ଜ ତେଲ ପ୍ରତିଦିନ ଦିଆ ଯାଏ। ଏହା ମାଖିବା ଦ୍ୱାରା କାନଟି ପାଚେ ନାହିଁ, କି ସେଥିରେ କୌଣସି ମାଛି ବସିପାରେ ନହିଁ। ସାନ୍ତାଳ ଆଦିବାସୀ କାନରେ ପରିଧାନ୍ କରୁଥିବା ବିଭିନ୍ନ ପାରଂପାରିକ ଅଳଙ୍କାର ଗୁଡିକ ମଧ୍ୟରେ –

### ୧) ଲୁତୁର ପାଗ୍ରା –



ଲୁତୁର ପାଗ୍ରା କହିଲେ କାନରେ ବ୍ୟବହାର କରୁଥିବା ଏକ ପ୍ରକାର ଅଳଙ୍କାରକୁ ବୁଝାଏ। ଲୁତୁର ପାଗ୍ରାକୁ ଆମେ ଓଡିଆରେ କାନଫୁଲ କହିଥାଉ। ସାନ୍ତାଳିମାନେ ବ୍ୟବହାର କରୁଥିବା କାନଫୁଲ ରୂପା କିମ୍ବା ସୁନାର ତିଆରି ହୋଇଥାଏ। ଗାଁ ଗଣ୍ଡାର ଝିଅମାନେ ଲୁତୁର ପାଗ୍ରା ଅଳଙ୍କାର ବିଭିନ୍ନ ପର୍ବ ପର୍ବାଣି ମାନଙ୍କରେ ବ୍ୟବହାର କରିଥାନ୍ତି; ମାତ୍ର ସହରରେ ରହୁଥିବା ସାନ୍ତାଳି ମହିଳା ଓ ଝିଅମାନେ ଅଳ୍ପକେ ବ୍ୟବହାର କରିଥାନ୍ତି। ଲୁତୁର ପାଗ୍ରା ଅନେକ କାରୁକାର୍ଯ୍ୟ ହୋଇ ଦେଖିବାକୁ ଅନେକ ସୁନ୍ଦର ହୋଇଥାଏ।

### ୨) ଲୁତୁର ଖିଲା-

ସାନ୍ତାଳି ଭାଷାରେ ‘ଲୁତୁର ଖିଲା’ କହିଲେ କାନରେ ବ୍ୟବହାର କରୁଥିବା ଖିଲ ସଦୃଶ ଏକ ପ୍ରକାର ଅଳଙ୍କାର। ଲୁତୁର ଖିଲା କାନରେ ବ୍ୟବହାର କରାଯାଏ। ଏଥିରେ ବିଭିନ୍ନ ପ୍ରକାର ଗଛ ପତ୍ରର କାଠି କିମ୍ବା ନାଡି ମଧ୍ୟ ଲଗାଯାଇଥାଏ। ପ୍ରାୟତଃ ଲୁତୁର ଖିଲାରେ ନିମ୍ବ ଗଛ ପତ୍ର ଲାଗିଥିବା କାଠିକୁ ବ୍ୟବହାର କରାଯାଏ। ଆଜିକାଲି ଟପ୍ ବ୍ୟବହାର କରାଯାଉଛି। ରୂପାର ଅଳଙ୍କାର ଗୋଟେପଟେ ଖିଲ ଥିବାବେଳେ ଆର ପଟେ ଏହାକୁ ଟାଇଟ କରିବା ପାଇଁ ନଟ୍ ଲଗାଯାଏ।

୩) **ଲୁତୁର ରିଂ –**



କାନରେ ବ୍ୟବହାର କରୁଥିବା ଏକପ୍ରକାର କାନଫୁଲକୁ 'ଲୁତୁର୍ ରିଂ' କୁହାଯାଏ। ଲୁତୁର୍ ରିଂ ସାଧାରଣତଃ ରୂପାର ତିଆରି କରାଯାଇଥାଏ। ଧନୀ ଏବଂ ପ୍ରଭାବିଶାଳୀ ଲୋକମାନେ ବଣିଆ ପାଖରେ ଏହାକୁ ସୁନରେ ତିଆରି କରାନ୍ତି। ଲୁତୁର ରିଂ କେବଳ ଛୋଟ ଛୋଟ ଝିଅ ଏବଂ କିଶୋରୀ ମାନେ ହିଁ ପରିଧାନ କରିଥାନ୍ତି। ଛୋଟ ଝିଅ ମାନେ ସାନ ରିଂ ଏବଂ କିଶରୀ ମାନେ ବଡ ରିଂ କାନରେ ଲଗେଇଥାନ୍ତି, ଏହାକୁ ଗୁଲାଇ ପାଗ୍ରା କୁହାଯାଏ। ଆଗ କାଳରେ ବାଲ୍ୟ ବିବାହ ପ୍ରଥା ପ୍ରଚଳନ ସମୟରେ ନବବଧୂ ରୂପେ ବାଛି, ଝିଅକୁ 'ଲୁତୁର୍ ରିଂ' କାନରେ ଲଗାଇ ତାକୁ 'ହରଃ ଚିହ୍ନା' ତଥା ପିନ୍ଧାଣି କରୁଥିଲେ। ଝିଅଟି ବୟସ୍କ ହେଲା ମାତ୍ରକେ ତାର ବିବାହ ପୁଣି ସଂପୂର୍ଣ୍ଣ କରୁଥିଲେ।

୪) **ଲୁତୁର୍ ପାଶୀ–**

ସାନ୍ତାଳି ପରମ୍ପରା ଅନୁଯାଇ 'ହାତୀ ଲୁତୁର ଜାନୁମ୍' ରେ କାନାକୁ ଫୋଡିଲା ପରେ ନିମ୍ବ ତେଲ ଦେଇ ଏହାକୁ ସୁଖାଯାଏ। କାନ ଭଲଭାବରେ ସୁଖି ଗଲାପରେ, ଏଥିରେ ଏକ ପ୍ରକାର ଫାଶ ଲଗାଯାଏ, ଏହାକୁ ଲୁତୁର ପାଶୀ କୁହାଯାଏ। ଏହା ସୁନା, ରୂପା କିମ୍ବା ତମ୍ବା ତାର ରେ ମଧ୍ୟ ତିଆରି କରାଯାଏ।

**ନାକ ଅଳଙ୍କାର –**

ସାନ୍ତାଳମାନେ ନାକରେ ବ୍ୟବହାର କରୁଥିବା ବିଭିନ୍ନ ପାରମ୍ପରିକ 'ମୁଁ ସାଜ୍' ଅଳଙ୍କାର ଗୁଡିକୁ ହେଲା "ମୁଁ ଫୁଲି', 'ମୁଁ ଖିଲା' ଆଉ 'ଲୁଲୁକ୍' ଇତ୍ୟାଦି।

୧) **ମୁଁ ଫୁଲି–**



ସାନ୍ତାଳି ଭାଷାରେ 'ମୁଁ ଫୁଲି' କହିଲେ ନାକରେ ବ୍ୟବହାର କରୁଥିବା ନାକ ଫୁଲକୁ ବୁଝାଏ। ଯେପରି କାନକୁ ହାତୀଲୁତୁର ଜାନୁମ ସାହାଜ୍ୟରେ ଫୋଡ ଯାଏ, ଠିକ ସେହିପରି ନାକକୁ ମଧ୍ୟ ହାତୀଲୁତୁର ଜାନୁମ ତଥା ନାଗଫେଣୀର କଂଟା ସାହାଯ୍ୟରେ ଫୋଡି କଣା କରାଯାଇଥାଏ। ନାକ କଣାରେ ଦରକାର ମୁତାବକ ଅଳଙ୍କାର ବ୍ୟବହାର କରାଯାଏ ନହେଲେ, ଏଥିଲେ କେବଳ ନିମ ଚାରେଜ୍ ହିଁ ଲଗାଯାଇଥାଏ। "ମୁଁଫୁଲି' କୁ ସାନ୍ତାଳି ଲୋକମାନେ ହାଟ କିମ୍ବା ନିକଟତମ ସହର ବଜାରରୁ କିଣି ଥାଆନ୍ତି ଏବଂ ବିଭିନ୍ନ ପର୍ବ ପର୍ବାଣି, ପୂଜା ଆଉ ଉତ୍ସବ ଅବସରରେ କେବଳ ମହିଳା ଏବଂ ଝିଅ ପିଲା ମାନେ ପରିଧାନ କରିଥାନ୍ତି।

୨) **ମୁଁ ଖିଲା –**

ସାନ୍ତାଳି ଭାଷାରେ 'ମୁଁ ଖିଲା' କହିଲେ ନାକରେ ବ୍ୟବହାର କରୁଥିବା ଖିଲ ସଦୃଶ ଏକ ପ୍ରକାର ଅଳଙ୍କାର। ଏହା ବିଭିନ୍ନ ପ୍ରକାର ଗଛ ପତ୍ରର ନାଡି କିମ୍ବା ଡେଙ୍ଗରେ ମଧ ତିଆରି ହୋଇଥାଏ। ପ୍ରାୟତଃ ମୁଁ ଖିଲାରେ ନିମ୍ବ ଗଛ

ପତ୍ର କାଠିକୁ ହିଁ ବିଶେଷ ମାତ୍ରାରେ ବ୍ୟବହାର କରାଯାଇଥାଏ। ସୁନା, ରୂପାର ଅଳଙ୍କାର ଗୋଟେ ପଟ ଖିଲ ଥିବାବେଳେ ଆର ପାଟ ନଟ୍ ଦ୍ୱାରା ମୁଁ ଖିଲା ଟାଇଟ କରାଯାଏ।

୩) **ଲୁଲୁକ୍ –**

ସାନ୍ତାଳିମାନେ ରୂପା କିମ୍ବା ସୁନା ନିର୍ମିତ ଏକ ପ୍ରକାର ଅଳଙ୍କାର ନାକ ଆଗରେ ଝୁଲେଇ ଥାଆନ୍ତି, ଏହାକୁ 'ଲୁଲୁକ୍' କୁହାଯାଏ। ଲୁଲୁକ୍ କେବଳ ସ୍ତ୍ରୀ ଲୋକମାନେ ହିଁ ବ୍ୟବହାର କରିଥାନ୍ତି। ଏହାକୁ ପିନ୍ଧିବା ପାଇଁ କୌଣସି ସାମାଜିକ ବାରଣ କି ପ୍ରତିବନ୍ଧକ ନାହିଁ।

## ବେକ ଅଳଙ୍କାର–

ବେକରେ ସାନ୍ତାଳ ପରିଧାନ୍ କରୁଥିବା ବିଭିନ୍ନ ପାରମ୍ପରିକ ଅଳଙ୍କାର ଗୁଡିକ ସାନ୍ତାଳି ଭାଷାରେ 'ହଟଃ ସାଜ୍' କୁହାଯାଏ, ସେଗୁଡିକ  ମଧ୍ୟରେ –

୧) ସିକଳି ମାଳା –



ସାନ୍ତାଳି ଜନଜାତିରେ ୧୨ଗୋଟି ବଂଶର ଗୋତ୍ର ରହିଛି, ଯାହାକୁ ସାଂପ୍ରଦାୟିକ ଭାଷାରେ 'ପାରିସ୍' କୁହାଯାଏ। ଏମାନଙ୍କ ମଧ୍ୟରୁ ହାଁସଦାଃ ବଂଶ ହେଲା ପିଳଚୁ ଗାଣାର ପ୍ରଥମ ଜ୍ୟେଷ୍ଠ ପୁତ୍ର। 'ଶିକୁଳୀ ହାଁସଦାଃ'ପାରିସ ର ଲୋକମାନେ 'ଆବଗେ ପୂଜା' ତଥା ଟାଣ୍ଡିବଙ୍ଗା  କଲାବେଳେ ପୂଜା ବିଧିରେ 'ଶିକୁଳି' ବ୍ୟବହାର କରିଥାନ୍ତି। ଆଗ କାଳରେ ଏହି ବଂଶର ମହିଳାମାନେ ତାଙ୍କର ବେକରେ 'ଶିକଳି ମାଳା'କୁ ଅଳଙ୍କାର ରୂପେ ବ୍ୟବହାର କରୁଥିଲେ।

୨) ହାଁସଲି–



ବେକରେ ଏକ ପ୍ରକାର ରିଂ ବ୍ୟବହାର କରାଯାଏ, ଯାହାକୁ ସାନ୍ତାଳି ଭାଷାରେ ହାଁସଲି କୁହାଯାଏ। ଏହା କେବଳ ରୂପାରେ ତିଆରି କରାଯାଏ। ଅନ୍ୟ ଆଦିବାସୀ ସଂପ୍ରଦାୟର ଲୋକ ମାନେ ମଧ୍ୟ ହାଁସଲି ବ୍ୟବହାର କରିବାର ଦେଖାଯାଏ।  ଏହା ନିଦା ହୋଇଥିବାରୁ ଏହାର ଦର ଅଧିକ। କେହି କେହି ଏହାକୁ 'ହାଁସଲି ଟଡ଼ର୍' ମଧ୍ୟ କହିଥାନ୍ତି। 'ହାଁସଲି' ଏକ ଅତି ପ୍ରାଚୀନ ଓ ପୁରାତନ ସାଂପ୍ରଦାୟିକ ଅଳଙ୍କାର ଅଟେ। ଏଥିରେ ଗୋଟେପଟେ ହୁକ ଥିବାବେଳେ ଅନ୍ୟ ପଟ ଏକ କଣା ରହିଥାଏ ଏବଂ ବେକରେ ବ୍ୟବହାର କଲାବେଳେ ଏ ଦୁହିଁକୁ ସଂଯୋଗ କରାଯାଏ । ସାନ୍ତାଳ ଜନଜାତିର 'ହାଁସଦା' ବଂଶର ଲୋକମାନେ ଏହାକୁ ବେକରେ ନିଜ 'ଜାତି ଚିହ୍ନ' ରୂପେ ବ୍ୟବହାର କରିଥାନ୍ତି। ନିଜ ବାସ ଗୃହ ଏବଂ ଗୃହପାଳିତ ପଶୁମାନଙ୍କୁ ଚିହ୍ନିବା ପାଇଁ  ସେମାନେ ପଶୁ ଦେହରେ 'ହାଁସଲି' ଚିହ୍ନ ଆଙ୍କି ଦେଉଥିଲେ।

୩) ଟାକା ମାଲା–



ମୁଦ୍ରାର ହାରକୁ ସାନ୍ତାଳି ଭାଷାରେ 'ଟାକା ମାଲା' କୁହାଯାଏ । ଟାକା ମାଲା ବେକରେ ପରିଧାନ କରାଯାଏ ଏବଂ କେବଳ ସାନ୍ତାଳି ମହିଳାମାନେ ଏହାକୁ ବ୍ୟବହାର କରିଥାନ୍ତି । ରାଜା, ମହାରାଜା ଓ ବ୍ରିଟିଶ ପ୍ରଚଳିତ ପୁରୁଣା ରୂପା ମୁଦ୍ରା ଏବଂ ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ଟଙ୍କାପଇସାକୁ ବଣିଆ ପାଖରେ 'ଟାକା ମାଲା' ତିଆରି କରାଯାଏ । ଏହା ଅତ୍ୟନ୍ତ ସୁନ୍ଦର ହୋଇଥିବାରୁ ସମସ୍ତ କିଶୋରୀ, ଯୁବତୀ ଓ ସ୍ତ୍ରୀ ଲୋକମାନେ ପରିଧାନ କରିବାକୁ ବେଶୀ ପସନ୍ଦ କରିଥାନ୍ତି । ଟାକାମାଲା ବହୁତ ପୁରୁଣା ଓ ପ୍ରାଚୀନ ପାରମ୍ପାରିକ ଅଳଙ୍କାର ଅଟେ ।

୪) ମହର୍ ମାଲା–

ଗୋଟିଏ ତାମ୍ର କିମ୍ବା ପିତଳ ମୁଦ୍ରାରେ ତିଆରି ହାରକୁ ସାନ୍ତାଳି ଭାଷାରେ 'ମହର ମାଲା' କୁହାଯାଏ । ଯଦି ଟଙ୍କାର ମହରରେ ତିଆରି ହୋଇଥାଏ ତେବେ 'ଟାକା ମହର ମାଲା' କୁହାଯାଏ ଏବଂ ଯଦି କୌଣସି ଜୀବ ଜନ୍ତୁ, ପକ୍ଷୀ, ପତ୍ର, ଗଛ ଆଦିର ମହର କିମ୍ବା ଚିହ୍ନାର ଅନୁରୂପରେ ହାର ତିଆରି କରାଯାଏ, ତେବେ ତାକୁ ଚିହ୍ନବା ମହର ମାଲା ଆଖ୍ୟା ଦିଆଯାଏ । ପ୍ରାୟତଃ ଗୋଟିଏ ପିତଳ ମୁଦ୍ରାକୁ ହାଟରେ ମିଳୁଥିବା ସୂତା ମାଳରେ ଝୁଲାଇ ବେକରେ ପିନ୍ଧାଯାଏ । ଆଗ କାଳରେ ନାରୀ ଓ ପୁରୁଷ ସଭିଏଁ ମହର ମାଲା ବେକରେ ବ୍ୟବହାର କରୁଥିଲେ । ଏହା ଦେଖିବାକୁ ଅତ୍ୟନ୍ତ ସୁନ୍ଦର, ମାତ୍ର କାଳକ୍ରମେ ଏହାର ଚାହିଦା ସାନ୍ତାଳ ସମାଜରେ ଲୋପ ହେବାକୁ ଗଲାଣି ।

୫) ହାସା ମାଲା–



ସାନ୍ତାଳି ମହିଳାମାନେ ମାଟିର ହାର 'ହାସା ମାଲା' ବ୍ୟବହାର କରୁଥିଲେ । ଚିକିଟା ମାଟି 'ନାଲ୍ କା ହାସା'ରୁ ମାଳି ତିଆରି କଲା ପରେ ଏହାକୁ ଖରାରେ ଶୁଖାଇ ଭାଟିରେ ପୋଡି ଏକ ଟାଣୁଆ ସୂତା ଦ୍ୱାରା ଗୁନ୍ଥି ହାର କରୁଥିଲେ । ଏଥିରେ ଇଚ୍ଛା ଓ ଦରକାର ମୁତାବକ ପତ୍ର ରଙ୍ଗ, ମାଟି ରଙ୍ଗ ଓ ବିଭିନ୍ନ ଚିତ୍ରମାନ ମଧ୍ୟ ଅଙ୍କନ କରାଯାଉଥିଲା । ଆଗ କାଳରେ ଲୋକଙ୍କ ପାଖରେ ଏତେ ଟଙ୍କା ପଇସା ନ ଥିଲା, ସେମାନେ ବିଭିନ୍ନ ପ୍ରକାର ଆସବାବ ପତ୍ର ମାଟିରେ ଗଢିବା ସହିତ ପିନ୍ଧିବା ପାଇଁ ଶଙ୍ଖା ଓ ହାର ଅଳଙ୍କାର ମଧ୍ୟ ବ୍ୟବହାର କରୁଥିଲେ ।

## ବାହୁ ଅଳଙ୍କାର –

ସାନ୍ତାଳମାନେ ହାତ ବାହୁରେ ପରିଧାନ୍ କରୁଥିବା ବିଭିନ୍ନ ପାରଂପାରିକ ଅଳଙ୍କାର ଗୁଡିକୁ ସାନ୍ତାଳି ଭାଷାରେ **'ସୁପୁ ସାଜ୍'** ବୋଲି କୁହାଯାଏ । ସେଗୁଡିକ ମଧ୍ୟରେ ମୁଖ୍ୟତଃ –

୧) ବାଜୁ–

ଆଦିକାଳରୁ ସାନ୍ତାଳ ଜନଜାତି ବାହୁରେ ବ୍ୟବହାର କରୁଥିବା ଏକ ସ୍ୱତନ୍ତ୍ର ପ୍ରକାର ଅଳଙ୍କାର ରହିଛି ଏହାକୁ 'ବାଜୁ' କୁହାଯାଏ । 'ବାଜୁ' ଏକ ସ୍ୱତନ୍ତ୍ର ପ୍ରକାର ଐତିହାସିକ ଏବଂ ପାରଂପାରିକ ଅଳଙ୍କାର, ଯାହାକୁ



ସାନ୍ତାଳି ମହିଳା ଓ ସ୍ତ୍ରୀ ଲୋକମାନେ ବିଶେଷ ଭାବରେ ବ୍ୟବହାର କରିବାକୁ ଭଲ ପାଆନ୍ତି। ବାଜୁ ଦେଖିବାକୁ ଧଳା ରଙ୍ଗର ଏବଂ ଏହା କେବଳ ରୂପାରେ ହିଁ ତିଆରି କରାଯାଏ। ସାନ୍ତାଳି ସମାଜରେ ବାଜୁର ମହତ୍ତ୍ୱ ଅନେକ ବେଶୀ।

ଏହା କିଣିବାକୁ ବିଶେଷ ମିଳି ନ ଥାଏ; ତେଣୁ, ଏହାକୁ ବଣିଆ ପାଖରେ ଦରକାର ମୁତାବକ ତିଆରି କରାଯାଏ। ବାଜୁର ଚାହିଦା ଯେମିତି ରହିଛି ସେମିତି ମଧ୍ୟ ଏହାର କ୍ରୟ ମୂଲ୍ୟ ଅଧିକା ରହିଛି। ଏହା କେବଳ ବିବାହ, ଉତ୍ସବ, ପୂଜା, ନାଚ, ପର୍ବ ପର୍ବାଣି ଅବସରେ ଓ କୁଣିଆ ଘରକୁ ଗଲା ବେଳେ ହିଁ ବ୍ୟବହାର କରାଯାଇଥାଏ। ଏହାକୁ ଅତି ଯତ୍ନ ସହକାରେ ଘର ସିନ୍ଧୁକରେ ସାଇତି ରଖାଯାଇଥାଏ।

୨) ତକ୍ତି –



ସାନ୍ତାଳି ଭାଷାରେ ହାତର ବାହୁ କୁ 'ସୁପୁ' କୁହାଯାଏ। ବାହୁରେ ବ୍ୟବହାର କରୁଥିବା ଅଳଙ୍କାର ହେଉଛି 'ବାଜୁ' ଏବଂ 'ତକ୍ତି'। 'ତକ୍ତି' ଅଳଙ୍କାର ରୂପାରେ ହିଁ ତିଆରି କରାଯାଏ। ଗୋଟେ ମୋହର, ଲକେଟ ଅବା ପଦକ ଦେହରେ ଘୁଙ୍ଗୁର କିଛି ଲାଗିଥାଏ ଏବଂ ଦୁଇ ପଟକୁ ମାଳି ଲାଗି ଏକ ହୁକ ସାହାଯ୍ୟରେ ପରସ୍ପରକୁ ଯୋଡ଼ିଥାଏ ।ଏହାକୁ ସାନ୍ତାଳି ଭାଷାରେ 'ତକ୍ତି' କୁହାଯାଏ। ଛୋଟ ହାର ପରି ହାଇଥିବାରୁ ଏହା ଦେଖିବାକୁ ଅନେକ ସୁନ୍ଦର; ବୟସ୍କ ଓ ସ୍ତ୍ରୀ ଲୋକମାନେ ଏହାକୁ ବ୍ୟବହାର କରିବାକୁ ବିଶେଷ ପସନ୍ଦ କରିଥାନ୍ତି। ତକ୍ତି ଅଳଙ୍କାର ଅତି ପୁରୁଣା ଓ ପାରଂପରିକ, ଏହାକୁ ସମସ୍ତ ସାନ୍ତାଳି ମହିଳା, ସ୍ତ୍ରୀଲୋକ, କିଶୋରୀ, ଯୁବତୀ ମାନେ ପିନ୍ଧି ଥାଆନ୍ତି। ଏହାକୁ ପିନ୍ଧିବା ପାଇଁ କୌଣସି ସାମାଜିକ ବାରଣ କି ପ୍ରତିବନ୍ଧକ ନାହିଁ।

## ମଣିବନ୍ଧ ଅଳଙ୍କାର -



ମଣିବନ୍ଧକୁ ସାନ୍ତାଳି ଭାଷାରେ'ଲୁଲ୍ ହା' କୁହାଯାଏ। ମଣିବନ୍ଧ ଅବା କଟଟିରେ ପରିଧାନ କରୁଥିବା ବିଭିନ୍ନ ପାରଂପାରିକ ଅଳଙ୍କାର ମଧ୍ୟରେ ରହିଛି –ମେଣ୍ ହେଦ୍ ସାକାମ, ବାଲା ଶାକମ୍, ମୋଟର ପଲା, ରୂପାଚୁଳି, କାଁଚ୍ ଚୁଳି ଓ ଟଡ଼ ଇର୍ତ୍ୟାଦି।

୧) ମେଣ୍ ହେଦ୍ ସାକାମ୍ –

ସାନ୍ତାଳି ସମାଜ, ସଂସ୍କୃତି, ପ୍ରଥା ପରଂପରା ଓ ରୀତିନୀତି ଭିତରେ 'ମେଣ୍ ହେଦ୍ ସାକାମ୍'ର ଅନେକ ଗୁଡିଏ ଆଇନ ସିଦ୍ଧ ଓ ବିଧିବଦ୍ଧ ଘନିଷ୍ଠ ସଂପର୍କ ରହଛି ଏବଂ ଏହା ପ୍ରତ୍ୟେକଟି ସାନ୍ତାଳ ସ୍ତ୍ରୀ ଲୋକଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଓ ପ୍ରଧାନ ଅଳଙ୍କାର ଅଟେ।

ଏହାର ନିର୍ମାଣ କରିବାରେ ମଧ୍ୟ ଅନେକ ବିଧିବଦ୍ଧ ନିୟମ ରହିଛି –

୧) ମେଣ୍ ହେଦ୍ ସାକାମ୍ କେବଳ କମାର ଶାଳରେ କମାର ଦ୍ୱାରା ନିର୍ମାଣ କରାଯାଏ।

୨) ଏହା କେବଳ ଲୁହାର ହିଁ ତିଆରି କରାଯାଏ।

୩ ) 'କମାର ଉପବାସ' ରଖି କିଛି ପୂଜାକରି 'ମେଣ୍ ହେଦ୍ ସାକାମ୍'କୁ ତିଆରି କରିଥାନ୍ତି।

୪) 'ମେଣ୍ ହେଦ୍ ସାକାମ୍' କେବଳ ସ୍ୱାମୀ ତା ନିଜ ସହଧର୍ମିଣୀ ସ୍ତ୍ରୀ କୁହିଁ ରୀତିନୀତି ନିୟମ ଅନୁସାରେ ପିନ୍ଧେଇବାର ପରଂପରା ରହିଛି।

୫) ଏଥିରେ ତିନୋଟି ଗାର ରହିଥାଏ।

ଏହି ତିନୋଟି ଗାରର ସ୍ୱତନ୍ତ୍ର ସଙ୍କେତ ଓ କାମ ମଧ୍ୟ ରହିଛି, ଯଥା- (୧) ଜିତା (ସ୍ୱାମୀ) (୨) ଧର୍ମ ଦେବତା (ମାରାଂବୁରୁ) ଏବଂ (୩) ମାଝୀ-ମାପାଁଝି ତଥା ମୁଖିଆ-ପଂଚାୟତ।ପ୍ରଥମ ଗାରଟି ନିଜ ସ୍ୱାମୀଙ୍କ ପାଇଁ ଦ୍ୱିତୀୟଟି ଧର୍ମ ଦେବତା ମାରାଂବୁରୁ କୁ ବୁଝାଉଥିବା ବେଳେ ତୃତୀୟ ଗାରଟି ମୁଖିଆ ଓ ପଂଚାୟତକୁ ସୂଚିତ କରିଥାଏ । ସାନ୍ତାଳି ସାମାଜିକ ସଂସ୍କୃତି ଅନୁସାରେ ସମସ୍ତଙ୍କର ବିଶ୍ୱାସ ହେଉଛି ଯେ, ଏ ସମସ୍ତ ଶକ୍ତି ସେଥିରେ ଏକାଠି ରହିଛି ଏବଂ ସ୍ତ୍ରୀକୁ ବିଭିନ୍ନ ଅଘଟଣ ଓ ଦୁର୍ବିପାକ ସମୟରେ ସହାୟତା ପ୍ରଦାନ କରିଥାଏ।

ଏହି ସାନ୍ତାଳ ସମାଜର ସଂସ୍କାର ଅନୁସାରେ ପ୍ରତ୍ୟେକଟି ସ୍ତ୍ରୀ ଲୋକଙ୍କ ବାମ ହାତରେ ଏକ 'ମେଣ୍ ହେଦ୍ ସାକାମ୍' ପରିଧାନ କରିବାର ବିଧି ରହିଥାଏ। ମେଣ୍ ହେଦ୍ ସାକାମ୍ ର ଅନେକ ବିଶେଷତ୍ୱ ରହିଛି। ଜଣେ ସ୍ତ୍ରୀ ଲୋକକୁ ହାଟ ବଜାରରେ ଚିହ୍ନିବାକୁ ହେଲେ, ସେ ମହିଳାର ବାମ ହାତକୁ ଲକ୍ଷ୍ୟ କରାଯାଏ ଏବଂ ସେଥିରୁ ତାକୁ ସହଜରେ ଜାଣିହୁଏ କି ସେ ମହିଳା ଜଣକ ବିବାହିତା କି ନୁହେଁ।

ଜଣେ ଉତ୍ତମ ମହିଳାକୁ ବିଭା ହୋଇ ସହଧର୍ମିଣୀ ଭାବରେ ଗ୍ରହଣ କରିବାକୁ ହେଲେ, ତାଙ୍କୁ ପ୍ରଥମେ ବିଭା ସମୟରେ ସିନ୍ଦୂର ଘଷିଲା ବେଳେ ମେଣ୍ ହେଦ୍ ସାକମ୍‌କୁ ମଧ୍ୟ ସିନ୍ଦୂର ତିଳକ ମାରି ପିନ୍ଧାଯାଏ। ଜଣେ ସ୍ତ୍ରୀ ଲୋକ ସଂସାର ଭିତରେ ପ୍ରବେଶ କଲା ମାତ୍ରକେ ସେ ଏହାକୁ ପିନ୍ଧିବା ବାଧ୍ୟତା ମୂଳକ। ଯଦି ଜଣେ ନାରୀକୁ ନ ପିନ୍ଧାଯାଏ, କି ସେ ପିନ୍ଧିଥିବା ଟିକୁ ଫପାଡି ଦିଅନ୍ତି, ସେ ନ ପିନ୍ଧନ୍ତି, ତେବେ ସାନ୍ତାଳି ସମାଜ ତାଙ୍କୁ କାହାର ପତ୍ନୀ ହେବାର ମାନ୍ୟତା ଦିଏ ନାହିଁ। କୌଣସି ସ୍ୱାମୀ ସ୍ତ୍ରୀ କଳହ ଓ ବାଦ ବିବାଦ ବିଚାର ବେଳେ ଏହି 'ମେଣ୍ ହେଦ୍ ସାକାମ୍' ହିଁ ସେ ସ୍ତ୍ରୀ ଲୋକର ପରିଚୟ ଦେଇଥାଏ। ଯଦି କୌଣସି ସ୍ତ୍ରୀ ଲୋକ ଇଚ୍ଛା ପୂର୍ବକ ମେଣ୍ ହେଦ୍ ସାକାମ୍ ନ ପିନ୍ଧନ୍ତି, ତେବେ ତାଙ୍କୁ ସମାଜରୁ ବହିଷ୍କାର ମଧ୍ୟ କରିଦିଆଯାଏ । ତେଣୁ, ସାନ୍ତାଳି ସମାଜ ର ପ୍ରଥା ପରଂପରା, ରୀତି ନୀତି ଓ ନିୟମ ଅନୁସାରେ ପ୍ରତ୍ୟେକ ସ୍ତ୍ରୀ ଲୋକ 'ମେଣ୍ ହେଦ୍ ସାକାମ୍' ଅଳଙ୍କାର କୁ ପିନ୍ଧିବା ପାଇଁ ପସନ୍ଦ କରିଥାନ୍ତି ଏବଂ ସାନ୍ତାଳ ସମାଜ ମଧ୍ୟ ପ୍ରତ୍ୟେକ ନାରୀକୁ ସ୍ତ୍ରୀ ହେବାର ମାନ୍ୟତା ପ୍ରଦାନ କରିଥାଏ। ମେଣ୍ ହେଦ୍ ସାକାମ୍ କୁ ବିବାହିତା ନାରୀ ମାନଙ୍କର ଏକ 'ସନ୍ତକ୍' ବୋଲି କୁହାଯାଏ।

ଆଦି କାଳରୁ ସାନ୍ତାଳ ସମାଜରେ ସାନ୍ତାଳି ଭାଷାରେ ପ୍ରବାଦ ରହିଛି ଯେ, 'ମେଣ୍ ହେଦ୍ ସାକାମ୍ ଦ ବାହୁ କୁଳିୟାଃ ସନ୍ତକ୍ କାନା' ଅର୍ଥାତ୍ 'ମେଣ୍ ହେଦ୍ ସାକାମ୍ ହେଉଛି ସ୍ତ୍ରୀ ଲୋକଙ୍କର ଚିହ୍ନ'। ଏହି ଅଳଙ୍କାରର ଆଉ ଗୋଟିଏ ମହତ୍ତ୍ୱ ଏବଂ ସାମ୍ପ୍ରଦାୟିକ ବିଶ୍ୱାସ ରହିଛି ଯେ, କୌଣସି ଅଘଟଣ ଓ ପ୍ରାକୃତିକ ଦୁର୍ବିପାକ ମେଘ ଘଡଘଡି ବେଳେ ଏହା ଧାରଣ କରିଥିବା ସ୍ତ୍ରୀ ଲୋକଙ୍କ ଉପରେ ବଜ୍ରପାତ ଆଦୌ ହୁଏ ନାହିଁ। ପ୍ରତ୍ୟେକ ସ୍ତ୍ରୀ ଲୋକ ଏହି ଅଳଙ୍କାର ଉପରେ ଗଭୀର ବିଶ୍ୱାସ ରଖିଥାଆନ୍ତି ଏବଂ ନିଜ ସ୍ୱାମୀ ପାଖରେ ନ ଥିବା ସମୟରେ 'ମେଣ୍ ହେଦ୍ ସାକାମ୍' ହିଁ ତାଙ୍କୁ ଦୁର୍ଘଟଣା ବେଳେ ରକ୍ଷା କରିଥାଏ। ଶଙ୍ଖାର ଦୁଇ ମୁହଁ ଫାଙ୍କ ରଖିଲେ ସ୍ୱାମୀ ସ୍ତ୍ରୀ ସଂର୍ପକ ମଧ୍ୟ

ଭଲ ରହେନାହିଁ ବୋଲି ସାନ୍ତାଳି ସମାଜରେ ବିଶ୍ୱାସ ରହିଛି ।ଜଣେ ସ୍ତ୍ରୀ ଲୋକଙ୍କର ସମ୍ମାନ, ମହତ, ଇଜ୍ଜତ ଏବଂ ରକ୍ଷକ ହିସାବର 'ମେଣ୍ ହେଦ୍ ସାକାମ୍' ସାନ୍ତାଳ ସମଜରେ ବେଶ ପରିଚିତ ହୋଇ ରହିଛି ।

୨) ବାଲା ସାକମ୍-



ପ୍ରାଚୀନକାଳରୁ ପ୍ରଚଳିତ ଥିବା ଅତି ପୁରୁଣା ସାନ୍ତାଳି ନାରୀମାନଙ୍କର ପ୍ରଥାଜନିତ ଅଳଙ୍କାର ହେଉଛି 'ବାଲାସାକମ୍' । ପ୍ରାରମ୍ଭରେ ଏହା ବ୍ରୋଞ୍ଜ ଧାତୁରେ ନିର୍ମିତ ଥିଲା ମାତ୍ର, କାଳକ୍ରମେ ରୂପା ଓ ସୁନାର ମଧ୍ୟ ଏବେ ହାଟ ବଜାରରେ ମିଳୁଛି। ଏହାର ଦୁଇ ଭାଗ ଥାଏ ଏବଂ ପିନ୍ଧିଲା ସମୟରେ ଏହାକୁ ତାର କାଠି ସାହାଯ୍ୟରେ ସଂଯୋଗ କରାଯାଏ। ହାତରେ ସମସ୍ତ ଶଙ୍ଖା ପିନ୍ଧି ସାରିଲା ପରେ, ଶେଷକୁ ବାଲା ସାକମ୍ ଦୁଇ ହାତରେ ପିନ୍ଧାଯାଏ। ଫଳରେ, ବାଲା ସାକାମ୍ ହାତ ତଳକୁ ରହିଯାଏ ଏବଂ ସୁନ୍ଦର ଦେଖାଯାଏ। ସମସ୍ତ 'ବାଲାସାକାମ୍' ପ୍ରାୟ ମୋଟା ହୋଇଥାଏ ।

ଏହାକୁ ସମସ୍ତ ନାରୀ ଜାତି ଛୋଟ ପିଲାଠାରୁ ଆରମ୍ଭ କରି ବୃଦ୍ଧା ପର୍ଯ୍ୟନ୍ତ ପିନ୍ଧିପାରିବେ ଏବଂ ଏଥିରେ କୌଣସି ବାରଣ ଓ ବାଧକ ସାନ୍ତାଳି ସମାଜରେ ନାହିଁ । ପ୍ରାଚୀନ କାଳରୁ ଏହାକୁ ବିଶେଷ ଅବସରେ ପିନ୍ଧା ଯାଉଥିଲା ମାତ୍ର ଏବେ ବିଭିନ୍ନ ପର୍ବପର୍ବାଣି, ଉତ୍ସବ, ଜାହେର ଗାଳ୍ ବାହା ଏନେଜ୍ ଏବଂ ବନ୍ଧୁ ଘରକୁ ଗଲାବେଳେ 'ବାଲାକୁଳି' ତଥା 'ସମୁଦୁଣି' ମାନେ ବିଶେଷ କରି ବ୍ୟବହାର କରୁଥିବାରୁ ଏହାର ନାମକାରଣ ଏପରି ହୋଇଅଛି। 'ବାଲାସାକାମ୍'ର ମହତ୍ୱ ସାନ୍ତାଳି ସମାଜରେ ଅନେକ ମାତ୍ରାରେ ରହିଛି । ଏହାକୁ ବ୍ୟବହାର କରୁଥିବା ଲୋକକୁ ଅନେକ ଖାତିର ଓ ଇଜ୍ଜତ ମଧ୍ୟ କରାଯାଇଥାଏ ।

୩) ଚୁର୍



କଚଟି ବା ମଣିବନ୍ଧକୁ ସଜେଇବା ପାଇଁ ଏକ ପ୍ରକାର ମୋଟା ଓ ଓସାରିଆ ରୂପାର ଅଳଙ୍କାର ସାନ୍ତାଳି ନାରୀମାନେ ପିନ୍ଧିଥାନ୍ତି। ଏହାକୁ ସାନ୍ତାଳି ଭାଷାରେ 'ଚୁର୍' କୁହାଯାଏ । ଏହା ୨ ରୁ ୩ ଇଞ୍ଚ ଯାଏ ଲମ୍ବା ଏବଂ ଏଥିରେ ଅନେକ ରେଖାଚିତ୍ର ପରିକଳ୍ପନା ଅନୁସାରେ ତିଆରି କରାଯାଇଥାଏ । ଚୁର୍ ପିନ୍ଧିଲା ବେଳକୁ ଏଥିରେ ଥିବା ନଟ୍‌କୁ ପ୍ରଥମେ ଖୋଲାଯାଏ ଓ କଚଟିରେ ପିନ୍ଧି ଟାଇଟ୍ କରାଯାଏ। ଆଗକାଳରେ ଏକ ନିଦା ପ୍ରକାର ଚୁର୍ ଅଳଙ୍କାର ପିନ୍ଧୁଥିଲେ, ଏଥିରେ କୌଣସି ଫାଙ୍କ ନଥିଲା। ଏହା ଅନେକ ମୋଟା ହୋଇଥିବାରୁ ଓଜନ ଓ ଦାମିକା ମଧ ଥିଲା। କେବଳ, ପ୍ରଭାବୀ ଧନୀ ଶ୍ରେଣୀର ମହିଳାମାନେ ହିଁ ପିନ୍ଧି ପାରୁଥିଲେ। କାଳକ୍ରମେ ସଭ୍ୟତାର ବିକାଶ ହେବାନୁସାରେ, ସାନ୍ତାଳି ଆଦିବାସୀ ଶିକ୍ଷିତ ଓ ଆଧୁନିକୀକାରଣ ହେବା ସହିତ ଏମାନଙ୍କର



ଅଳଙ୍କାର ବ୍ୟବହାରରେ ମଧ ପରିବର୍ତ୍ତନ ଦେଖାଦେଇଛି। ଆଦି କାଳର 'ଚୁର୍' ଆଜିକାଲି ଏକ ପ୍ରକାର ଆଧୁନିକ ରୂପାରେ ତିଆରି ହୋଇ ହାଟ ବଜାରରେ ଏବେ ଉପଲବ୍ଧ। ଏଥିରେ ଅନେକ ଚାରୁ କଳା ସହିତ ତାର କଷି କାମ ରହିଛି ଏବଂ ପତଳା ଓ କମ ଓଜନର ମଧ୍ୟ ତିଆରି କରାଯାଉଛି।

୪) ମୋଟର ପଲା-

ବୟସ୍କା ଓ ବୃଦ୍ଧାମାନେ 'ମୋଟର ପାଲା' ପିନ୍ଧି ଥାଆନ୍ତି। ଦୁଇଟି ରୂପା ଶଙ୍ଖାରେ ମୋଟର ଦାନା ପରି ହୋଇଥିବା ରୂପା ଗୁଡିକ ଯୋଡି ଦିଆଯାଏ ଏବଂ ଏହାର ଭିତର ପଟ ଫମ୍ପା ଥାଏ। ଏହାକୁ 'ମୋଟରପଲା' କୁହାଯାଏ। ଏହା ଗ୍ରାମ ହାଟ ବଜାରରେ ରୂପା ଦୋକାନ ଗୁଡିକରେ କିଣିବାକୁ ମିଳିଥାଏ। ସାନ୍ତାଳି ସମାଜର ଏହା ଅତି ପୁରୁଣା ପାରମ୍ପରିକ ଅଳଙ୍କାର ଅଟେ।

୫) ରଫଲ୍ ଚୁଳି -



'ରଫଲ୍ ଚୁଳି' କହିଲେ ଆଲୁମିନିୟମ ଧାତୁରେ ନିର୍ମିତ ହୋଇଥିବା ଶଙ୍ଖାକୁ ବୁଝାଇଥାଏ। ଏହାକୁ କେବଳ ବୟସ୍କ ମହିଳା, ସ୍ତ୍ରୀଲୋକ ଏବଂ ବିଧବା ନାରୀମାନେ ବ୍ୟବହାର କରିଥାନ୍ତି। ଏହା ବଣିଆ ପାଖରେ ତିଆରି କରିବାକୁ ପଡିଥାଏ କିମ୍ବା ହାଟ ବଜାରରେ ମଧ୍ୟ କିଣିବାକୁ ମିଳିଥାଏ। ଏହା ଅଳ୍ପ କେତେକ ମହିଳା ମାନେ ହିଁ ବ୍ୟବହାର କରିଥାନ୍ତି।

## ହାତ ଆଙ୍ଗୁଠି ଅଳଙ୍କାର–

ସାନ୍ତାଳିଭାଷାରେ ହାତକୁ 'ତି' ଓ ଆଙ୍ଗୁଠିକୁ 'କାଟୁବ' କୁହାଯାଏ। ସାନ୍ତାଳି ଆଦିବାସୀ ଲୋକମାନେ ତାଙ୍କ ଆଙ୍ଗୁଠିରେ ବ୍ୟବହାର କରୁଥିବା ଅଳଙ୍କାର କୁ 'କାଟବ୍ ସାଜ୍' କୁହାଯାଏ। ସେମାନେ କେବଳ ଦୁଇ ପ୍ରକାର ଅଳଙ୍କାର ବ୍ୟବହୃତ କରିଥାନ୍ତି, ଯଥା –

୧) ମୁଦାମ-

ସାନ୍ତାଳି ଭାଷାରେ 'ମୁଦାମ' କହିଲେ 'ମୁଦି'କୁ ବୁଝାଇଥାଏ। ଉଭୟେ ସାନ୍ତାଳି ପୁଅଝିଅମାନେ ହାତ ଆଙ୍ଗୁଠିରେ 'ମୁଦାମ' ବ୍ୟବହାର କରିଥାନ୍ତି। ଏହାକୁ ସାନ୍ତାଳି ଭାଷାରେ 'ତିମୁଦାମ' କୁହନ୍ତି। ପୁଅମାନେ କେବଳ ହାତ ଆଙ୍ଗୁଠିରେ ମୁଦି ଲଗାଇଲା ବେଳେ ଝିଅମାନେ ହାତ ଓ ଗୋଡରେ ଝୁଂଟିଆ ବ୍ୟବହାର କରିଥାନ୍ତି। ଗୋଡରେ ବ୍ୟବହୃତ ମୁଦିକୁ 'କାଟା ମୁଦାମ' କୁହାଯାଏ। ସାନ୍ତାଳି ଲୋକମାନେ ଉଭୟ ରୂପା ଓ ସୁନା ଗହଣାର ଅଳଙ୍କାର ବ୍ୟବହାର କରିଥାନ୍ତି।

୨) ହାର୍ବା ମୁଦାମ୍-

ଆଦିବାସୀ ସାନ୍ତାଳି ଲୋକମାନେ ଏକପ୍ରକାର ବଣ୍ୟ ଜନ୍ତୁ 'ବଜ୍ରକାପ୍ତା' ଦେହର ଚମଡାରେ ତିଆରି ମୁଦି ପିନ୍ଧିବାକୁ ଭଲ ପାଆନ୍ତି। ବଜ୍ରକାପ୍ତାର ଚମଡାକୁ ସାନ୍ତାଳି ଲୋକମାନେ 'ହାର୍ବା ହର୍ତା' କହିଥାନ୍ତି। 'ବଜ୍ରକାପ୍ତା'ର ଚମଡାକୁ ଶୀଳ କିମ୍ବା ପଥରରେ ଘଷି ମୁଦି ତିଆରି କରାଯାଏ। ଏଥିରେ ବହୁତ ଔଷଧୀୟ ଗୁଣ ରହିଛି ଏବଂ ଏହା ପିନ୍ଧିବା ଦ୍ୱାରା ଅନେକ ରୋଗ ଭଲ ହାଇଥାଏ। ମଫସଲ ଗାଁଗଣ୍ଡାରେ ହାର୍ବାମୁଦାମ ପୁଅମାନେ ପିନ୍ଧିବାର ଦେଖାଯାଏ।

## ଅଂଟା ଅଳଙ୍କାର-

ସାନ୍ତାଳ ଲୋକଙ୍କ ‘ଡାଣ୍ଡା’ ତଥା ଅଣ୍ଟାରେ ପରିଧାନ୍ କରୁଥିବା ଅଳଙ୍କାରକୁ ‘ଡାଣ୍ଡା ସାଜ୍’ କୁହାଯାଏ। ସେଗୁଡିକ ହେଲା –

୧) ଝିଞ୍ଜିର



‘ଝିଞ୍ଜି’ ଅବା ‘ଡାଣ୍ଡାଝିଞ୍ଜି’ଏକ ପ୍ରକାର ଅଂଟାରେ ବ୍ୟବହାର କରୁଥିବା ରୂପାର ଅଳଙ୍କାର। ଏହାକୁ କିଶୋରୀ ଓ ଯୁବତୀମାନେ ବେଶୀ ବିଭିନ୍ନ ପର୍ବପର୍ବାଣି, ପୂଜା, ପୁରସ୍କାର ଭୋଜି ଓ ଉତ୍ସବ ପାଳନ ଅବସରେ ଅଣ୍ଟାରେ ପିନ୍ଧିବାକୁ ପସନ୍ଦ କରିଥାନ୍ତି। ‘ଡାଣ୍ଡା ଝିଞ୍ଜିର୍’ ଅଂଟାରେ ବନ୍ଧାଯାଏ ଏବଂ ଏହା ସାମନା ପଟକୁ ଓହଳି ହୋଇଥାଏ। ଏହା ପରିଧାନ କରିଥିବା ଲୋକ ମଧ୍ୟ ଅନେକ ସୁନ୍ଦର ଦେଖାଯାଏ।

୨) ଡାଣ୍ଡା ଚାବି-



ସାନ୍ତାଳି ନାରୀ ମାନେ ଶାଢୀ ପିନ୍ଧିଲା ପରେ ‘‘ଅଣ୍ଟା ଚାବି’ କୁ ଶାଢୀ ଉପରେ ଲଗାଯାଏ। ଏହା ରୂପାରେ ତିଆରି ହାଇଥାଏ। ଏଥିରେ ଅନେକ ତାରକଷି କାମ ହୋଇଥାଏ। ଗୋଟିଏ ସୁନ୍ଦର ଫୁଲ ଲକେଟ ଦେହକୁ ଉପର ପଟେ ଏକ ରୂପା ପ୍ଲେଟ ସଂଯୋଗ ଥାଇ ଅନ୍ୟପଟେ ତିନୋଟି ଜାଗାରେ ହାର ସଂଯୋଗ ହୋଇ ଏଥିରେ ଝୁମୁକା ଓହଳି ଥାଏ। ଏହାକୁ କେବଳ ନାରୀ ମାନେ ପିନ୍ଧିଥାନ୍ତି ଏବଂ ଚାଲିଲା ବେଳେ ଅନେକ ସୁନ୍ଦର ରୁଣୁଝୁଣୁ ଶବ୍ଦ ହୋଇଥାଏ। ଏହା ଏତେ ପୁରୁଣା ଅଳଙ୍କାର ନ ହେଲେ ମଧ୍ୟ ସାନ୍ତାଳି ସମାଜରେ ଏହାର ଆଦର ଅନେକ ବେଶୀ ରହିଛି। ତରୁଣୀ, ଯୁବତୀମାନେ ଏହାକୁ ବେଶେଷ ବ୍ୟବହାର କରିଥାନ୍ତି।

## ପାଦ ଅଳଙ୍କାର-

ସାନ୍ତାଳ ଲୋକ ପାଦରେ ପରିଧାନ୍ କରୁଥିବା ବିଭିନ୍ନ ପାରଂପାରିକ ‘କାଟା ସାଜ୍’ ଅଳଙ୍କାର ଗୁଡିକହେଲା–

୧) ପାଇଣି –

‘ପାଇଣି’ କେବଳ ମହିଳା ମାନେ ବ୍ୟବହାର କରିଥାନ୍ତି। ଏହା ପାଦ ଗଣ୍ଠିରେ ପିନ୍ଧାଯାଏ। ରୂପା, ବ୍ରୋଞ୍ଜ କିମ୍ବା ପିତଳରେ ‘ପାଇଣି’ ତିଆରି ହୋଇଥାଏ। ଏହା ମୋଟା ପାଇପ ଭଳି ଏକ ରିଂ, ଏହାର ଭିତରଟା ଫମ୍ପା ହୋଇଥିବାରୁ ଏହା ବେଶୀ ହାଲୁକା ଅଳଙ୍କାର। ଆଗ କାଳରେ ସାନ୍ତାଳି ସଂପ୍ରଦାୟର ଲୋକମାନେ ପରିବାରର ଛୋଟ ଝିଅ ଓ କିଶୋରୀ ପିଲାଙ୍କୁ ପିନ୍ଧାଇ ଦେଉଥିଲେ, ମାତ୍ର ଆଜିକାଲି କେବଳ ସିନେମା, ନାଟକ ଓ ଯାତ୍ରା ଜଗତରେ ପାଇଣି କୁ ବ୍ୟବହାର କରାଯାଉଛି। ପୂର୍ବେ ଏହାକୁ ଧନୀ ସାନ୍ତାଳି ଲୋକମାନେ ନିଜର ଛୋଟ ପିଲାଙ୍କୁ ପିନ୍ଧାଇ ଦେଉଥିଲେ। କୁନି ପିଲା ଚାଲିଲା ବେଳେ ଦୁଇ ଗୋଡର ପାୟଣି ବାଜିବା ଫଳରେ ମଧୁର ଶବ୍ଦ ଶୁଣି ପିଲାକୁଆନନ୍ଦ ଲାଗୁଥିଲା ଏବଂ ସେ ଶୀଘ୍ର ଚାଲିବା ଓ ଦୌଡିବା ଶିଖି ଯାଉଥିଲା।

୨) ଇତିଲ୍ ପାଇଣି–



'ଇତିଲ୍ ପାଇଣି'ଭିତରଟା ଗୋଲାକାର ମାତ୍ର ବାହାର ଦୁଇ ପଟ ଗୋଜିଆ ହାଇଥାଏ। ଏହା ନିଦା ଜିନିଷ ଏବଂ ବ୍ରୋଞ୍ଜ ଧାତୁରେ ତିଆରି ହୋଇଥିବାରୁ ଏହା ଏନେକ ଓଜନିଆ ଅଟେ। ଇତିଲ୍ ପାଇଣିକୁ ବିଶେଷ ବିବାହିତା ମହିଳାମାନେ ପିନ୍ଧିବାକୁ ଦେଖାଯାଏ। ଇତିଲ ପାଇଣି ଆନେକ ପ୍ରାଚୀନ ଓ ପାରମ୍ପରିକ, ଆଗ କାଳର ଏହି ଅଳଙ୍କାର ଏବେ ପ୍ରାୟ ସାନ୍ତାଳି ସମାଜରେ ନାରୀମାନେ ପିନ୍ଧିବା ବେଶୀ ମାତ୍ରାରେ ଦେଖିବାକୁ ମିଳୁନାହିଁ। ଏହା ଧୀରେ ଧୀରେ ବିଲୁପ୍ତ ହେବାକୁ ଗଲାଣି।

୩) ଖାଡୁ–



ଏକ ପ୍ରକାର ମୋଟା ଓ ନିଦା ପାଇଣିକୁ ସାନ୍ତାଳି ଲୋକମାନେ ଖାଡୁ କହିଥାନ୍ତି। ଖାଡୁର ଓଜନ ପାଇଣି ଠାରୁ ଅନେକ ବେଶୀ। ଏହା ପିତଳ ନଚେଦ୍ ବ୍ରଂଚରେ ତିଆରି ହୋଇଥାଏ। ଛୋଟ ଖାଡୁ ହାତରେ ଏବଂ ବଡ ଖାଡୁକୁ ଗୋଡରେ ପିନ୍ଧାଯାଏ । ଏହା ଏକ ପ୍ରାଚୀନ ଅଳଙ୍କାର ମାତ୍ର ଏବେ ସମାଜରେ ତାର ବ୍ୟବହାର ବେଶୀ ଦେଖା ଯାଉନାହିଁ।

୪) ବାଙ୍କି–



ବାଙ୍କି ଅଳଙ୍କାର ଅଛି ପ୍ରାଚୀନ ଏବଂ ଏହା ସାନ୍ତାଳି ସମାଜ, ପ୍ରଥା, ପରଂପରା ଓ ଜାତି ଗୋଷ୍ଠୀ ସହିତ ସଂପୃକ୍ତ ରହିଛି। ଏହା ପାଇଣି ପରି ଦେଖିବାକୁ, ମାତ୍ର ଏହା ବଙ୍କା ହୋଇଥିବାରୁ ଏହାକୁ ବାଙ୍କି କୁହାଯାଏ। ସାନ୍ତାଳିର ୧୨ଗୋଟି ସଂଜ୍ଞା ରହିଛି ଏବଂ ପ୍ରତ୍ୟେକ ସଂଜ୍ଞାର ସ୍ୱତନ୍ତ୍ର ଚିହ୍ନ ମଧ୍ୟ ରହିଛି, ଯାହାକୁ ସାନ୍ତାଳି ଭାଷାରେ 'ପାରିସ ଚିହ୍ନ' ବୋଲି କୁହାଯାଏ। ବାଙ୍କି ସୋରେନ ଗୋଷ୍ଠୀର ଜାତିଗତ ଚିହ୍ନ। ଆଗ କାଳରେ ସୋରେନ ଲୋକମାନେ ଏହାକୁ ଅଳଙ୍କାର ରୂପେ ବ୍ୟବହାର କରୁଥିଲେ ଏବଂ ସେମାନଙ୍କୁ ସହଜରେ ଚିହ୍ନି ହେଉଥିଲା। ସେମାନେ ତାଙ୍କର ଗାଇ ଗୋରୁ, ଘରଦ୍ୱାର, କାନ୍ଥ ଏବଂ ଆସବାବ ଜିନିଷ ପତ୍ର ଦେହରେ ଏହି 'ବାଙ୍କି ଚିହ୍ନ' କୁ ବ୍ୟବହାର କରି ଅଶିକ୍ଷିତ ଲୋକମାନେ ମଧ୍ୟ ଅତି ସହଜରେ ନିଜର ଜିନିଷକୁ ଚିହ୍ନି ପାରୁଥିଲେ। ଫଳରେ କୌଣସି ଜିନିଷ ହଜୁନ ଥିଲା।

୫) ପାଞ୍ଜନ–



ପାଉଁଜିକୁ ସାନ୍ତାଳି ଭାଷାରେ 'ପାଞ୍ଜନ୍' କୁହାଯାଏ। ଏକ ରୂପା ମାଳି ଦେହରେ ଅନେକ ଗୁଡିଏ ଝୁମୁକା ଲାଗିଥାଏ। 'ପାଞ୍ଜନ୍' କୁ ସମସ୍ତ ମହିଳା ଓ ଝିଅମାନେ ଗୋଡରେ ବ୍ୟବହାର କରିବାକୁ ପସନ୍ଦ କରିଥାନ୍ତି। 'ପାଞ୍ଜନ୍' ଲଗାଇବା ଦ୍ୱାରା ଗୋଡ ଅତି ସୁନ୍ଦର ଦେଖାଯାଏ। 'ପାଞ୍ଜନ୍' କେବଳ ରୂପାର ତିଆରି କରାଯାଏ। କେତେକ ଲୁହାରେ ତିଆରି 'ପାଞ୍ଜନ୍' ହାଟରେ ମିଳିଥାଏ ମାତ୍ର, ଏଗୁଡିକ ରୁପେଲି ରଙ୍ଗ ଦିଆଯାଇ ଥାଏ।

ନାରୀମାନେ ସ୍ୱଭାବତଃ ସୌନ୍ଦର୍ଯ୍ୟ ମନସ୍କା। ଜଗତକୁ ସୁନ୍ଦର ଭାବେ ଦେଖିବା ଓ ଏହି କ୍ରମରେ ନିଜକୁ ସୁନ୍ଦର ଭାବେ ସଜାଇବା ଏମାନଙ୍କର ସହଜାତ ପ୍ରବୃତ୍ତି। ଜନଜାତି ଗୋଷ୍ଠୀରେ ସାନ୍ତାଳ ଜନଜାତିର ସ୍ତ୍ରୀଲୋକଙ୍କର ରୁଚିଗତ ସୌନ୍ଦର୍ଯ୍ୟକୁ ବିଚାର କରି ଅଳଙ୍କାର ପ୍ରସ୍ତୁତି ଓ ବ୍ୟବହାର ବିବିଧତା ସେମାନଙ୍କ ରୁଚି ଓ ମାନସିକତାକୁ ସୂଚାଇଥାଏ।

# କନ୍ଧ ଜନଜାତିର ପାରମ୍ପରିକ ଆଭୂଷଣ

ଡୋଲାମଣି ମାଝୀ*

## ସାରାଂଶ

ସୌନ୍ଦର୍ଯ୍ୟ ବୃଦ୍ଧି ସକାଶେ ମଣିଷ ଆଭୂଷଣରେ ବିଭୂଷିତ ହୋଇଥାଏ । ବିଭିନ୍ନ ଜନଗୋଷ୍ଠୀ ବା ସମ୍ପ୍ରଦାୟ ଅନୁଯାୟୀ ଆଭୂଷଣଗୁଡ଼ିକ ଭିନ୍ନ ଭିନ୍ନ ହୋଇଥାଏ । ଏହି କ୍ରମରେ କନ୍ଧ ଜନଜାତିର ଆଭୂଷଣକୁ ବିଚାର କଲେ ଜଣାଯାଏ ଯେ ଏଗୁଡ଼ିକ ଅନ୍ୟ ଜନଗୋଷ୍ଠୀଠାରୁ ପୃଥକ ତଥା ସ୍ୱତନ୍ତ୍ର ଭଳି ମନେହୁଏ । ପତ୍ର ଆଭୂଷଣ, ଫୁଲ ଆଭୂଷଣ, ମଞ୍ଜି(ଫଳ) ଆଭୂଷଣ, ପୋଷାକ ଆଭୂଷଣ, ରୂପା ଆଭୂଷଣ, ସୁନା ଆଭୂଷଣ ପ୍ରଭୃତି ଧାତୁଗୁଡ଼ିକରେ ତିଆରି ହୋଇଥାଏ । କନ୍ଧ ଆଦିବାସୀମାନଙ୍କୁ ପରିଧାନ କୌଶଳ ମଧ୍ୟ ଜଣାଅଛି ଯାହାପାଇଁ ପରିଧାନ କଳାପରେ ତାଙ୍କର ସୌନ୍ଦର୍ଯ୍ୟ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର ମନେହୁଏ । ପାଦ, ହାତ, ଅଣ୍ଟା, ବେକ, କାନ, ନାକ, ମୁଣ୍ଡ ଓ ବାଳ ପ୍ରଭୃତି ଅଙ୍ଗଗୁଡ଼ିକରେ ଏମାନେ ଏଗୁଡ଼ିକୁ ପରିଧାନ କରନ୍ତି । ବିଭିନ୍ନ ଧାତୁରେ ନିର୍ମିତ ୮୫ରୁ ଊର୍ଦ୍ଧ୍ୱ ପ୍ରକାର ଆଭୂଷଣ କନ୍ଧମାନେ ପରିଧାନ କରନ୍ତି ।

## ଉପକ୍ରମ

ନିଜକୁ ସୁନ୍ଦର କରିବା ପାଇଁ ମଣିଷ ଅଳଙ୍କାର ପରିଧାନ କରିଥାଏ । ଏହି ଅଳଙ୍କାର ଯେ କେବଳ ସୌନ୍ଦର୍ଯ୍ୟ ବୃଦ୍ଧି କରେନାହିଁ; ତାହା ମାଧ୍ୟମରେ ସେହି ସମ୍ପ୍ରଦାୟର ସଂସ୍କୃତି ମଧ୍ୟ ପ୍ରତିଫଳିତ ହୋଇଥାଏ । ଗୋଟିଏ ଜାତିର ସଂସ୍କୃତି ହେଉଛି ତାର ପରିଚୟ । ଯାହାର ସଂସ୍କୃତି ଯେତେ ପ୍ରାଚୀନ ସେହି ଜାତିର ମହନୀୟତା ସେତେ ବେଶି ପ୍ରଖର ଓ ଦୀପ୍ତିମନ୍ତ । ମଣିଷ ଜନ୍ମରୁ ମୃତ୍ୟୁ, ବିବାହରୁ ବିଚ୍ଛେଦ ଓ ସକାଳରୁ ସଞ୍ଜ ଯାଏ ଯେଉଁ କାର୍ଯ୍ୟଗୁଡ଼ିକ କରେ ସେହି କାର୍ଯ୍ୟଗୁଡ଼ିକରେ ତାର ସଂସ୍କୃତିର ପ୍ରତିଫଳନ ଘଟିଥାଏ । ବସ୍ତ୍ର ହେଉ କିମ୍ବା ଆଭୂଷଣ, ଖାଦ୍ୟ ହେଉ କିମ୍ବା ଖାଦ୍ୟ ପାଇଁ ଆବଶ୍ୟକ ଦ୍ରବ୍ୟ, ମାଟି ପାତ୍ର ହେଉ କିମ୍ବା କଂସା ପାତ୍ର, ମାଟିଘର ହେଉ କିମ୍ବା ଛପର ଘର, ପ୍ରତ୍ୟେକ ସହିତ ଓତଃପ୍ରୋତଃ ଭାବରେ କନ୍ଧମାନେ ଜଡ଼ିତ ଥାନ୍ତି । ତେଣୁ ତାଙ୍କ ସଂସ୍କୃତି ସେହି ସ୍ଥାନରେ ଝଲସି ଉଠୁଥାଏ। କନ୍ଧମାନଙ୍କର ସାଂସ୍କୃତିକ ବିଷୟର ବିଶେଷ ମୂଲ୍ୟବୋଧ ରହିଅଛି। ସେମାନେ ନିଜ ସଂସ୍କୃତିକୁ ନେଇ ଗର୍ବ ଅନୁଭବ କରିଥାନ୍ତି । ଏଣୁ ଦୂର ଦୂରାନ୍ତରୁ ଲୋକମାନେ ଏହିମାନଙ୍କ ସଂସ୍କୃତି ସମ୍ବନ୍ଧରେ ଅବଗତ ହେବାକୁ ତଥା ଜାଣିବାକୁ ତାଙ୍କ ନିକଟକୁ ଯାଇଥାନ୍ତି । ମଣିଷ ସୌନ୍ଦର୍ଯ୍ୟରେ ମଣ୍ଡିତ ହେବାପାଇଁ ବସ୍ତ୍ର, ଅଳଙ୍କାର ତଥା ଆଭୂଷଣର ଆବଶ୍ୟକତା ଲୋଡ଼ିଥାଏ । ଯେଉଁମାନେ ଯେତେ ମାତ୍ରାରେ ସଜେଇ ହୋଇଥାନ୍ତି ବା ଆଭୂଷଣରେ ମଣ୍ଡିତ ହୋଇଥାନ୍ତି ସେହିମାନେ ତାଙ୍କ ସଂସ୍କୃତିର ବିକାଶ ଚିତ୍ର ସେତେ ମାତ୍ରାରେ ଦର୍ଶାଇଥାନ୍ତି । ଏଣୁ ଆଭୂଷଣ ପରିଧାନ ମଣିଷର ବିକାଶର ଏକ ପ୍ରମୁଖ ଦିଗ।

---

* ଗବେଷକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବୁର୍ଲା, ମୋ- ୯୧୭୮୭୪୫୬୮୨

କନ୍ଧ ତଥା ଆଦିବାସୀମାନେ ଉଲଗ୍ନ ରହୁଥିଲେ । "ଆସିଛୁ ନଙ୍ଗଳା, ଯିବୁ ନଙ୍ଗଳା" ଉକ୍ତିରେ ବିଶ୍ୱାସ ରଖୁଥିଲେ । ତେଣୁ ପରବର୍ତ୍ତୀ କାଳରେ ଯେଉଁ ପତ୍ର ଓ ବସ୍ତ୍ରର ପରିଧାନ କରିଛନ୍ତି ତାହା ଅଳଙ୍କାର ଭାବରେ ପରିହିତ ହୋଇଛି ଲଜ୍ଜା ନିବାରଣ ସକାଶେ ନୁହେଁ । କାରଣ ଆଦିବାସୀ ସମାଜରେ ଲଜ୍ଜା ବୋଲି କିଛି ନାହିଁ। ଯଦି ଥାଆନ୍ତା ବହୁ ପୂର୍ବରୁ ଉଲଗ୍ନ ରହୁଥିବା ମଣିଷ ଆଦିବାସୀ ନାରୀକୁ ବଳାତ୍କାର କରିବୁଲନ୍ତା । କିନ୍ତୁ ଏ ସବୁ ଆଦିବାସୀ ସମାଜରେ ଘଟେ ନାହିଁ କାରଣ ଆଦିବାସୀ ମଣିଷ ତାର ଶରୀରର ଚର୍ମକୁ ପୋଷାକ ଭାବେ ଏବଂ ମନକୁ ପବିତ୍ର ରଖେ । ଏଣୁ ପତ୍ର ଓ ପୋଷାକକୁ ଆଦିବାସୀର ଗୋଟିଏ ଅଳଙ୍କାର ବୋଲି କୁହାଯାଇପାରେ।

- **ବସ୍ତ୍ର ବିଚାର**

ଗୋଟିଏ ଜାତିର ସଭ୍ୟତା ଓ ସଂସ୍କୃତିକୁ ଜାଣିବାକୁ ହେଲେ ତାର ପରିଧାନ କରୁଥିବା ବସ୍ତ୍ରକୁ ଅନୁଶୀଳନ କରିବା ଆବଶ୍ୟକ। ପ୍ରାଚୀନ କାଳରେ ଆଦିମ ମଣିଷ ଉଲଗ୍ନ ହୋଇ ପ୍ରକୃତିର କୋଳରେ ଜୀବନ ଯାପନ କରୁଥିଲା। ଧିରେ ଧିରେ ବୁଦ୍ଧିର ବିକାଶ ହେବା ଫଳରେ ସଭ୍ୟତା ବସାଇ ଲଜ୍ଜା ନିବାରଣ ପାଇଁ ପତ୍ର ପରିଧାନ କରି ପତ୍ରରୁ ବସ୍ତ୍ରକୁ ଧିରେ ଧିରେ ଅଗ୍ରଗତି କଲା। ମଣିଷର ପରିଧାନର କ୍ରମ ବିକାଶକୁ ନେଇ କୁହାଯାଏ – "କି ପୁରୁଷ, କି ନାରୀ, ଉଭୟେ ନିଜର ପରିଧାନ ପ୍ରତି ଆଦୌ ଦୃଷ୍ଟି ଦେଉନଥିଲେ । କ୍ରମଶଃ ସେମାନଙ୍କ ଜୀବନର ମାନଦଣ୍ଡ ସ୍ୱରୂପ ବୌଦ୍ଧିକ ବିକାଶ ହେବାକୁ ଲାଗିଲା। ସେମାନଙ୍କ ମନରେ ଲଜ୍ଜା ବୋଲି ଚେତନାଟି ଜାଗ୍ରତ ହେଲା । ଫଳରେ ଗୋଟିଏ ନାରୀ ତାର ବକ୍ଷ ଦେଶ ଏବଂ ଯୌନାଙ୍ଗକୁ ଆବରଣ କରିବା ପାଇଁ ଗଛର ପତ୍ର ଓ ବଲ୍‌କଳକୁ ପରିଧାନ ରୂପେ ବ୍ୟବହାର କଲା। ସେହିପରି ପୁରୁଷ ମଧ୍ୟ ତାର ଯୌନାଙ୍ଗକୁ ଆବୃତ କରିବା ପାଇଁ ପତ୍ର ବା ବଲ୍‌କଳକୁ ବ୍ୟବହାର କରିବା ଆରମ୍ଭ କରିଥିଲା। ପରେ ନୂତନ ପ୍ରସ୍ତର ଯୁଗ, ମହେଞ୍ଜୋଦାରୋ ସଭ୍ୟତା କିମ୍ବା ପୃଥିବୀର ଅନ୍ୟ କୌଣସି ସଭ୍ୟତାରେ ପ୍ରଥମେ ବସ୍ତ୍ର ପରିଧାନର ଅୟମାରମ୍ଭ ହେଲା ତାହା ଆଜି ନିର୍ଦ୍ଦିଷ୍ଟ ଭାବେ କହିବା ସମ୍ଭବପର ନୁହଁ ।"[୧] ଏହି କ୍ରମରେ ଆଦିମ ଅଧିବାସୀ କନ୍ଧ ଜନଜାତିର ମଧ୍ୟ ତାଙ୍କର ବସ୍ତ୍ର ପରିଧାନରେ ବିବର୍ତ୍ତନ ହୋଇଛି। କନ୍ଧମାନେ ବସ୍ତ୍ର ପରିଧାନ କରିଛନ୍ତି ହେଲେ ଏହାକୁ ଟୋଟିଏ ପ୍ରକାର ଆଭୂଷଣ ଭାବରେ। କିନ୍ତୁ ଧିରେ ଧିରେ ସଭ୍ୟ ସମାଜର ପ୍ରଭାବରେ ଲଜ୍ଜା ନିବାରଣ ପାଇଁ ବସ୍ତ୍ର ବାଧ୍ୟତାମୂଳକ ହୋଇଛି।

ସମସ୍ତଙ୍କ ଆର୍ଥିକ ଅବସ୍ଥା ଠିକ୍ ନଥିବାରୁ କନ୍ଧମାନଙ୍କର ବସ୍ତ୍ର ପରିଧାନ ଅତି ସରଳ ହୋଇଥାଏ। ନାରୀମାନେ ଶାଢ଼ୀ ପିନ୍ଧୁଥିବା ବେଳେ ପୁରୁଷମାନେ ଧୋତି। ଏହି ନାରୀ ଓ ପୁରୁଷର ପରିଧାନ ଶୈଳୀର ସ୍ୱତନ୍ତ୍ରତା ଅତୀତରେ ରହିଥିଲା। ବର୍ତ୍ତମାନର ନାରୀମାନଙ୍କ ଭଳି ଅତୀତର ନାରୀମାନେ ବ୍ଲାଉଜ (ବକ୍ଷାବରଣ) ପିନ୍ଧୁ ନଥିଲେ। କୁହାଯାଏ କନ୍ଧ ନାରୀମାନେ ନିଜ ସନ୍ତାନ ପାଇଁ ବ୍ଲାଉଜ୍ ପିନ୍ଧୁ ନଥିଲେ। କାରଣ ବ୍ଲାଉଜ ପିନ୍ଧିଲେ ସେମାନେ ତାଙ୍କର ଶିଶୁପୁତ୍ରକୁ କ୍ଷୀର ଦେଲାବେଳେ ସହଜ ବୋଧ ହୁଏ ନାହିଁ। ତେଣୁ ଏହା ଗୋଟିଏ ସମୟରେ ଗୋଟିଏ ପ୍ରକାର ପରମ୍ପରା ବୋଲି ଧରି ନିଆଯାଇଥିଲା। କାରଣ କନ୍ଧ ନାରୀର ଲଜ୍ଜା ନିବାରଣରେ ଗୁପ୍ତାଙ୍ଗ ହେଉଛି ମୁଖ୍ୟ; ସ୍ତନ ତଥା ବକ୍ଷ ଗୌଣ। କାରଣ କନ୍ଧ ଲୋକମାନେ ସ୍ତ୍ରୀ, ଝିଅ ଓ ବୋହୂକୁ ମାଁ ବୋଲି ବିଚାର କରନ୍ତି ଏଣୁ କେହି ତାଙ୍କ ବକ୍ଷକୁ କୁଦୃଷ୍ଟି ପକାନ୍ତି ନାହିଁ; ତାହା କେବଳ ସନ୍ତାନର ହିଁ ଅଧିକାର ବୋଲି ବିଚାର କରନ୍ତି। କନ୍ଧ ସମାଜରେ ମାର ସ୍ଥାନ ବହୁ ଉର୍ଦ୍ଧ୍ୱରେ। ତେଣୁ ମାକୁ ସର୍ବାଗ୍ରେ ରଖିବା ସହ ଦୟାମୟିର ପ୍ରତୀକ ଭାବରେ ମଧ୍ୟ ଗ୍ରହଣ କରନ୍ତି। ତେଣୁ ଶିଶୁଟିକୁ ଯେମିତି ଭୋକ ହେଲେ ସେ ସଂସାରର ଯାହା ବି ଖାଇପାରିବ, ସେହିଭଳି ଯେତେବେଳେ ଶିଶୁକୁ

ଶୋଷ/ଭୋକ ହେଲେ ସେ ଯେଉଁ ସ୍ଥାନରେ ଥିଲେ ମଧ୍ୟ ମାର କ୍ଷୀର ପାନ କରିପାରିବ। ଏଣୁ ଶିଶୁ କ୍ଷୀର ପାନର ସୁବିଧା ପାଇଁ କନ୍ଧ ନାରୀମାନେ ବ୍ଲାଉଜ ପିନ୍ଧନ୍ତି ନାହିଁ। ଅନ୍ୟପକ୍ଷରେ କନ୍ଧ ପୁରୁଷ ଧୋତିକୁ ଲେଙ୍ଗୁଟି ମାରି ପିନ୍ଧନ୍ତି। ପୁରୁଷମାନଙ୍କ ପିନ୍ଧା ଶୈଳୀ ଭିନ୍ନ । ଦୁଇ ପିଚା ସଂପୂର୍ଣ୍ଣ ଦେଖାଯାଉଥାଏ। ଏ ସମ୍ପର୍କରେ ତାଙ୍କୁ ପଚାରିବାରୁ କହନ୍ତି – "ଆମ୍‌କେ ବନେ ନା' ଲାଗେ, ସୁର୍ ସୁରାଲିଆ।"[୨] ଅର୍ଥାତ୍ ଭଲ ଲାଗେ ନାହିଁ ଓ ପିଚାରେ କପଡ଼ା ଲାଗିଥିଲେ ସୁଲୁବୁଲୁ ଲାଗେ ବୋଲି କହନ୍ତି। ଏଣୁ ଅଣ୍ଟାର ଧୋତିକୁ ସର୍ବଦା ପିଚାର ଉପରକୁ ଟେକି ରଖିବାକୁ ପସନ୍ଦ କରନ୍ତି। ବସିବା ପୂର୍ବରୁ ଘର ହେଉ କିମ୍ବା କୌଣସି ଚଟାଣରେ ବସିଲେ ପଂକ୍ତି ତା ଉପରେ ବସନ୍ତି। ଏହାର କାରଣ ହେଉଛି ପ୍ରଥମତଃ ଲୁଗା ମଳି ନ ହେବା ଏବଂ ଦ୍ୱିତୀୟ କାରଣ ହେଉଛି ପିଚା ଯେହେତୁ କପଡ଼ାରେ ଘୋଡ଼ାଇ ହୋଇ ନଥାଏ ତେଣୁ ଚଟାଣ ଉପରେ ଯଦି ଛୋଟ ଛୋଟ ଗୋଡ଼ି ରହିଥାଏ ତାହେଲେ ପିଚାରେ ଲାଗିବ ବୋଲି ଫୁଙ୍କି ଥାନ୍ତି । ଏ ଅଭ୍ୟାସ ଏବେ ମଧ୍ୟ ଅନେକ ଲୋକଙ୍କର ଅଛି। ଆଜି ମଧ୍ୟ ଅର୍ଦ୍ଧ ଉଲଗ୍ନ ହୋଇ କାହିଁକି ରହୁଛନ୍ତି ତାକୁ ଅନୁଶୀଳନ କଲେ ଜଣାଯାଏ ଯେ ପିଢ଼ି ପରେ ପିଢ଼ି ଧରି ଏମାନେ ଉଲଗ୍ନ ହୋଇ ରହୁଥିଲେ, ଧିରେ ଧିରେ ପତ୍ର ବ୍ୟବହାର କଲେ ତେଣୁ ସେହି ଆଦିମ ଧାରାଟି କେଉଁଠି ନା କେଉଁଠି ରହିଯାଇଛି, ଯାହାଫଳରେ କପଡ଼ାର ବ୍ୟବହାର କଲେ ମଧ୍ୟ ସଂପୂର୍ଣ୍ଣ ଭାବରେ ତାକୁ ଗ୍ରହଣ କରିପାରି ନାହାନ୍ତି । କପଡ଼ାର ବ୍ୟବହାର କରିଛନ୍ତି ସେତେବେଳେ, ଯେତେବେଳେ ତାଙ୍କ ଶରୀରକୁ ସଂପୂର୍ଣ୍ଣ ଢାଙ୍କିବାକୁ ତାଙ୍କୁ ଠିକ୍ ଲାଗିନାହିଁ। ପ୍ରାଥମିକ ସ୍ତରରେ ଲଜ୍ଜା ନିବାରଣ ପାଇଁ ଲୁଗା ବ୍ୟବହାର କରିଛନ୍ତି ସତ କିନ୍ତୁ ସଂପୂର୍ଣ୍ଣ ଭାବରେ କରିପାରି ନାହାନ୍ତି, କେବଳ ଯୌନାଙ୍ଗକୁ ଢାଙ୍କିଛନ୍ତି ଯାହା। ସେହି ଅଭ୍ୟାସ କରିବା ଫଳରେ ଦୀର୍ଘ ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ପରମ୍ପରା ଭଳି ସେହି ପୁରୁଣା ଢାଞ୍ଚା ଏବେ ମଧ୍ୟ ରହିଛି।

ପୂର୍ବରୁ ସୂଚନା ଦେଇଛି ଯେ ପୁରୁଷ ଓ ନାରୀମାନେ ଖଣ୍ଡିଏ ମାତ୍ର ଲୁଗାବ୍ୟବହାର କରନ୍ତି। ସମସ୍ତଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ବୋଧହୁଏ ଏମାନେ ଖଣ୍ଡିଏ ଲୁଗା ବ୍ୟବହାର କରୁଥିବାର ଅନୁମାନ କରାଯାଇପାରେ। କାରଣ ଥିଲାବାଲା ଦୁଇ ରୁ ତିନି ଖଣ୍ଡ ମଧ୍ୟ ରଖିଥାନ୍ତି। ପୁରୁଷ ଥିଲାବାଲା ଧୋତି ସହ ଗାମୁଛା କାନ୍ଧରେ ପକାଇଥାନ୍ତି। ପୁରୁଷମାନେ ଏହି ଗାମୁଛା ଧରିବାର ଅନେକ କାରଣ ରହିଛି। ଯଦି ଗାମୁଛା କାନ୍ଧରେ ରହିଲା ତାହେଲେ ସେ ଥିଲାବାଲା ବା ଧନୀ ଲୋକ। ଗାମୁଛା ମୁଣ୍ଡରେ ରହିଲା ତାହେଲେ ସେ କାମ କରୁଛି ଏବଂ ଅଣ୍ଟାରେ ରହିଲା ସଉକ୍ ବୋଲି ଧରାଯାଏ। କନ୍ଧମାନେ ଖରାରେ ମଧ୍ୟ ଅନେକ ସମୟ ଯାଏଁ କାମ କରୁଥାନ୍ତି। ଯାହା ଖରାରୁ ରକ୍ଷା ପାଇବା ପାଇଁ ମୁଣ୍ଡରେ ପଗଡ଼ି ଦେଇ କାମ କରିଥାନ୍ତି। କନ୍ଧମାନଙ୍କର କାର୍ଯ୍ୟ କରିବାର ଶୈଳୀରେ ମୁଣ୍ଡରେ ଗାମୁଛା ବାନ୍ଧିବାର ବୈଶିଷ୍ଟ୍ୟ ରହିଛି। କୁହାଯାଏ ଯେ କନ୍ଧମାନେ ପୂର୍ବରେ ରାଜା ଭଳି ଥିଲେ ତେଣୁ ପଗଡ଼ି ଯେତେବେଳେ ମୁଣ୍ଡରେ ପଡ଼େ ତାଙ୍କୁ ଲାଗେ ତାଙ୍କର ରାଜମୁକୁଟ ମୁଣ୍ଡରେ ଅଛି। ଏଣୁପଗଡ଼ି ମୁଣ୍ଡରେ ଥିଲେ ଯେତେ କାର୍ଯ୍ୟ କଲେ ମଧ୍ୟ ସେମାନଙ୍କ ସମୟ ଜଣାପଡ଼େ ନାହିଁ । ଶକ୍ତିର ସହ କାର୍ଯ୍ୟଗୁଡ଼ିକ ସମ୍ପାଦନ କରିଥାନ୍ତି। ବାଳକ ଓ ଯୁବକ ଅବସ୍ଥାରେ ଥିବା କନ୍ଧମାନେ ପ୍ରାୟତଃ ଗାମୁଛାକୁ ଅଣ୍ଟାରେ ଭିଡ଼ିଥାନ୍ତି। ଏ ସମ୍ପର୍କରେ ପଚାରିବାରୁ କହନ୍ତି – "କଅଁଲି ଅଣ୍ଟା ବରକଶ୍ ନା'ହେଲେ ଭାଙ୍ଗତେ ଯାତ।"[୩] ଅର୍ଥାତ୍ ବାଳକ ଓ ଯୁବକମାନଙ୍କୁ କାମ ଯେତେବେଳେ ଶିଖା ଯାଉଥାଏ, ସେତେବେଳେ ଅଙ୍ଗକୁ ମଜବୁତ୍ କରିବା ପାଇଁ ଅଣ୍ଟାରେ ଗାମୁଛା ବନ୍ଧାଯାଏ। ଦେଶିଆ କନ୍ଧମାନଙ୍କର ଲୁଗା ବ୍ୟବହାରରେ ଧୋତି, ଗାମୁଛା ଓ ଶାଢ଼ୀର ରହିଥିବା ବେଳେ

କୁଟିଆ କନ୍ଧମାନେ ଗାମୁଛା ପରିବର୍ତ୍ତେ ଶାଲ ବ୍ୟବହାର କରିଥାନ୍ତି। ଅବଶ୍ୟ ଦେଶିଆ କନ୍ଧମାନେ କେବଳ ପୁରୁଷମାନେ ଗାମୁଛା ବ୍ୟବହାର କରୁଥିବା ବେଳେ କୁଟିଆ କନ୍ଧମାନଙ୍କର ଶାଲ ଉଭୟ ନାରୀ ଓ ପୁରୁଷ ବ୍ୟବହାର କରିଥାନ୍ତି।

- **କନ୍ଧମାନଙ୍କର ତନ୍ତୀକାର-ଡମ୍**

ଡମ୍ ଲୋକମାନେ କେବେଠୁ ଲୁଗାବୁଣିବା ଶିଖିଲେ ତାହା ସଠିକ୍ ଭାବରେ କହିବା ସମ୍ଭବପର ନୁହଁ। କନ୍ଧାନଦେଶ ବା ରାଜ୍ୟରେ ବୁଣାକାର୍ଯ୍ୟ କେବଳ ଡମ୍‌ମାନେ କରୁଥିଲେ। ପରବର୍ତ୍ତୀ କାଳରେ କନ୍ଧାନଦେଶ କୋଶଳ ରାଜ୍ୟ (ଦକ୍ଷିଣ କୋଶଳ)ର ଅନ୍ତର୍ଭୁକ୍ତ ହେବାରୁ ତନ୍ତୀ ଜାତି ଭାବରେ ଡମ୍, ଭୁଲିଆ, କୁଷ୍ଟା ଓ କୁଲି ଜାତି ବିବେଚିତ ହେଲେ। ଡମ୍‌ମାନେ ଖଦଡ଼ ଲୁଗା ବୁଣୁଥିଲେ। ଏହାର ଆକାର ମୋଟା ରହିଥିବାରୁ କପ୍‌ଟା ମଧ୍ୟ କହୁଥିଲେ। ତାହାସହ ଏହା ଡମ୍‌ମାନେ ବୁଣୁଥିବା କପ୍‌ଟା ହେତୁ ଏହାକୁ 'ଡମ୍‌କପ୍‌ଟା' ମଧ୍ୟ କହୁଥିଲେ । ଅନ୍ୟ ତିନି ତନ୍ତୀ ଜାତି ମଧ୍ୟରେ "କୁଲି ଜାତିର ତନ୍ତୀମାନେ କେବଳ ପ୍ଲେନ୍ ଡିଜାଇନର୍ କପଡ଼ା ବୁଣାବୁଣି କରନ୍ତି। କୁଷ୍ଟା ଜାତିର ବୁଣାକାରମାନେ ମଠା ଶାଢ଼ୀ ତିଆରି କରିବାରେ ଧୁରନ୍ଧର । ଏମାନେ ପାଟ ଶାଢ଼ୀ ମଧ୍ୟ ବୁଣନ୍ତି । ଏମାନଙ୍କ ମୁଖ୍ୟ କାମ ହେଲା କୁମ୍ଭ ଶାଢ଼ୀ ବୁଣିବା । XXX କୁଲିମାନଙ୍କର ମୁଖ୍ୟ କାମ ହେଲା ମଠା ସୂତା ତିଆରି ହେଉଥିବା କୋଷାକୁ ବିଭିନ୍ନ ପ୍ରଣାଳୀରେ ସିଝାଇ ତହିଁରୁ ସରୁ ମଠା ସୂତା ବାହାର କରି ମଠା ଶାଢ଼ୀ ବୁଣିବା ।"[୪] କିନ୍ତୁ କନ୍ଧମାନଙ୍କର ବସ୍ତ୍ର ବ୍ୟବହାରରେ ଦେଶିଆ କନ୍ଧମାନେ ଅତୀତରେ 'ଡମ୍‌କପ୍‌ଟା' ବ୍ୟବହାର କରୁଥିଲେ ଓ କୁଟିଆ ଯୁବତୀମାନେ ବୁଣୁଥିବା 'ଡଙ୍ଗରିଆ ଶାଲ' ଓ ଲୁଗା ବ୍ୟବହାର କରୁଥିଲେ।

- ଆଭୂଷଣ

ସୌନ୍ଦର୍ଯ୍ୟ ବୃଦ୍ଧି କରିବା ପାଇଁ ମଣିଷ ଆଦିମ କାଳରୁ ଆଜିଯାଏଁ ସର୍ବଦା ଚେଷ୍ଟା କରି 'ଆଭୂଷଣ'ର ଆଶ୍ରୟ ନେଇଛି। କନ୍ଧ ମଣିଷ ପତ୍ର ହେଉ କିମ୍ବା ଫଳ ଅବା ହେଉ ପଛେ କେଉଁ ଲତା ଜାତୀୟ ଗଛ ପ୍ରଭୃତିକୁ ବ୍ୟବହାର କରି ପ୍ରଥମେ ସୌନ୍ଦର୍ଯ୍ୟରେ ମଣ୍ଡିତ ହେବା ପାଇଁ ଆଗଭର ହୋଇଛି । ପୁଣି କେତେବେଳେ ମଇଁଷିର ସିଙ୍ଗକୁ ମୁକୁଟ କରିଛି ତ କେତେବେଳେ ପଦକ ଯେମିତି ମୁଖ୍ୟ ଆକର୍ଷଣ ସେହିଭଳି ମେଣ୍ଢାର ସିଂଙ୍ଗକୁ ପଦକ ଭାବି ଗ୍ରହଣ କରିଛି। କେତେବେଳେ ବାଘର ନଖକୁ 'ବାଘନଖି ମାଳି' କରି ପରିଧାନ କରିଛି ତ ଆଉ କେତେବେଳେ ସିଙ୍ଗରେ ତିଆରି 'ସିଂପାନିଆ' ମୁଣ୍ଡରେ ଖୋସି ହୋଇଛି। ଆଉ କେତେବେଳେ ପୁଣି ଖଗ୍‌ଲା, ବାହୁଟି, ମୁଦି, ଚୁଟ୍‌କି, କଡ୍‌ରିଆ, ବନ୍ଧରିଆ, ବାଡ଼ଟାହା ଲଗେଇଛି ତ ଆଉ କେତେବେଳେ ସୁନାରେ ନିର୍ମିତ ଅଳଙ୍କାର ମଣ୍ଡିତ ହୋଇ ନିଜର ସୌନ୍ଦର୍ଯ୍ୟକୁ ବୃଦ୍ଧି କରିଛି। କିନ୍ତୁ ଏହି ସୁନ୍ଦର ସୁନ୍ଦର ଅଳଙ୍କାର ଗୁଡ଼ିକ ବ୍ୟବହାର କରିବା ବଡ଼କଥା ନୁହେଁ! ବଡ଼କଥା ହେଉଛି କେଉଁ ଢଙ୍ଗରେ କନ୍ଧମାନେ ବ୍ୟବହାର କରୁଥିଲେ। କାରଣ ବ୍ୟବହାର ଜାଣି ନଥିଲେ ସୌନ୍ଦର୍ଯ୍ୟର ବୃଦ୍ଧି ଘଟେ ନାହିଁ ବରଂ ହ୍ରାସ ଘଟିଥାଏ। ତେଣୁ କନ୍ଧମାନଙ୍କର ଅଳଙ୍କାର ଆଭୂଷଣ ଶୈଳୀର ଗୋଟିଏ ସରଣୀ ନିମ୍ନରେ ପ୍ରସ୍ତୁତ କରାଗଲା –

# ଆଭୂଷଣ ସାରଣୀ

| କ୍ରମିକ ସଂଖ୍ୟା | ଅଳଙ୍କାରର ନାମ | କେଉଁ ଅଙ୍ଗର ଧାରଣ କରାଯାଏ | କେଉଁ ଧାତୁ/ ବସ୍ତୁରେ ନିର୍ମିତ | କିଏ ଧାରଣ କରନ୍ତି (ପୁରୁଷ / ସ୍ତ୍ରୀ) | ସ୍ୱରୂପ |
|---|---|---|---|---|---|
| **ବାଳର** | | | | | |
| ୧ | ଚେଇଁରି ମୁଣ୍ଡି | ଖୋଷାର ଉପର ଅଂଶ | ଲୁହା, ରୂପା, ପିତଳ ଓ ରସ | ସ୍ତ୍ରୀ | ଏହା ଝରାଯୁକ୍ତ |
| ୨ | ଖ୍ରିପିନ୍ | ଖୋଷା, ବେଣୀ | ଲୁହା, ରୂପା, ପିତଳ ଓ ରସ | ସ୍ତ୍ରୀ | ଖୋଷାକୁ ଟାଣି କରି ବାନ୍ଧି ରଖିଥାଏ। ସିଧା, ବାଙ୍କ ଓ ଝୁମ୍ପା, ଏଭଳି ତିନି ରକମର। |
| ୩ | ଚିପ୍‌ନା | ମସ୍ତକର ସମ୍ମୁଖ ଭାଗ କେଶ | ଲୁହା, ରୂପା, ପିତଳ ଓ ରସ | ସ୍ତ୍ରୀ | ଚିପ୍‌ନାର ଢେଓ ଢେଉକା ପାତିଆ ବାହାରକୁ ଦେଖାଯାଇଥାଏ। |
| ୪ | ସିଙ୍ଗ୍‌ପନିଆ | ଖୋଷାର ଉପରିଭାଗ | ସିଙ୍ଗ | ସ୍ତ୍ରୀ | ଆଜିକାଲି ଏହା ଦେଖିବା ବିରଳ। |
| ୫ | ପାନ୍‌ପତରି | ଖୋଷା | ଲୁହା, ରୂପା, ପିତଳ ଓ ରସ | ସ୍ତ୍ରୀ | ଖ୍ରପିନି ଭଳି ବାଳକୁ ଚାପି ଧରିଥାଏ। |
| ୬ | ଗରାକଟା | ଖୋଷା | ଲୁହା, ରୂପା, ପିତଳ ଓ ରସ | ସ୍ତ୍ରୀ | ଛୁଞ୍ଚି ଆକୃତିର। ଉପର ପାର୍ଶ୍ୱରେ ମୁଣ୍ଡୁଳା ହୋଇ ଟୋପାଟିଏ ଥାଏ। |
| **ମୁହଁର** | | | | | |
| ୧ | ଗୁନା | ନାକପୁଡ଼ାର ଦୁଇପାର୍ଶ୍ୱ | ସୁନା, ପିତଳ ଓ ରସ ଇତ୍ୟାଦି | ସ୍ତ୍ରୀ | ଚିକ୍‌ରିଗୁନା ଓ ହାରାଗୁନା, ଏଭଳି ଦୁଇ ରକମର। |
| ୨ | ଜଣ୍ଡି/ଡଣୀ | ନାକର ଦୁଇଫୁଡ଼ା ମଝି | ସୁନା, ପିତଳ | ସ୍ତ୍ରୀ | ନାକରୁ ଉପର ଓଠ ପାଖକୁ ଝୁଲି ରହିଥାଏ। ଓଜନ ପ୍ରାୟ ଅଧତୋଳା ଭିତରେ। |
| ୩ | ଖୁଟିଆ | ନାକପୁଡ଼ାର ଉପର ଦୁଇପାର୍ଶ୍ୱ | ସୁନା | ସ୍ତ୍ରୀ | ଏହା ଏକ ହାଲୁକା ଅଳଙ୍କାର। ପ୍ରାୟ ଚାରିଅଣା ଓଜନର |
| **କାନର** | | | | | |
| ୧ | ବେଟ୍‌ଲା | କାନର ଠିକ୍ ଫୁସୁଆ ତଳକୁ | ସୁନା | ସ୍ତ୍ରୀ | ଏହା ସୁନାର କାଠି, ଦୁଇ ପାର୍ଶ୍ୱରେ ଛୋଟ ଛୋଟ ଫୁଲ ବସାଯାଇଥାଏ। |
| ୨ | ଫୁସୁଆ | କାନର ଉପରି ଅଂଶରେ | ସୁନା | ସ୍ତ୍ରୀ / ପୁରୁଷ | ଦୁଇ ଧାରୁଆ କରି ମୋଡ଼ା ହୋଇଥାଏ। |

| କ୍ରମିକ ସଂଖ୍ୟା | ଅଳଙ୍କାରର ନାମ | କେଉଁ ଅଙ୍ଗର ଧାରଣ କରାଯାଏ | କେଉଁ ଧାତୁ/ ବସ୍ତୁରେ ନିର୍ମିତ | କିଏ ଧାରଣ କରନ୍ତି (ପୁରୁଷ / ସ୍ତ୍ରୀ) | ସ୍ୱରୂପ |
|---|---|---|---|---|---|
| ୩ | ଝଲପା | କାନର ତଳ ଅଂଶ | ସୁନା | ସ୍ତ୍ରୀ | କାନର ପଛ ପାଖରୁ ଫୁରଲାଗି ଭିଡ଼ା ହୋଇଥାଏ। |
| ୪ | ଜାମ୍‌ଲି/ ଜୁଲ୍‌କି | କାନର ତଳ ଅଂଶ | ସୁନା | ସ୍ତ୍ରୀ/ପୁରୁଷ | ଦୁଇ ଧାରୁଆ, ସାମ୍‌ନାକୁ ସୁନାର ଫୁଲ ଥାଏ। |
| ୫ | କର୍ଣ୍ଣଫୁଲ | କାନର ତଳ ଅଂଶ | ସୁନା | ସ୍ତ୍ରୀ | ସୁନାର ତିନୋଟି ଝରାଲଗା ଫୁଲକୁ ଗୁନ୍ଥାହୋଇ ପଛଆଡୁ ଫୁର ଦ୍ୱାରା ଭିଡ଼ା ହୋଇଥାଏ। |
| ୬ | ଗଁଠିଆ | କାନର ତଳ ଅଂଶ | ସୁନା/ପିତଳ | ସ୍ତ୍ରୀ | ଗାଟିକିଆ ପିଟା ସୁନା ମୁଦି |
| ୭ | ନାଙ୍ଗୁଲ୍ | କାନର ତଳ ଅଂଶ | ସୁନା | ସ୍ତ୍ରୀ | ଦୁଇ ଧାରୁଆ କରି ମୋଡ଼ା ହୋଇଥାଏ। |
| ୮ | ସିକ୍‌ଲି | କାନର ତଳୁ ଉପରକୁ | ସୁନା | ସ୍ତ୍ରୀ | ଏହା ସୁନାର ଶିଙ୍କୁଳି, କାନର ତଳୁ ଉପରକୁ ଲମ୍ବି ରହିଥାଏ। |
| **ବେକର** | | | | | |
| ୧ | ଖକ୍‌ଲା/ ଖଗ୍‌ଲା | ବେକ | ରୂପା | ସ୍ତ୍ରୀ/ପୁରୁଷ | ଗୋଲାକାର ବଡ଼ ବଳା, ମଝି ଅଂଶ ମୋଟା ଓ ଦୁଇ ଅଗଆଡ଼କୁ ସରୁ। କେବଳ ବିବାହ ବେଳେ ପିନ୍ଧନ୍ତି। |
| ୨ | ସୁକିଦାନ | ବେକ | ସୁନା, ରୂପା ଓ ନିକେଲ | ସ୍ତ୍ରୀ, ଛୁଆ ଓ ପୁରୁଷ | ଚାରିଅଣୀ କଏନ୍‌ର ଏକ ମାଳ। |
| ୩ | ଚାପ୍‌ସାର | ବେକ | ସୁନା | ସ୍ତ୍ରୀ | ଏହା ଅଲଗା ଧାତୁର ସରୁତାରରେ ଗୁନ୍ଥା ଓ ବେକରେ ଚାପି ହୋଇ ରହିଥାଏ। |
| ୪ | ଅଦ୍‌ଲିଦାନ | ବେକ | ସୁନା, ରୂପା ଓ ନିକେଲ | ସ୍ତ୍ରୀ, ଛୁଆ ଓ ପୁରୁଷ | ଆଠଅଣୀ କଏନ୍‌ର ଏକ ମାଳ। |
| ୫ | ଟଙ୍ଗାଦାନ୍ | ବେକ | ରୂପା ଓ ନିକେଲ | ସ୍ତ୍ରୀ, ଛୁଆ ଓ ପୁରୁଷ | ଟଙ୍କିକିଆ କଏନ୍‌ର ଏକ ମାଳ। |
| ୬ | କାଳିମାଳି | ବେକ | ଗଣ୍ଡିମାଳି | ସ୍ତ୍ରୀ, ଛୁଆ | ସ୍ତ୍ରୀଙ୍କ କ୍ଷେତ୍ରରେ ଶୁଭପ୍ରଦ, ଶିଶୁଙ୍କୁ କୁଦୃଷ୍ଟିରୁ ମୁକ୍ତ ରଖେ। |
| ୭ | ଧୁଦ୍‌ମାଳି | ବେକ ଓ ହାତକଚି | ଗଣ୍ଡିମାଳି | ଶିଶୁ | ଛୁଆଙ୍କୁ ପିନ୍ଧାଇଲେ ତାଙ୍କୁ କ୍ଷୀର ଲାଗେ ଓ ସୁସ୍ଥ ରହନ୍ତି। |
| ୮ | କଁଠିମାଳି | ବେକ | ଗଣ୍ଡିମାଳି | ଶିଶୁ | କଳା ମାଳି ଠାରୁ ବଡ଼ ବାନାର, ଏହା ସୁନେଲୀ ରଙ୍ଗର। |

| କ୍ରମିକ ସଂଖ୍ୟା | ଅଳଙ୍କାରର ନାମ | କେଉଁ ଅଙ୍ଗର ଧାରଣ କରାଯାଏ | କେଉଁ ଧାତୁ/ ବସ୍ତୁରେ ନିର୍ମିତ | କିଏ ଧାରଣ କରନ୍ତି (ପୁରୁଷ / ସ୍ତ୍ରୀ) | ସ୍ୱରୂପ |
|---|---|---|---|---|---|
| ୯ | ଗଁଟ୍‌ମାଲି | ବେକ | ଗଣ୍ଠିମାଳି | ସ୍ତ୍ରୀ | ଧାତୁ, ପ୍ଲାଷ୍ଟିକ୍, ପୋହଳା ଇତ୍ୟାଦିରୁ ତିଆରି ହୋଇଥାଏ। |
| ୧୦ | ସୁର୍‌ସୁମାଲି/ ସୁର୍‌ସାମାଲି | ବେକ | ସୁନା | ସ୍ତ୍ରୀ ଓ ଛୁଆ | ସୋରିଷ ଦାନା ଆକାରର ଗଣ୍ଠିଗୁଡ଼ିକୁ ସୂତାରେ ଗୁନ୍ଥି ମଝିରେ ଚାନ୍ଦି ଲଗାଯାଇଥାଏ। |
| ୧୧ | ଧାନ୍‌ମାଲି | ବେକ | ସୁନା | ସ୍ତ୍ରୀ ଓ ଛୁଆ | ଗଣ୍ଠିଗୁଡ଼ିକ ଧାନ ଆକାରର |
| ୧୨ | ଡୁଆମାଲି | ବେକ | ସୁନା | ସ୍ତ୍ରୀ, ଛୁଆ ଓ ପୁରୁଷ | ଗଣ୍ଠିଗୁଡ଼ିକ ଢେଲା ଭଳି ଗୋଲାକାର ଓ ଖାଲୁଆ, ମଝିରେ ଚାନ୍ଦି ଥାଏ। |
| ୧୩ | କାନ୍ଦୁଲ୍ ଚୁପା | ବେକ | ସୁନା | ସ୍ତ୍ରୀ, ଛୁଆ ଓ ପୁରୁଷ | ଗଣ୍ଠିଗୁଡ଼ିକ କାନ୍ଦୁଲର ଚୋପା ଆକୃତିର, ପ୍ରତି ଗଣ୍ଠି ଆଗରେ ସୋରିଷ ଦାନା ଭଳି ସୁନା ଲାଗେ। |
| ୧୪ | ବିନ୍‌ସୁତାର୍ ମାଲି | ବେକ | ସୁନା | ସ୍ତ୍ରୀ, ଛୁଆ ଓ ପୁରୁଷ | କେବଳ ସୁନାକୁ ପିଟି ପିଟି ତିଆରି ହୁଏ, ସୂତା ଲାଗେ ନାହିଁ। |
| **ହାତର** | | | | | |
| ୧ | କତ୍‌ରିଆ | ଦୁଇ ହାତଚକି | ରୂପା, ମାର୍‌ବାଡ଼ି ଓ ନିକେଲ | ସ୍ତ୍ରୀ | ଉପର ଅଂଶ ମାଛପିଠି ଭଳି ଧାରୁଆ, ଗୋଲାକାର ଓ ଫମ୍ପା। ଚୁଡ଼ି ପିନ୍ଧିବା ପୂର୍ବରୁ ପିନ୍ଧାଯାଏ। |
| ୨ | ବନ୍ଦ୍‌ରିଆ | ଦୁଇ ହାତଚକି | ରୂପା, ମାର୍‌ବାଡ଼ି ଓ ନିକେଲ | ସ୍ତ୍ରୀ | କତ୍‌ରିଆ ଭଳି କିନ୍ତୁ ଦନ୍ତୁରିତ, ଚୁଡ଼ିପରେ ପାପୁଲି ମୁହଁକୁ ରହେ। |
| ୩ | ଟାହାଁଡ଼୍/ ଟାଡ଼୍/ ବା'ଟାହାଁଡ଼୍ | ବାହୁ | ରୂପା, ମାର୍‌ବାଡ଼ି ଓ ନିକେଲ | ସ୍ତ୍ରୀ | ଏହା ବହୁର ବଳା, ଏଥିରେ ଫୁଲ ପଡ଼ି ତାରକସି କାମ ହୋଇଥାଏ। |
| ୪ | ବାହାସୂତା | ବାହୁ, ଠିକ୍ କହୁଣୀ ଉପରକୁ | ରୂପା, ମାର୍‌ବାଡ଼ି ଓ ନିକେଲ | ସ୍ତ୍ରୀ | ପ୍ରାୟ ୧ ଇଞ୍ଚ ଓସାର ଥାଏ। |
| ୫ | କଲାରି | ଦୁଇ ହାତଚକି | ରୂପା | ସ୍ତ୍ରୀ ଓ ଛୋଟ ଝିଅ | କବ୍‌ଜା ଓ ଖୁଣ୍ଟିଦ୍ୱାରା ଭିଡ଼ି ପିନ୍ଧାଯାଇଥାଏ। |
| ୬ | ହାତ୍‌ପଟ୍‌ନି | ଦୁଇ ହାତଚକି | ରୂପା | ସ୍ତ୍ରୀ | ଚୁଡ଼ିଠାରୁ ଟିକିଏ ଓସାରିଆ, କବ୍‌ଜା ଓ ଖୁଣ୍ଟି ଦ୍ୱାରା ଭିଡ଼ି ପିନ୍ଧାଯାଏ। |
| ୭ | ବାହାଟି | ବାହୁର ଉପର ଅଂଶ | ରୂପା, ରସ ଓ ମାର୍‌ବାଡ଼ି | ସ୍ତ୍ରୀ, ବିଜୁ ଓ ବେଜନ୍ | ସ୍ପ୍ରିଙ୍ଗ୍‌ଭଳି ବାହୁରେ ଚାପି ହୋଇ ରହିଥାଏ। |

| କ୍ରମିକ ସଂଖ୍ୟା | ଅଳଙ୍କାରର ନାମ | କେଉଁ ଅଙ୍ଗର ଧାରଣ କରାଯାଏ | କେଉଁ ଧାତୁ/ ବସ୍ତୁରେ ନିର୍ମିତ | କିଏ ଧାରଣ କରନ୍ତି (ପୁରୁଷ / ସ୍ତ୍ରୀ) | ସ୍ୱରୂପ |
|---|---|---|---|---|---|
| ୮ | ସଁକ୍‌ସଟି | ଟାହାଁଡ଼୍ ଉପରେ | ରୂପା, ରସ ଓ ମାର୍‌ବାଡ଼ି | ସ୍ତ୍ରୀ, ବିଜୁ ଓ ବେଜନ୍ | ପତଳା ଓ ଚେପ୍‌ଟା । ଦୁଇ ମୁହଁକୁ କାଠି ଲଗାଇ ଭିଡ଼ାଯାଏ । |
| ୯ | ଖୁଡୁ | ଦୁଇ ହାତଚକି | ରୂପା, ରସ ଓ ମାର୍‌ବାଡ଼ି | ସ୍ତ୍ରୀ ଓ ପୁରୁଷ | ଏହା ବଳା ଭଳି ଏକ ଅଳଙ୍କାର, ହାତର ଖଡୁ |
| ୧୦ | ମୁନ୍ଦି (ମୁଦି) | ଦୁଇ ହାତ ଆଙ୍ଗୁଠି | ସୁନା, ରୂପା | ସ୍ତ୍ରୀ/ପୁରୁଷ ପିତଳ ଓ ତମ୍ବା | ଆଙ୍ଗୁଠି ପିନ୍ଧା ମୁଦିରେପଥର ବସେ ନାହିଁ । କେବଳ ପାନପତ୍ର ବା ଫୁଲ ଛାପ ରହିଥାଏ । |
| ୧୧ | ଛତାମୁନ୍ଦି | ଦୁଇ ହାତ ଆଙ୍ଗୁଠି | ରୂପା ଓ ରସ | ସ୍ତ୍ରୀ | ମୁଦିର ଉପରେ ରୂପା ଟଙ୍କା ବା ନିକେଲ ଟଙ୍କା ବସାଯାଇଥାଏ । |
| ୧୨ | ବଳା | ଦୁଇ ହାତଚକି | ସୁନା, ରସ ଓ ମାର୍‌ହାଡ଼ି | ସ୍ତ୍ରୀ, ପୁରୁଷ ଓ ଛୁଆ | ପୁରୁଷ ପିଲା କେବଳ ବାମ ହାତରେ ମାତ୍ର ଗୋଟିଏ ପିନ୍ଧନ୍ତି । |
| ୧୩ | ଚୁରି | ଦୁଇ ହାତଚକି | ସୁନା, ରୂପା, ରସ, କାଚ, ନିକେଲ ଓ ପ୍ଲାଷ୍ଟିକ୍ | ସ୍ତ୍ରୀ | କନ୍ଧ ରମଣୀମାନେ ଆଜିକାଲି କାଚ ଚୁଡ଼ି ପିନ୍ଧିବା ଶିଖିଲେଣି । |
| **ପାଦର** | | | | | |
| ୧ | ପଇଁରି | ପାଦର ଗୋଇଠି | ପିତଳ | ସ୍ତ୍ରୀ | ଏହା ପୋଲା ଓ ତା ଭିତରେ ଗୋଟିଏ ଥିବାରୁ ଝୁମ୍‌କା ଭଳି ବାଜେ । ଆକାରରେ ଢେଉ ଢେଉକା । |
| ୨ | ଇାଁକି | ପାଦର ଗୋଇଠି | ପିତଳ | ସ୍ତ୍ରୀ | ଖଡୁ ଭଳି ଚେପ୍‌ଟା, ଗୋଲାକାର ଓ ଗୋଡ଼କୁ ଚାପି ଧରିଥାଏ । |
| ୩ | ପାଁଜୁଲ | ପାଦ | ରୂପା | ସ୍ତ୍ରୀ | ଏହା ଡମ୍ ରମଣୀଙ୍କର ପାଉଁଜୀ । |
| ୪ | ଟୁଣ୍ଡଲ୍ | ପାଦର ଗୋଇଠି | ରୂପା, ରସ | ସ୍ତ୍ରୀ | ଟୁଣ୍ଡଲ୍‌ରେ ଫୁଲ ବସାଯାଇଥାଏ, ପଇଁରି ଓ ପାଁଜୁଲ୍ ସହିତ ପିନ୍ଧାଯାଏ । |
| ୫ | ଅଙ୍ଗ୍‌ଟା | ଦୁଇ ପାଦର ବୁଢ଼ା ଆଙ୍ଗୁଠି | ରୂପା, ରସ | ସ୍ତ୍ରୀ | ଏହା ପାଦ ବୁଢ଼ା ଆଙ୍ଗୁଠିର ମୁଦି । |
| ୬ | ଝୁଟ୍‌କି/ ଚୁଟ୍‌କି | ପାଦର କାଣି ଆଙ୍ଗୁଠି ଓ ତା ପାଖ ଆଙ୍ଗୁଠି | ରୂପା, ରସ | ସ୍ତ୍ରୀ | ଆକାରରେ ଅଖିଆ ଠାରୁ ଛୋଟ । |
| ୭ | ଅଖିଆ | ବୁଢ଼ା ଆଙ୍ଗୁଠିର ନିକଟ ଦୁଇ ଆଙ୍ଗୁଠି | ରୂପା, ରସ | ସ୍ତ୍ରୀ | ତାର ମୋଡ଼ି ତିଆରି କରାଯାଇଥାଏ । |

| କ୍ରମିକ ସଂଖ୍ୟା | ଅଳଙ୍କାରର ନାମ | କେଉଁ ଅଙ୍ଗର ଧାରଣ କରାଯାଏ | କେଉଁ ଧାତୁ/ ବସ୍ତୁରେ ନିର୍ମିତ | କିଏ ଧାରଣ କରନ୍ତି (ପୁରୁଷ / ସ୍ତ୍ରୀ) | ସ୍ୱରୂପ |
|---|---|---|---|---|---|
| ୮ | ଖୁଟିଆ | ବୁଢ଼ା ଆଙ୍ଗୁଠି ଛଡ଼ା ଅନ୍ୟସବୁ ଆଙ୍ଗୁଠିରେ | ରୂପା, ରସ | ସ୍ତ୍ରୀ | ଏହା ଉପରେ ଛୋଟ ଛୋଟ ଫୁଲ ବସାଯାଇଥାଏ । |
| **ଅଣ୍ଟାର** | | | | | |
| ୧ | ଅଁଟା ଗୁନ୍‌ଚି | ଅଣ୍ଟାର ଚତୁପାର୍ଶ୍ୱ | ରୂପା, ରସ | ସ୍ତ୍ରୀ ଓ ପୁରୁଷ | ପ୍ରାୟ ଏକ ଇଞ୍ଚ ଓସାରର ତାରକଶି କାମ ହୋଇଥାଏ । ପୁରୁଷ ଲୋକେ ଧୋତି ଉପରେ ପିନ୍ଧନ୍ତି । |
| ୨ | ଅଁଟା ସିକ୍‌ଲି | ଅଣ୍ଟାର ଚତୁପାର୍ଶ୍ୱ | ରୂପା, ରସ | ସ୍ତ୍ରୀ | ଏହା ଅଣ୍ଟାର ଏକ ରକମ ଶିଙ୍କୁଳି । |
| ୩ | ଅଁଟା ସୂତା | ଅଣ୍ଟାର ଚତୁପାର୍ଶ୍ୱ | ରୂପା, ରସ | ସ୍ତ୍ରୀ | ଏହା ଏକ ଧାତୁ ନିର୍ମିତ ତାରକଶି କାମର ଦଉଡ଼ି |
| ୪ | ଅଁଟା ଡୋର୍ | ଅଣ୍ଟାର ଚତୁପାର୍ଶ୍ୱ | ମୋଟା ସୂତା | ସ୍ତ୍ରୀ, ଛୁଆ ଓ ପୁରୁଷ | ନାଲି ରଙ୍ଗର ସୂତା, ଏହା ଅଣ୍ଟାରେ ନ ରହିଲେ ଅଶୁଭ ବିଚାର କରନ୍ତି । |

(ଏହି ସାରଣୀ ପ୍ରସ୍ତୁତି ପାଇଁ "କନ୍ଧମାଳର ଡମ୍ ଲୋକସଂସ୍କୃତି" ପୁସ୍ତକର ସହାୟତା ନିଆଯାଇଅଛି)[୫]

- **ବନାଗୁଜା (ଚିତାକୁଟା)**

"ଆସିଛୁ ଏକେଲା ଜୀବୁ ଏକେଲା
ନ ଯିବେ ତୋ ସାଙ୍ଗେ କେହି ।"[୬]

ଏହି ପ୍ରସିଦ୍ଧ ପଂକ୍ତିର ଅର୍ଥ ହେଉଛି ଏହି ସଂସାରକୁ ମନୁଷ୍ୟ ରୂପରେ ଜନ୍ମ ହୋଇ ଆସିଲେ କେହି କୌଣସି ଜିନିଷ ଧରି ଆସନ୍ତି ନାହିଁ କିମ୍ବା ଏହି ମର୍ତ୍ତ୍ୟ ମଣ୍ଡଳରୁ ବାହୁଡ଼ିଗଲା ବେଳେ ମଧ୍ୟ କିଛି ନେଇକି ଯାଆନ୍ତି ନାହିଁ । ଅର୍ଥାତ୍ ଶୂନ୍ୟ ହସ୍ତରେ ଆସି ଶୂନ୍ୟ ହସ୍ତରେ ଫେରିଯିବା । ସ୍ୱର୍ଗଗାମୀ ହେବା । ଧନ, ରତ୍ନ, ସମ୍ପତ୍ତି, ବାଡ଼ି, ସ୍ତ୍ରୀ, ପିଲା-ଛୁଆ, ସମ୍ପର୍କୀୟ ସମସ୍ତେ ସେହି ସ୍ଥାନରେ ହିଁ ରହିବେ କେହି ସାଙ୍ଗରେ ଯିବେ ନାହିଁ । ଅର୍ଥାତ୍ ମୃତ୍ୟୁ ସତ୍ୟ ଏବଂ ସତ୍ୟ ଏହା ବି ମନୁଷ୍ୟ ଯେଉଁଭଳି ନଙ୍ଗଳା ହୋଇ ଜନ୍ମ ହୋଇଥାଏ ସେହିଭଳି ମୃତ୍ୟୁ ହେଲେ ମଧ୍ୟ ନଙ୍ଗଳା କରି ସଂସ୍କାର ବିଧି ପାଳନ କରାଯାଏ କିନ୍ତୁ କନ୍ଧ ସମ୍ପ୍ରଦାୟରରେ ସଂସ୍କାର ବିଧିରେ 'ଶୂନ୍ୟହସ୍ତ' ପରମ୍ପରା ରହିଥିଲେ ମଧ୍ୟ ମୃତ୍ୟୁପରେ ସ୍ୱର୍ଗ ବିଶ୍ୱାସ ନାହିଁ । ଏମାନେ ମୃତ୍ୟୁ ପରେ ସ୍ୱର୍ଗକୁ ନୁହେଁ 'ଡୁମା' ହୋଇ ଆସନ୍ତି ତାଙ୍କ ଘରକୁ । ଏମାନଙ୍କର ବିଶ୍ୱାସ ସେମାନେ ମୃତ୍ୟୁପରେ ନିଜ ପରିବାରରେ ଜନ୍ମ ନିଅନ୍ତି । ତେଣୁ ନବଜାତ ଶିଶୁଟି ଜନ୍ମ ନେଲା ପରେ କେଉଁ ଡୁମା ଆସିଛି ବୋଲି ଚିହ୍ନଟ କରାଯାଏ । ତେଣୁ ଫେରିବାର ପରମ୍ପରା ଥିବା ହେତୁ ଏମାନେ କିଛି ନେଇକି ଯିବାର

ବିଶ୍ୱାସ ମଧ୍ୟ ରହିଛି । ଅନ୍ୟ ସମ୍ପ୍ରଦାୟର ଲୋକମାନେ ଯେଉଁଭଳି ଖାଲି ହାତରେ ଆସି ଖାଲି ହାତରେ ଯାଆନ୍ତି ସେହିଭଳି କନ୍ଧ ସମ୍ପ୍ରଦାୟରେ ନୁହେଁ। ଏମାନେ କହନ୍ତି କିଛି ନହେଲେ 'ବନା ଧନ' ହେଲେ ନେଇକି ଯିବା । (ଏମାନେ ବନାକୁ ଧନ ବୋଲି ମଧ୍ୟ କହନ୍ତି) ସେଥିପାଇଁ ସେମାନେ କହନ୍ତି – "ଇ ପୁରୁ କିଛୁ ନା ନେଲେ ଭିଲ୍ ଇ ଧନ (ବନା/ଚିତା) କେ ନେତେ ଯିମୁଁ ।"(୭) ଅର୍ଥାତ୍ ଧନ, ସମ୍ପତ୍ତି କିଛି ନ ନେଇ ପାରିଲେ ମଧ୍ୟ ଏ ପୁର (ମର୍ତ୍ତ୍ୟ) ଚିତାକଟା ରୂପକ ଧନକୁ ନେଇକି ଯିବାର ବିଶ୍ୱାସ ରହିଛି । କନ୍ଧ ସଂସ୍କୃତିରେ ଏହାକୁ 'ବନାଗୁଦା' କୁହାଯାଏ । 'ବନା'ର ଅର୍ଥ ଚିତ୍ର । ଅତୀତରେ ବନା କହିଲେ କାନ୍ଥ ଚିତ୍ର, ଝୋଟି ଚିତ୍ର ଓ ଦେହରେ ଆଙ୍କି ହେଉଥିବା ଚିତ୍ରକୁ ବୁଝାଉଥିଲା କିନ୍ତୁ ବର୍ତ୍ତମାନ 'ବନାଗୁଦା' କହିଲେ ଦେହରେ ଆଙ୍କି ହେଉଥିବା ଚିତ୍ରକୁ ହିଁ ବୁଝାଏ। 'ଗୁଦି'ର ଅର୍ଥ ହେଉଛି ଟିପିବା, ଫୋଡ଼ିବା, ଆଙ୍କିବା ପ୍ରଭୃତି ଅର୍ଥରେ ବ୍ୟବହାର ହୋଇଥାଏ । କନ୍ଧମାନଙ୍କର ବାସଗୃହ ଅତୀତରେ 'ମାଟିଘର' ଗୁଡ଼ିକରେ ବନାଗୁଦା ବା ଅଙ୍କନ କରାଯାଉଥିଲା କିନ୍ତୁ 'ବନାଗୁଦି' କହିଲେ ସ୍ପଷ୍ଟ ହୋଇ ଯାଏ ଯେ କୌଣସି ଏକ ଲିଙ୍ଗକୁ (ମଣିଷକୁ) ବୁଝାଏ। ତେଣୁ 'ବନାଗୁଦା'ରୁ 'ବନାଗୁଦି' ଶବ୍ଦ ଅଧିକ ଯଥାର୍ଥ ହୋଇଥିଲା । ଏହି ବନାଗୁଦି କନ୍ଧ ରମଣୀମାନେ ସୌନ୍ଦର୍ଯ୍ୟବୃଦ୍ଧି କରିବା ପାଇଁ ଦେହର ବିଭିନ୍ନ ଅଙ୍ଗରେ ଚିତା କୁଟାଇଥାନ୍ତି । କହୁଣୀ, ବାହୁ, ଛାତି, ମୁହଁ, ଗୋଡ଼, ପାଦର ଉପରି ଭାଗ, ହାତ ଓ ପାପୁଲିରେ କୁଟେଇଥାନ୍ତି । କିନ୍ତୁ ଅନ୍ୟ ଗୋଟିଏ ତଥ୍ୟରୁ ଜଣାଯାଏ ଯେ ଭାରତକୁ ମୁସଲମାନ ଓ ଇଂରେଜମାନଙ୍କ ଆଗମନ ଫଳରେ ଅତ୍ୟାଚାର ବଢ଼ି ଚାଲିଲା । ସୁନ୍ଦରୀ ଯୁବତୀମାନଙ୍କୁ ମୁସଲମାନ ଓ ଇଂରେଜମାନେ ଉଠାଇନେଇ ବଳାତ୍କାର କରିବାକୁ ଲାଗିଲେ ଯାହା'ଙ୍କରେ ନିଜର ସୌନ୍ଦର୍ଯ୍ୟକୁ ନଷ୍ଟ କରିବା ପାଇଁ ମୁହଁରେ ଏହିଭଳି ବିଭିନ୍ନ ପ୍ରକାରର ଚିତ୍ର କରୁଥିଲେ ବୋଲି କୁହାଯାଏ । ଅବଶ୍ୟ ଏ କଥା ସହ ମୁଁ ଏକମତ ହୁଏ ଯେ ଆଦିବାସୀ ରମଣୀମାନେ ଖୁବ୍ ସୁନ୍ଦର ଥିଲେ ବୋଲି । ତାହା ସହ କେବଳ ଅତ୍ୟାଚାର ଓ କୁଦୃଷ୍ଟି କେବଳ ମୁସଲମାନ ଓ ଇଂରେଜମାନେ ପକାଉଥିଲେ ତାହା ନୁହେଁ ବିଭିନ୍ନ ଅଣଆଦିବାସୀ ରାଜାମାନେ ମଧ୍ୟ କରୁଥିଲେ, ଯାହା ଆଦିକବି ସାରଳା ଦାସ ଆଦିବାସୀ ରମଣୀମାନଙ୍କ ସୁନ୍ଦରତାର ବୈଶିଷ୍ଟ୍ୟ ଦର୍ଶାଇବାକୁ ଯାଇ ବହୁ ପୂର୍ବରୁ କହିଛନ୍ତି –

"ବନଚର ହୋଇ ତୋର ଏମନ୍ତ ଘରଣୀ
ରାଜାର ଅଭିଷେକକୁ ଏ ଯୋଗାଏ ପାଟରାଣୀ।"(୮)

ଅର୍ଥାତ୍ ଦୁଃଶାସନ ଜାରାଶବରର ଘରଣୀର ସୌନ୍ଦର୍ଯ୍ୟକୁ ଦେଖି କହିଛି ବନଚର (ଆଦିବାସୀ) ହୋଇ ଏହିଭଳି ସ୍ତ୍ରୀ ବା ଅତ୍ୟନ୍ତ ସୁନ୍ଦରୀ ରମଣୀ, ଏ ତ ଏଠି (ବନ) ନୁହେଁ ରାଜାଙ୍କ ପାଟରାଣୀ ହେବା କଥା ବୋଲି କହିଛି । ଏଣୁ ସାରଳା ଦାସଙ୍କ ଉକ୍ତିକୁ ବିଚାର କଲେ ଏମାନେ ବନା ଗୁଦେଇବାର ଏହା ମଧ୍ୟ ଗୋଟିଏ କାରଣ ହୋଇପାରେ ।

ବନା ଅଙ୍ଗ ଅନୁଯାଇ ଗୁଦା ଯାଇଥାଏ । କେଉଁ ଅଙ୍ଗରେ କେଉଁ ଫୁଲ ଅଙ୍କନ ହେବ । ପୁରୁଷକୁ କେଉଁଫୁଲ ବା ଚିତ୍ର କରୁଥିବାବେଳେ ନାରୀମାନଙ୍କୁ କେଉଁ ଭଳି ଚିତ୍ର ହେବ ତାହାର ମଧ୍ୟ ବିଧି ରହିଛି । ଏହାର ପ୍ରସ୍ତୁତି କଥା ବିଚାର କରିବା ତା ହେଲେ ଏହାର ପ୍ରସ୍ତୁତି ଓ କୁଟିବା କାର୍ଯ୍ୟ 'ଘୁଗିଆ' ଜାତିର ସ୍ତ୍ରୀମାନେ କରିଥାନ୍ତି । ଡିବ୍ରି (ଡିବି/ଲଣ୍ଠନ) ଆଲୁଅର ଧୂଆଁରୁ ସଂଗୃହୀତ ପାଉଁଶ ଓ ଜଡ଼ା ତେଲର ମିଶ୍ରଣରେ ପ୍ରସ୍ତୁତ ହୋଇ ତାହାକୁ 'ବନାଗୁଦା କଲା' କୁହାଯାଏ । ଶରୀରର ଯେଉଁ ସ୍ଥାନରେ କୁଟାଯାଏ ସେହି ସ୍ଥାନରେ ପ୍ରଥମେ ଚିତ୍ର କରି ଏହାକୁ

ବୋଲି ଦିଆଯାଏ ଓ ଚୁଞ୍ଚିରେ ସେହି ସ୍ଥାନରେ ମରାଯାଏ । ଏହାପରେ କଳାଟି ଶୁଖିଗଲାପରେ ପାଣିରେ ଧୋଇ ଦେଇ ତେଲ ଓ ହଳଦୀ ଲେପ ଦିଆଯାଏ । ସଂକ୍ରମଣ ଯେମିତି ନ ହେବ ଏବଂ ଫୋଡ଼ି ହୋଇଥିବା ସ୍ଥାନର ଉପଚାର ଶୀଘ୍ର ହେବ ବୋଲି ଫୁଲି ଯାଇଥିବା ସ୍ଥାନ ଉପଶମ ପରେ ଧିରେ ଧିରେ ଠିକ୍ ହୋଇଯାଏ ଓ ଯେଉଁ ଚିତାଟି କୁଟାଯାଏ ତାହା ଶରୀରର ଅନ୍ତଯାଏଁ ରହିଯାଏ । ବର୍ତ୍ତମାନ ଏହା ଲୁପ୍ତ ପ୍ରାୟ । କିନ୍ତୁ ବନା ଗୁଦେଇ (କୁଟେଇ) ହେବା ପରମ୍ପରା ରହିଛି । କିନ୍ତୁ 'ଟାଟୋ' ନାମରେ ବର୍ତ୍ତମାନ ପରିଚିତ ହୋଇଛି ।

ପରିଶେଷରେ କୁହାଯାଇପାରେ ଯେ କନ୍ଧମାନଙ୍କର ଚର୍ମ ହେଉଛି ପୋଷାକ ଏବଂ ପୋଷାକ (ଶରୀର) ବାହାରେ ଯାହାବି ସେମାନେ ପରିଧାନ କରନ୍ତି ସେ ସମସ୍ତ ଗୁଡ଼ିକ ତାଙ୍କର ଗୋଟିଏ ଗୋଟିଏ ଅଳଙ୍କାର ।

**ପୃଷ୍ଠଟୀକା :**

1. Ansari, M.A. 1957, Islamic culture, Dress of the great muguls, Mayurbhanj, Gazeteers, January, P- 255

୨. ନିଜ ସଂଗ୍ରହ ଭୋଇ, ୪ ପୁରନ୍ଦର, ପିପଲ ପଦର, ଟିଟିଲାଗଡ଼, ବଲାଙ୍ଗିର

୩. ନିଜ ସଂଗ୍ରହ - ପ୍ରଧାନୀ, ୪ ଗଣେଶ୍ୱର, ଖୁଜିର୍ଭଟା, ଟିଟିଲାଗଡ଼, ବଲାଙ୍ଗିର

୪. ସଂ - ଦାଶ, ପ୍ରଫେସର ଅଶୋକ କୁମାର, ପଶ୍ଚିମ ଓଡ଼ିଶାର ପରିଚୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବିହାର, ବୁର୍ଲା - ୭୬୮୦୧୯, ପୃଷ୍ଠା - ୩୫୬ – ୩୫୭

୫. ମାନସେଠ୍, ଡକ୍ଟର କ୍ଷେତ୍ରବାସୀ, (୨୦୧୯) କନ୍ଧମାଳର ଡମ୍ ଲୋକସଂସ୍କୃତି, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ, ଭୁବନେଶ୍ୱର, ପୃଷ୍ଠା – ୬୯

୬. ଯୋଗେନ୍ଦ୍ର ଦୈବଜ୍ଞ, ବିପ୍ର, ଟିକା ଗୋବିନ୍ଦ ଚନ୍ଦ୍ର - ପୃଷ୍ଠା - ୦୭

୭. ନିଜ ସଂଗ୍ରହ - ଭୋଇ, କୁଲୁଦ, ପିପଲ ପଦର, ଟିଟିଲାଗଡ଼, ବଲାଙ୍ଗିର – ବୟସ -୬୯

୮. ସାରଳା ମହାଭାରତ - ଆଦିପର୍ବ, ଉଦ୍ଧାର - ପ୍ରାଚୀନ ଗଦ୍ୟାପଦ୍ୟାଦର୍ଶ, ସଂ- ଆ ବଲ୍ଲଭ ମହାନ୍ତି, ପ୍ରକାଶକ- ଉତ୍କଳ ବିଶ୍ୱବିଦ୍ୟାଳୟ - ପୃଷ୍ଠା – ୨୨

❖❖❖

# ପରଜା ଜନଜାତିଙ୍କ ପାରମ୍ପରିକ ଅଳଙ୍କାର

ରଞ୍ଜନ ପ୍ରଧାନ*


## ସାରାଂଶ

ଏହି ଗବେଷଣାତ୍ମକ ପ୍ରବନ୍ଧଟିରେ ଓଡ଼ିଶାରେ ବସବାସ କରୁଥିବା ପରଜା ଜନଜାତି ମହିଳା ଓ ପୁରୁଷମାନେ ବ୍ୟବହାର କରୁଥିବା ପାରମ୍ପରିକ ଅଳଙ୍କାର ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ଶରୀରର ବିଭିନ୍ନ ଅଙ୍ଗ ଭେଦରେ ବ୍ୟବହୃତ ଭିନ୍ନଭିନ୍ନ ଅଳଙ୍କାର ସମ୍ପର୍କରେ ସୂକ୍ଷ୍ମ ବିଶ୍ଲେଷଣ କରାଯାଇଛି। ହାତ, ପାଦ, ନାକ, କାନ, କପାଳ, ହାତଅଙ୍ଗୁଳି, ପାଦଅଙ୍ଗୁଳି, ଗଳା, ଅଂଟା ଆଦି ଶରୀରର ବିଭିନ୍ନ ଅଙ୍ଗ ପାଇଁ ଭିନ୍ନଭିନ୍ନ ଅଳଙ୍କାର ବ୍ୟବହାର କରାଯାଇଥାଏ। ଏସବୁ ଅଳଙ୍କାର ପାଇଁ ଆବଶ୍ୟକ ଧାତୁ, ଜଙ୍ଗଲଜାତ ଦ୍ରବ୍ୟ, ଫୁଲ, ଫଳ, ଅଳଙ୍କାର ନିର୍ମାଣ ପଦ୍ଧତି, ଅଳଙ୍କାର ବିକ୍ରିବଟା ପାଇଁ ଉପଲବ୍ଧ ହାଟବଜାର ଆଦି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। ପରଜାମାନେ ଅବିଭକ୍ତ କୋରାପୁଟ ଜିଲ୍ଲା ସମେତ ଅଳ୍ପ ସଂଖ୍ୟାରେ କଳାହାଣ୍ଡି ଜିଲ୍ଲାରେ ବସବାସ କରିଥାନ୍ତି। ରାଜ୍ୟର ମୋଟ ପରଜା ଜନଜାତିର ୯୧ ପ୍ରତିଶତ ପରଜା କେବଳ ଅବିଭକ୍ତ କୋରାପୁଟ (କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଓ ମାଲ୍‌କାନଗିରି) ଜିଲ୍ଲାରେ ଦେଖିବାକୁ ମିଳନ୍ତି। ଏଣୁ ଏହି ପ୍ରବନ୍ଧଟି ପ୍ରସ୍ତୁତ କରିବା ପାଇଁ ଅବିଭକ୍ତ କୋରାପୁଟ ଜିଲ୍ଲାକୁ କ୍ଷେତ୍ର ଅଧ୍ୟୟନ ପାଇଁ ଚୟନ କରାଯାଇଛି।


## ଉପକ୍ରମ

ଓଡ଼ିଶାରେ ବସବାସ କରୁଥିବା ଆଦିବାସୀମାନଙ୍କ ମଧ୍ୟରୁ ପରଜାମାନେ ହେଉଛନ୍ତି ଏକ ପ୍ରମୁଖ ଜନଜାତି ଗୋଷ୍ଠୀ। ଓଡ଼ିଶାର ଜନଜାତିଙ୍କ ମଧ୍ୟରେ ଶତକଡ଼ା ୪ ପ୍ରତିଶତ ହେଉଛନ୍ତି ପରଜା ଜନଜାତି ଗୋଷ୍ଠୀ। ପରଜାମାନେ ସମଗ୍ର ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଦେଖାଯାଉଥିବା ବେଳେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଏମାନେ ବହୁଳ ଭାବେ ବସବାସ କରନ୍ତି। ଅଳ୍ପ ସଂଖ୍ୟାରେ କଳାହାଣ୍ଡି ଜିଲ୍ଲାରେ ବି ଦେଖିବାକୁ ମିଳନ୍ତି। ଓଡ଼ିଶା ପରଜା ଜନସଂଖ୍ୟାର ଶତକଡ଼ା ୯୧ ପ୍ରତିଶତ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଦେଖିବାକୁ ମିଳନ୍ତି। ଅବିଭକ୍ତ କୋରାପୁଟକୁ ପରଜାମାନଙ୍କର ରାଜ୍ୟ କୁହାଯାଇଥାଏ। କେହି କେହି ଏ ଅଞ୍ଚଳକୁ ପରଜାଙ୍କ ସ୍ୱର୍ଗ ବୋଲି କହିଥାନ୍ତି।

୧୯୬୧ ମସିହା ଜନଗଣନା ରିପୋର୍ଟ ଅନୁସାରେ, ସମଗ୍ର ଓଡ଼ିଶାରେ ମୋଟ ଜନଜାତି ଲୋକଙ୍କ ସଂଖ୍ୟା ୪୨,୨୩,୭୫୭ ଥିବାବେଳେ ତନ୍ମଧ୍ୟରୁ ପରଜାଙ୍କ ସଂଖ୍ୟା ୧,୫୯,୮୬୬ ଥିଲା। ଅର୍ଥାତ୍ ଓଡ଼ିଶାର ମୋଟ ଜନଜାତିର ଶତକଡ଼ା ୩.୭୮ ପ୍ରତିଶତ ପରଜା ଜନଜାତି। ସେହିଭଳି ରାଜ୍ୟର ମୋଟ ପରଜା ଜନଜାତିର ୯୧

---

* ବରିଷ୍ଠ ସାମ୍ବାଦିକ ଓ ଜନଜାତି ଗବେଷକ, ସମ୍ବାଦ କାର୍ଯ୍ୟାଳୟ, କେନ୍ଦୁପଦର, ଫୁଲବାଣୀ,
ଜିଲ୍ଲା: କନ୍ଧମାଳ-୭୬୨୦୦୧ ଫୋନ୍: ୯୪୩୭୨୧୩୮୫୪

ପ୍ରତିଶତ କେବଳ ଅବିଭକ୍ତ କୋରାପୁଟ ଜିଲ୍ଲାରେ ବସବାସ କରନ୍ତି। ସେହିଭଳି ୨୦୦୧ ମସିହା ଜନଗଣନା ରିପୋର୍ଟ ଅନୁସାରେ, ଓଡ଼ିଶାରେ ପରଜା ଜନଜାତିର ଲୋକସଂଖ୍ୟା ୩,୧୭,୩୦୧ରେ ପହଞ୍ଚିଥିଲା। ଏହି ରିପୋର୍ଟକୁ ଅନୁଧ୍ୟାନ କଲେ ପରଜା ଜନସଂଖ୍ୟାରେ ବୃଦ୍ଧି ହେଉଥିବା ପରିଲକ୍ଷିତ ହେଉଛି।

ପରଜାମାନେ କୋରାପୁଟ ଜିଲ୍ଲାର କୋରାପୁଟ ସଦର ବ୍ଲକ, ସେମିଳିଗୁଡ଼ା, ପଟାଙ୍ଗି, ନନ୍ଦପୁର, ଲମତାପୁଟ, ଦଶମନ୍ତପୁର, ଲକ୍ଷ୍ମୀପୁର, ଜୟପୁର, ବୋରିଗୁମ୍ମା, ବୈପାରୀଗୁଡ଼ା, କୁନ୍ଦୁରା ବ୍ଲକ୍ ସମେତ ନବରଙ୍ଗପୁର ଜିଲ୍ଲାର ନବରଙ୍ଗପୁର ସଦର ବ୍ଲକ, ନନ୍ଦାହାଣ୍ଡି, ତେନ୍ତୁଲିଖୁଂଟି, ପାପଡ଼ାହାଣ୍ଡି, ଡାବୁଗାଁ, କୋଷାଗୁମୁଡ଼ା, ଝରିଗାଁ ବ୍ଲକ୍, ମାଲ୍‌କାନଗିରି ଜିଲ୍ଲାର ମାଲ୍‌କାନଗିରି, କୁଡୁମୁଲୁଗୁମା ଏବଂ ରାୟଗଡ଼ା ଜିଲ୍ଲାର ରାୟଗଡ଼ା ଓ କାଶୀପୁର ବ୍ଲକରେ ବସବାସ କରନ୍ତି।

ପରଜା ଶବ୍ଦଟି 'ପ୍ରଜା' ଶବ୍ଦରୁ ଆସିଛି ବୋଲି କେତେକ ପଣ୍ଡିତ କହନ୍ତି। ଏହାର ଅର୍ଥ ରାଜାଙ୍କ ଶାସିତ ରାଜ୍ୟର ଜଣେ ସାଧାରଣ ଜନତା ବା ନାଗରିକ; ଯେଉଁମାନେ ରାଜା ଓ ଜମିଦାରଙ୍କ ଅଧୀନରେ ଥିଲେ। ପରଜାମାନେ ଦୁଇଟି ଶ୍ରେଣୀଭୁକ୍ତ। ୧. ବଡ଼ ପରଜା ଓ ୨. ସାନ ପରଜା।

ବଡ଼ ପରଜାମାନେ ଅପେକ୍ଷାକୃତ ଉନ୍ନତ ଓ ସଭ୍ୟ। ସାନ ପରଜାମାନେ ଅନୁନ୍ନତ ଏବଂ ଶିକ୍ଷା କ୍ଷେତ୍ରରେ ବହୁ ପଛୁଆ। କୋରାପୁଟ ଜିଲ୍ଲା ଗେଜେଟିୟର (ଆରସିଏସ୍ ବେଲ୍, ୧୯୪୫) ଅନୁଯାୟୀ, ମୁଖ୍ୟତଃ ୮ ପ୍ରକାର ପରଜା ଜନଜାତିର ଲୋକେ ଅବିଭକ୍ତ କୋରାପୁଟ ଅଂଚଳରେ ବସବାସ କରନ୍ତି। ସେମାନେ ହେଲେ- ପାରେଙ୍ଗ ପରଜା, ପାରେଙ୍ଗ ଗାଦବା ପରଜା, କନ୍ଧ ପରଜା, ପେଙ୍ଗୋ ପରଜା, ଝୋଡ଼ିଆ ପରଜା, ବାରେଙ୍ଗ ପରଜା, ସୋଡ଼ାବିଶିଆ ପରଜା, ବଣ୍ଡା ପରଜା। ସେହିଭଳି ଲକ୍ଷ୍ମୀ ନାରାୟଣ ସାହୁ ତାଙ୍କ ପୁସ୍ତକ 'ହିଲ୍ ଟ୍ରାଇବ୍‌ସ ଅଫ୍ ଜୟପୁର'(୧୯୪୨)ରେ ପରଜାଙ୍କୁ ୬ଟି ଶ୍ରେଣୀରେ ବିଭକ୍ତ କରିଛନ୍ତି। ସେମାନେ ହେଉଛନ୍ତି- ସୋଡ଼େ ପରଜା, ସୋଡ଼େପାଲି ପରଜା, ପେଙ୍ଗୋ ପରଜା, ପାରେଙ୍ଗ ଝୋଡ଼ିଆ ପରଜା, ପାରେଙ୍ଗା ପରଜା, ସେଲିଆ ପରଜା।

ଭୌଗୋଳିକ ଦୃଷ୍ଟିକୋଣରୁ ବିଚାର କରି ପରଜାମାନଙ୍କୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇପାରେ। ସେମାନେ ହେଉଛନ୍ତି- ୧. ଡଙ୍ଗରଲା ପରଜା ଓ ୨. ଗାଡ଼ଖଣ୍ଡିଆ ପରଜା। ଯେଉଁ ପରଜାମାନେ ପାହାଡ଼ର ଶୀର୍ଷ ପ୍ରଦେଶ ଓ ତତ୍‌ସଂଲଗ୍ନ ଜଙ୍ଗଲରେ ବସବାସ କରନ୍ତି ସେମାନେ ହେଉଛନ୍ତି ଡଙ୍ଗରଲା ପରଜା ଏବଂ ଯେଉଁମାନେ ନଦୀପଠା ଓ ସମତଳ ଅଞ୍ଚଳରେ ବସବାସ କରନ୍ତି ସେମାନେ ଗାଡ଼ଖଣ୍ଡିଆ ପରଜା।

ଗୋତ୍ର ଦୃଷ୍ଟିକୋଣରୁ ପରଜାମାନଙ୍କୁ ବିଭିନ୍ନ ଗୋଷ୍ଠୀରେ ଅନ୍ତର୍ଭୁକ୍ତ କରାଯାଇଛି। ସେମାନେ ହେଲେ- ଟେଙ୍କରିଆ ପରଜା (ଗୋତ୍ର- ବାଘ), ମଙ୍ଗ୍ରିଆ ପରଜା (ଗୋତ୍ର- ବାଘ), କଣ୍ଡିଆ ପରଜା (ଗୋତ୍ର-ଫୁଲ), ସୁକୁଡ଼ିଆ ପରଜା (ଗୋତ୍ର-ବାଘ), ପିଣ୍ଡାପୋଦ୍ରିଆ ପରଜା (ଗୋତ୍ର-ନାଗ), ରତୁଲିଆ ପରଜା (ଗୋତ୍ର-ନାଗ), ଗୁମୁରିଆ ପରଜା (ଗୋତ୍ର-ନାଗ), ରାମିଆ ପରଜା (ଗୋତ୍ର-ଛେଳି), ଭାପୁଲିଆ ପରଜା (ଗୋତ୍ର-କଇଁଛ), ସୁଲିଆ ପରଜା (ଗୋତ୍ର-ବାଜପକ୍ଷୀ), ରାପିଆ ପରଜା (ଗୋତ୍ର-କୁକୁର), ହିକୋରି ପରଜା (ଗୋତ୍ର-ହେଟାବାଘ), କୁରୁମୁଲିଆ ପରଜା (ଗୋତ୍ର-ଜଡ଼ାଗଛ), ସୁକିଆ ପରଜା (ଗୋତ୍ର-ମାଛ)।

'ପାର୍ଜୀ' ହେଉଛି ପରଜାମାନେ ବ୍ୟବହାର କରୁଥିବା ଭାଷା। ଅନ୍ୟପଟେ 'ପେଙ୍ଗୋ' ଭାଷା ହେଉଛି ପେଙ୍ଗୋ ବା କନ୍ଧ ପରଜାମାନଙ୍କର ଭାଷା। ଏହି ଦୁଇଟି ଆଂଚଳିକ ଭାଷା ଦ୍ରାବିଡ଼ ଭାଷା ଗୋଷ୍ଠୀର ଅନ୍ତର୍ଭୁକ୍ତ।

ମୁଖ୍ୟତଃ ମାଣ୍ଡିଆ ଓ ଧାନ ପରଜାମାନଙ୍କର ମୁଖ୍ୟ ଖାଦ୍ୟ। ଏହାବ୍ୟତୀତ ପରଜାମାନେ ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ, ବଣ ଆଳୁ, ଶିମ୍ବ, କାନ୍ଦୁଲ, ସୁଆଁ, ଜନା, ଜନ୍ଦିରି, କନ୍ଦା, ଆମ୍ବକୋଇଲି, ବାଉଁଶ କରଡ଼ି, ମୁଗ, ବିରି, କୋଳଥ, ମାଛ, କୁକୁଡ଼ା, ଛେଳି, ମୟୂର, ଚୁଟିଆ ମୂଷା ଆଦି ଖାଦ୍ୟ ଭକ୍ଷଣ କରିଥାନ୍ତି। ଅତୀତରେ ପରଜାମାନେ ଜଙ୍ଗଲରେ ଉପଲବ୍ଧ ହରିଣ, ବାର୍ହା, ସମ୍ବର, କୁଟ୍ରାର ମାଂସ ଖାଉଥିଲେ।

## ପରଜାଙ୍କ ସାଂସ୍କୃତିକ ଓ ସାମାଜିକ ଜୀବନ

ପରଜାମାନଙ୍କର ସାମାଜିକ ଓ ସାଂସ୍କୃତିକ ଜୀବନ ଅତ୍ୟନ୍ତ ଉଚ୍ଚମୂଲ୍ୟର। ସେମାନେ ଗୋଷ୍ଠୀଭୁକ୍ତ ହୋଇ ରହିବାକୁ ପସନ୍ଦ କରିଥାନ୍ତି। ଗୋଷ୍ଠୀ ଜୀବନ ସେମାନଙ୍କ ଜୀବନ ବଂଚିବାର ମୂଳମନ୍ତ୍ର।

ପ୍ରତି ପରଜା ଗାଁରେ ମୁଖ୍ୟତଃ ଦୁଇଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଥାଏ। ପ୍ରଥମଟି ହେଉଛି 'ବେରଣମୁଣ୍ଡା' ଏବଂ ଦ୍ୱିତୀୟଟି ହେଉଛି 'ନିଶାଣିମୁଣ୍ଡା'। ଗ୍ରାମ ସଭାସ୍ଥଳକୁ ବେରଣମୁଣ୍ଡା ବୁଝାଯାଉଥିବା ବେଳେ ଗ୍ରାମ ଦେବଦେବୀଙ୍କ ଆସ୍ଥାନକୁ ନିଶାଣିମୁଣ୍ଡା କୁହାଯାଏ।

ନିଶାଣିମୁଣ୍ଡାରେ ପରଜା ଗାଁର ସମସ୍ତ ଦେବଦେବୀ ପୂଜା ପାଇଥାନ୍ତି। ପରଜାମାନଙ୍କ ଗ୍ରାମ ଦେବତା ହେଉଛନ୍ତି ହୁଣ୍ଡି ଦେବତା। ପରଜାମାନେ ମୁଖ୍ୟତଃ ପ୍ରକୃତିର ଉପାସକ। ସେମାନେ ପାହାଡ଼, ନଈ, ଝରଣା, ଗଛ ଏବଂ ସ୍ୱର୍ଗୀୟ ବସ୍ତୁ ଯଥା- ସୂର୍ଯ୍ୟ, ପୃଥିବୀ, ଚନ୍ଦ୍ର ଆଦିଙ୍କୁ ପୂଜା କରିଥାନ୍ତି। ପରଜାମାନେ ଦାର୍ନି ମାତା (ପୃଥିବୀ), ଭୀମା ଦେବତା (ବର୍ଷାର ଦେବତା), ବାମନଦେଇ ଠାକୁରାଣୀ, ଗୁମାନୀ ମାତା, ଡଙ୍ଗରଦେଇ, ଗଙ୍ଗାମା, ବାଲିଦେବତା, ବୁଢ଼ାରଜା, ଦାଦିବୁଢ଼ା, ବନଦୁର୍ଗା, ଲାଣ୍ଡିଦେବତା (ଅଗ୍ନି), କାଳୀସୁନ୍ଦରୀ (ଧନର ଦେବୀ) ଆଦି ବିଭିନ୍ନ ଠାକୁର, ଠାକୁରାଣୀଙ୍କୁ ପୂଜା କରିଥାନ୍ତି।

ପରଜାମାନେ ବାର ମାସରେ ତେର ପର୍ବ ପାଳନ କରିଥାନ୍ତି। ପରଜାମାନଙ୍କ ପର୍ବଗୁଡ଼ିକୁ ମୁଖ୍ୟତଃ ଛଅ ଭାଗରେ ବିଭକ୍ତ କରାଯାଇପାରେ। ୧. କୃଷିଭିତ୍ତିକ ପର୍ବ, ୨. ପାରମ୍ପରିକ ପର୍ବ, ୩. ସାମାଜିକ ପର୍ବ, ୪. ଶିକାରଭିତ୍ତିକ ପର୍ବ, ୫. ରୋଗ ନିରାକରଣ ପର୍ବ, ୬. ଗ୍ରାମକୁ ବିପଦ ଆପଦରୁ ସୁରକ୍ଷିତ ରଖିବା ନିମନ୍ତେ ପାଳିତ ପର୍ବ। ପରଜାମାନେ ଟାକୁପରବ, ବନ୍ଦାପନା ପରବ, ଆମ୍ବନୂଆଖିଆ ପରବ, ଧାନ ନୂଆଖିଆ ପରବ, ପୂଷ ପରବ୍, ଚଇତି ପରବ, ଶିକାର ଯାତ୍ରା (ବେଣ୍ଟପର୍ବ), ଦିଆଲି ପରବ, କାନ୍ଦୁଲ ଭଜା ପରବ, ବାଲିଯାତ୍ରା (ବାଲି ପରବ), ବଉଳାଣି, ଭୀମା ପୂଜା, ବିସ୍ପୁଟୁନି ଯାତ୍ରା (ବିହନଛିନା ପରବ), ଦଶହରା ପରବ, ଟୋକିମରା ପରବ, କାମିନୀ ପୂଜା, ଉଆଁସ ପରବ, ବିଭିନ୍ନ ଗ୍ରହପୂଜା ଆଦି ବିଭିନ୍ନ ପର୍ବପର୍ବାଣି ପାଳନ କରିଥାନ୍ତି।

ଅତୀତରେ ଅବିବାହିତ ପରଜା ଯୁବକ, ଯୁବତୀମାନେ ଗ୍ରାମର ଏକ ନିର୍ଦ୍ଦିଷ୍ଟ ସାଧାରଣ ଅନୁଷ୍ଠାନରେ ରହୁଥିଲେ। ଏହି ଯୁବ ଅନୁଷ୍ଠାନକୁ 'ଧାଙ୍ଗଡ଼ା ବସା' (ଯୁବକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ) ଏବଂ 'ଧାଙ୍ଗିଡ଼ୀବସା' (ଯୁବତୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ) କୁହାଯାଉଥିଲା। ମାତ୍ର, ବର୍ତ୍ତମାନ ପରଜା ଗାଁରେ ଧାଙ୍ଗଡ଼ା ବସାର ପ୍ରାସଙ୍ଗିକତା ଅନୁଭବ କରିହୁଏନି।

ପରଜାମାନଙ୍କର ଗ୍ରାମ୍ୟ ପ୍ରଶାସନିକ ବ୍ୟବସ୍ଥା ଅତ୍ୟନ୍ତ ଗଣତାନ୍ତ୍ରିକ ଓ ଉଚ୍ଚମାନର। ଗାଁ ମୁଖିଆଙ୍କୁ 'ନାୟକ' ବା 'ମୁଦୁଲି' କୁହାଯାଉଥିବାବେଳେ ପୂଜାପର୍ବାଣି ମୁଖିଆଙ୍କୁ 'ଜାନି' କୁହାଯାଏ। ଏହାବ୍ୟତୀତ ଗାଁମୁଖିଆ ନାୟକଙ୍କୁ ସହାୟତା କରିବା ପାଇଁ ଭାଟନାୟକ (ଗାଁ ମୁଖିଆଙ୍କ ସହଯୋଗୀ), ଚଲାନ୍ (ଗାଁ ମୁଖିଆଙ୍କ ସହଯୋଗୀ), ଦିସାରି

(ଜ୍ୟୋତିଷ), ଗୁଣିଆ, ଶିରା (କାଳିସି), ଗୁରୁମାଇ (ମହିଳା ପୂଜକ)ଙ୍କର ଗ୍ରାମ୍ୟ ପ୍ରଶାସନିକ ବ୍ୟବସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ।

## ପରଜାଙ୍କ ପୋଷାକ ପ୍ରସାଧନୀ ଓ ଚିତାକୁଟା

ଅତି ଆଦିମ କାଳରେ ପରଜାମାନେ ଗଛର ବଲ୍କଳ, ପତ୍ର ଆଦି ପରିଧାନ କରୁଥିଲେ। ପରେ ସୂତା କପଡ଼ାର ବ୍ୟବହାର କଲେ। ପରଜା ପୁରୁଷମାନେ ଲେଙ୍ଗୁଟି ଖଣ୍ଡେ ପିନ୍ଧନ୍ତି ଏବଂ ବଳକା କନା ଖଣ୍ଡେ ଆଗକୁ ଝୁଲି ରହିଥାଏ। ପୂର୍ବେ ପରଜା ପୁରୁଷମାନେ ଖୋଲା ଦେହରେ ରହୁଥିଲେ। ମାତ୍ର ଏବେ ସେମାନେ ଲୁଙ୍ଗି, ଧୋତି, ସାର୍ଟ, ପ୍ୟାଂଟ୍ ଆଦି ପିନ୍ଧିଲେଣି।

ପରଜା ମହିଳାମାନେ କସ୍ତା ସୂତା ଶାଢ଼ୀ ଖଣ୍ଡେକୁ କାନ୍ଧରେ ଓ ଅଂଟାରେ ଗୁଡ଼େଇ ପିନ୍ଧିଥାନ୍ତି। ପରଜା ରମଣୀଟିଏ ଶାଢୀର ଚାରି ଭାଗରୁ ତିନି ଭାଗ ଅଂଟାରେ ଗୁଡ଼େଇଥିବାବେଳେ ଅବଶିଷ୍ଟ ଭାଗେ ଶାଢ଼ୀକୁ ଛାତିରେ ଗୁଡ଼େଇ ପଛପଟ କାନ୍ଧରେ ଗଣ୍ଠି ପକେଇଥାନ୍ତି। ବର୍ତ୍ତମାନ ପରଜାମହିଳାମାନେ ଆଧୁନିକ ଶସ୍ତା ନାଇଲନ୍, ପଲିଷ୍ଟର ଶାଢ଼ୀ ପିନ୍ଧୁଥିବାବେଳେ ଝିଅମାନେ ଫ୍ରକ୍, ସାଲୁଆର, କୁର୍ତ୍ତା ପିନ୍ଧୁଛନ୍ତି।

ପରଜା ରମଣୀ ମୁଣ୍ଡରେ କୁସମ ତେଲ, ଜଡ଼ାତେଲ ଓ ଟୋଲତେଲ ବ୍ୟବହାର କରନ୍ତି। ମାତ୍ର ଏବେ ପରଜା ଯୁବତୀମାନେ ନିକଟସ୍ଥ ହାଟବଜାରରୁ ମିଳୁଥିବା ଶାସ୍ତା ସୁଗନ୍ଧିତ ତୈଳ, ବିଭିନ୍ନ ପ୍ରକାର ପ୍ରସାଧନୀ ସାମଗ୍ରୀ କିଣି ବ୍ୟବହାର କଲେଣି।

ଚିତାକୁଟା ପରଜା ନାରୀର ମୁଖ୍ୟ ବିଭବ ଥିଲା। ପ୍ରତି ପରଜା ରମଣୀ ଦେହର ବିଭିନ୍ନ ସ୍ଥାନରେ ଚିତା କୁଟେଇଥାନ୍ତି। ଶରୀରର ହାତ, ବାହୁ, କପାଳ, ପାଦ ଆଦିରେ ଚିତା କୁଟେଇଥାନ୍ତି। ପରଜା ନାରୀମାନେ ଶରୀରକୁ ସଜେଇବା ପାଇଁ ଅଳଙ୍କାର ବ୍ୟତୀତ ଚିତାକୁଟାକୁ ଅଧିକ ପ୍ରାଧାନ୍ୟ ଦେଉଥିଲେ। ବିଶେଷକରି ପରଜା ମହିଳାମାନେ ବାହୁରେ ବିଭିନ୍ନ ପ୍ରକାର ଫୁଲ, ପଶୁପକ୍ଷୀର ଚିତ୍ର ସାଙ୍ଗକୁ ନାନା ଜ୍ୟାମିତିକ ଚିତ୍ର ଅଙ୍କନ କରିଥାନ୍ତି। ଚିତା କୁଟେଇବାକୁ ପାର୍ଜି ଭାଷାରେ 'ବାନା ଗୋଦକି' କହନ୍ତି। ସାଧାରଣତଃ ଅବିଭକ୍ତ କୋରାପୁଟ ଅଂଚଳର ଗଉଡ଼ ଜାତିର ମହିଳାମାନେ ଗାଁ ଗାଁ ବୁଲି ପରଜା ରମଣୀମାନଙ୍କର ଶରୀରରେ ଚିତା କୁଟେଇଥାନ୍ତି।

## ପରଜାଙ୍କ ଅଳଙ୍କାର

ଅଳଙ୍କାର ବିନା ଆଦିବାସୀଙ୍କ ଜୀବନଶୈଳୀ ସମ୍ପର୍କରେ ଆଲୋଚନା କରିବା ଅଧୁରା ବୋଲି ମନେହେବ। ପର୍ବପର୍ବାଣି, ଉତ୍ସବ, ମହୋତ୍ସବରେ ନୂଆ ପୋଷାକ ପରିଧାନ କରି ଶରୀରରେ ବିଭିନ୍ନ ପାରମ୍ପରିକ ଅଳଙ୍କାର ପରିଧାନ କରି ପରଜା ରମଣୀଟିଏ ଡଙ୍ଗରରେ ଘେରାଏ ବୁଲି ନ ଆସିଲେ ମନ ଅଥୟ ହୁଏ। ପରଜା ପୁରୁଷମାନେ ମଧ୍ୟ କେତେକ ନିର୍ଦ୍ଦିଷ୍ଟ ଅଳଙ୍କାର ପରିଧାନ କରିଥାନ୍ତି।

ପରଜା ମହିଳା ଓ ପୁରୁଷମାନେ ବିଭିନ୍ନ ପ୍ରକାର ପାରମ୍ପରିକ ଅଳଙ୍କାର ପରିଧାନ କରନ୍ତି। ଅଳଙ୍କାରକୁ ବାଦ ଦେଇ ଜଣେ ପରଜା ରମଣୀର ସୌନ୍ଦର୍ଯ୍ୟ ବର୍ଣ୍ଣନା ନିରର୍ଥକ ଭଳି ମନେ ହେବ। ପରଜା ଜନଜାତିର ଲୋକେ ଧନୀ ନୁହଁନ୍ତି ସତ୍ୟ, ମାତ୍ର ପୁରୁଷଟିଏ ତା' ନିଜ ପ୍ରେୟସୀକୁ ଅଳଙ୍କାର ଦେବାରେ ହେଳା କରି ନଥାଏ।

ପରଜା ମହିଳାମାନେ ସୁନା ଭଳି ମୂଲ୍ୟବାନ ଧାତୁରେ ନିର୍ମିତ ଅଳଙ୍କାର ଅପେକ୍ଷା ଅନ୍ୟ ଶସ୍ତା ଧାତୁ ନିର୍ମିତ ଅଳଙ୍କାର ପରିଧାନ କରିଥାନ୍ତି। ଆର୍ଥିକ ଅନଟନ ଏହାର ପ୍ରମୁଖ କାରଣ। ପରଜା ଜନଜାତି ଗୋଷ୍ଠୀ ବିଶେଷକରି

ରୂପା, ଆଲୁମିନିୟମ୍, ହ୍ୱାଇଟ୍ ମେଟାଲ୍, ପିତ୍ତଳ, ତମ୍ବା ଆଦି ଧାତୁ ନିର୍ମିତ ଶସ୍ତା ଅଳଙ୍କାର ସହିତ ବିଭିନ୍ନ ପ୍ରକାର ମାଳି, ଫୁଲ ଓ ଫଳ ନିର୍ମିତ ଅଳଙ୍କାର ପିନ୍ଧିବାକୁ ପସନ୍ଦ କରିଥାନ୍ତି। କୋରାପୁଟର ପରଜା ଯୁବତୀମାନେ ଏକ ଜଙ୍ଗଲୀ ଫଳ 'ଟାଇଫଳ'ର ହାରକୁ ପାଉଁଜି ଭଳି ପିନ୍ଧିଥାନ୍ତି। ଟାଇଫଳ ହେଉଛି ଏକ ଜଙ୍ଗଲୀ ଫଳ। ଏହାକୁ ଗରମ ପାଣିରେ ସିଝେଇ ଖରାରେ ଶୁଖେଇବା ପରେ ଏହାକୁ ସୂତାରେ ଗୁନ୍ଥି ପାଉଁଜି ପ୍ରସ୍ତୁତ କରାଯାଏ। ଏଥିରୁ ଅତି ସୁମଧୁର ରୁଣୁଝୁଣୁ ଶବ୍ଦ ନିର୍ଗତ ହୋଇଥାଏ। କେତେକ କ୍ଷେତ୍ରରେ ପରଜାମାନେ ଆଲୁମିନିୟମ କିମ୍ବା ତମ୍ବା ପଇସାରେ ନିର୍ମିତ ସୁଉକି ହାର ମଧ୍ୟ ପରିଧାନ କରିଥାନ୍ତି।

ଅତି କମ୍‌ରେ ପରଜା ଧାଙ୍ଗଡ଼ାଟିଏ ଧାଙ୍ଗିଡ଼ୀର ଜୁଡ଼ାରେ କୁରେଇ ଫୁଲର ପେନ୍ଥାଟିଏ ଖୋସିଦେଇ ପାରିଲେ ପ୍ରେମ ଉଛୁଳି ପଡ଼େ। କୋରାପୁଟ ଅଂଚଳରେ ବସବାସ କରୁଥିବା ସ୍ଥାନୀୟ ବଣିଆ ଓ ଘାସିଆ ସମ୍ପ୍ରଦାୟର ଲୋକେ ପରଜାମାନଙ୍କ ପାଇଁ ମନମୁତାବକ ଅଳଙ୍କାର ଗଢ଼ି ଦେଇଥାନ୍ତି। ଏବେ ସ୍ଥାନୀୟ ଅଂଚଳରେ କେତେକ ଏନ୍‌ଜିଓ ସଂସ୍ଥାମାନେ ଆଦିବାସୀଙ୍କ ପାଇଁ ଅଳଙ୍କାର ନିର୍ମାଣ କରୁଛନ୍ତି।

ବର୍ତ୍ତମାନ ଯୁଗରେ ପରଜାମାନଙ୍କର ପାରମ୍ପରିକ ଅଳଙ୍କାର ବ୍ୟବହାରରେ ଅନେକ ପରିବର୍ତ୍ତନ ଦେଖାଦେଲାଣି। ପରଜା ମହିଳାମାନେ ସୁନା ଓ ରୂପା ନିର୍ମିତ ଅଳଙ୍କାର ପରିଧାନ କଲେଣି।

ନବରଙ୍ଗପୁର ଜିଲ୍ଲାରେ ଏମିତି ଦୁଇଟି ଗାଁ ରହିଛି, ଯେଉଁଠାରେ କେବଳ ଆଦିବାସୀଙ୍କ ଅଳଙ୍କାର ତିଆରି କରାଯାଇଥାଏ। ନବରଙ୍ଗପୁର ଜିଲ୍ଲାର ପିଲିକା ଓ ଚୁରାହାଣ୍ଡି ଗାଁର ଆଦିବାସୀମାନେ ଆଦିବାସୀ ଅଳଙ୍କାର ନିର୍ମାଣ କରି ଦେଶବିଦେଶରେ ପରିଚୟ ସୃଷ୍ଟି କଲେଣି। ସେମାନଙ୍କୁ ଏକ ନିର୍ଦ୍ଦିଷ୍ଟ ସ୍ୱେଚ୍ଛାସେବୀ ସଂସ୍ଥା ବୈଷୟିକ ପ୍ରଶିକ୍ଷଣ ପ୍ରଦାନ କରିଥାନ୍ତି।

ପରଜା ମହିଳାମାନେ ମୁଖ୍ୟତଃ ଗଳାରେ, ହାତରେ, ଗୋଡ଼ରେ, ପାଦରେ, ଅଂଟାରେ, ନାକରେ, କାନରେ, ପାଦଆଙ୍ଗୁଳି, ହାତଆଙ୍ଗୁଳି ଓ ମୁଣ୍ଡରେ ଅଳଙ୍କାର ପିନ୍ଧିଥାନ୍ତି।

## ପରଜା ରମଣୀର ଗଳା ଅଳଙ୍କାର (Neck Ornaments)

ପରଜା ମହିଳାମାନେ ଗଳାରେ ବିଭିନ୍ନ ପ୍ରକାର ହାର ଓ ଚେନ୍ (ମାଳି) ଭଳି ଗହଣା ପିନ୍ଧିଥାନ୍ତି। ହାରକୁ ପେଙ୍ଗୋ ଭାଷାରେ 'ହିକ୍‌ଡି' କୁହାଯାଉଥିବାବେଳେ ଚେନ୍ (ମାଳି)କୁ 'ହାସ୍' କହନ୍ତି। ପରଜା ରମଣୀ ଗଳାରେ ଚିପା ଗହଣା ପିନ୍ଧିବାକୁ ପସନ୍ଦ କରିଥାଏ। ସେମାନେ ଛାତି ପର୍ଯ୍ୟନ୍ତ ଲମ୍ବିଥିବା ରାଣୀହାର ପିନ୍ଧିବାକୁ ପସନ୍ଦ କରି ନଥାନ୍ତି। ପରଜା ରମଣୀ ଗଳାରେ ପରିଧାନ କରୁଥିବା ପ୍ରମୁଖ ଗହଣା ମଧ୍ୟରେ ଚିପ୍ ମାଳି, ଗିନିମାଳି, ଗୋରିଆମାଳି, ଧାନମାଳି, ନାନୁ, କାର୍ଲାକାଂଟା, ଚାପ୍‌ସରି, ଖଗଲା ଆଦି ଅନ୍ୟତମ।

**ଚିପ୍‌ମାଳି** (Necklace)**:** ଏହି ଗଳା ଅଳଙ୍କାରଟି ଦେଖିବାକୁ ଏକ ହାତଘଂଟାର ବ୍ୟାଣ୍ଡ୍ ଭଳି। ଅନ୍ୟ ସାଧାରଣ ବର୍ଗର ମହିଳାମାନେ ବ୍ୟବହାର କରୁଥିବା ଚିପାହାର ଭଳି ଏହା ଦେଖିବାକୁ। ପରଜା ରମଣୀର ଗଳାରେ ଏହି ହାରଟି ଚିପି ହୋଇ ଶୋଭା ପାଉଥିବାରୁ ଏହାକୁ ଚିପ୍‌ମାଳି କୁହାଯାଏ। ଚିପ୍‌ମାଳି ମୁଖ୍ୟତଃ ପିତ୍ତଳ ଧାତୁରେ ନିର୍ମିତ ହୋଇଥାଏ। କେତେକ କ୍ଷେତ୍ରରେ ସୁନା ଓ ରୂପାରେ ମଧ୍ୟ ଏହି ଅଳଙ୍କାର ନିର୍ମାଣ କରାଯାଇଥାଏ। ଗୋଟିଏ ଚିପ୍‌ମାଳିରେ ପାଖାପାଖି ୪୦ରୁ ୫୦ଟି ଚିପ୍ (Bead) ସୂତାରେ ଗୁନ୍ଥା ଯାଇଥାଏ। ଗୋଟିଏ ଚିପ୍‌ରେ ୪ଟି ଲେଖାଏ ସମାନ ଆକାରର ପତଳା ପାଇପ୍‌କୁ ସୋଲ୍‌ଡିଂ କରି ଖଞ୍ଜାଯାଇଥାଏ। ପାଇପ୍‌ରେ ଥିବା କଣା ଦେଇ ପ୍ରତି ଚିପ୍‌କୁ ସୂତାରେ ଗୁନ୍ଥାଯାଇଥାଏ। ଏହା ବାଦେ ଗୋଟିଏ ଚିପ୍ ମାଳିର କେନ୍ଦ୍ର ଭାଗରେ ଗୋଟିଏ ଲେଖାଏ ଆକର୍ଷଣୀୟ ଲକେଟ୍ ଝୁଲୁଥାଏ। ଲକେଟ୍‌କୁ ପେଙ୍ଗୋ ଭାଷାରେ 'ପଦ୍‌କା' କହନ୍ତି।

**ଗିନିମାଳି** (Necklace)**:** ପରଜା ରମଣୀମାନେ ଏ ଧରଣର ମାଳିକୁ ବହୁଳ ଭାବେ ବ୍ୟବହାର କରିଥାନ୍ତି। ଏହା ଦେଖିବାକୁ ସାଧାରଣ ମାଳି ଭଳି। ଛୋଟ ଛୋଟ ଛିଦ୍ରଯୁକ୍ତ ଗିନି ଓ ମାଳି (Bead)କୁ କ୍ରମାନ୍ୱୟରେ ସୂତାରେ ଗୁନ୍ଥା ଯାଇଥାଏ। ପ୍ରଥମେ ଗୋଟିଏ ଗିନି ଓ ତା'ପରେ ଦୁଇଟି ଲେଖାଏ ମାଳି, ତା' ପରେ ପୁଣି ଗୋଟିଏ ଗିନି ଓ ଦୁଇଟି ମାଳି ଗୁନ୍ଥାଯାଇଥାଏ। ଗୋଟିଏ ମାଳିରେ ପ୍ରାୟ ୪୦ରୁ ୫୦ଟି ଗିନି ରହୁଥିବାବେଳେ ୮୦ରୁ ୧୦୦ଟି ମାଳି ବ୍ୟବହାର କରାଯାଇଥାଏ। ଏ ମାଳିରେ ବି ଲକେଟ୍ ବା 'ପଦ୍‌କା' ବ୍ୟବହାର କରାଯାଇଥାଏ। ଏ ମାଳିକୁ ଉଭୟ ପରଜା ଯୁବକ ଓ ଯୁବତୀମାନେ ପରିଧାନ କରିଥାନ୍ତି। ମୁଖ୍ୟତଃ ପିତ୍ତଳ, ତମ୍ବା ଓ ସୁନାରେ ଏହି ମାଳି ନିର୍ମାଣ କରାଯାଇଥାଏ।

**ଗୋରିଆମାଳି** (Necklace)**:** ଏହି ମାଳିଟି ସାଧାରଣ ଚେନ୍ ଭଳି। ଏଥିରେ ଅନେକ ଗୋରିଆ (Bead)କୁ ସୂତାରେ ଗୁନ୍ଥା ଯାଇଥାଏ। ଗୋଟିଏ ମାଳିରେ ଦୁଇଶହରୁ ତିନି ଶହ ଗୋରିଆ ଗୁନ୍ଥାଯାଇଥାଏ। ଏହାର କେନ୍ଦ୍ର ଭାଗରେ ମଧ୍ୟ ଏକ ଲକେଟ୍ (ପଦ୍‌କା) ଖଞ୍ଜା ଯାଇଥାଏ। ଉଭୟ ପରଜା ପୁରୁଷ ଓ ମହିଳାମାନେ ଏ ମାଳି ପିନ୍ଧିଥାନ୍ତି। ପିତ୍ତଳ ଓ ତମ୍ବା ଧାତୁରେ ଏ ମାଳି ପ୍ରସ୍ତୁତ କରାଯାଇଥାଏ। ଏବେ ଏବେ ଧନୀ ପରଜାମାନେ ସୁନାରେ ନିର୍ମିତ ଗୋରିଆ ମାଳି ବ୍ୟବହାର କଲେଣି।

**ଧାନମାଳି** (Necklace)**:** ଧାନମାଳିର ଗଢ଼ଣ ଟିକେ ନିଆରା ଓ ସୂକ୍ଷ୍ମ। ପିତ୍ତଳ ଓ ସୁନାରେ ଏହା ତିଆରି ହୋଇଥାଏ। ଏଥିରେ ପିତ୍ତଳର ଗୋରିଆ ସହିତ ଧାନ(Bead)ର ସୂକ୍ଷ୍ମ କାରୁକାର୍ଯ୍ୟ ହୋଇଥାଏ। ପିତ୍ତଳରେ ଧାନ ଆକୃତିର ଛୋଟ ଛୋଟ ୟୁନିଟ୍ ପ୍ରସ୍ତୁତ କରାଯାଇ ଗୋରିଆ ସହ ସୋଲ୍‌ଡିଂ କରାଯାଇ ମାଳି ପ୍ରସ୍ତୁତ କରାଯାଏ। ଗୋଟିଏ ଧାନମାଳିରେ ୧୫୦ରୁ ୨୦୦ ଧାନ ସୂତାରେ ଗୁନ୍ଥାଯାଇଥାଏ। ଏ ମାଳିକୁ ଉଭୟ ପୁରୁଷ ଓ ମହିଳାମାନେ ପରିଧାନ କରିଥାନ୍ତି।

**ସୁଉକିସର**(Necklace)**:** ଏହା ହାର ପର୍ଯ୍ୟାୟର ଗଳା ଅଳଙ୍କାର। କ୍ରମାନ୍ୱୟରେ ଗୋଟିଏ ଗୋଟିଏ ଗୋରିଆ (Bead) ଆଉ ସୁଉକି (Coin)କୁ ସୂତାରେ ଗୁନ୍ଥାଯାଇ ହାର ପ୍ରସ୍ତୁତ କରାଯାଏ। ସୁଉକିସବୁ ଆଲୁମିନିୟମ କିମ୍ବା ତମ୍ବା ଧାତୁରେ ନିର୍ମିତ ହୋଇଥାଏ। ଗୋଟିଏ ସୁଉକିସରରେ ୧୦ରୁ ୧୫ଟି ସୁଉକି ଓ ୧୦ରୁ ୧୫ଟି ଗୋରିଆ କ୍ରମାନ୍ୱୟରେ ଗୁନ୍ଥା ଯାଇଥାଏ।

**ବେଲପତ୍ରୀ ମାଳି** (Necklace)**:** ଏହି ଗଳା ଅଳଙ୍କାରଟି ଆଧୁନିକ ପରଜା ସମାଜରେ ଏବେ ଏବେ ପ୍ରଚଳିତ ହୋଇଛି। ଏବେ ଦେଶବିଦେଶରେ ଆଦିବାସୀ ଅଳଙ୍କାର ଭାବେ ବେଲପତ୍ରୀ ମାଳିର ଲୋକପ୍ରିୟତା ଅଧିକ ରହିଛି। ପିତ୍ତଳରେ ବେଲପତ୍ର ଆକାରର ୟୁନିଟ୍‌ସବୁ ତିଆରି କରାଯାଇ ସୂତାରେ ଗୁନ୍ଥାଯାଇଥାଏ। ଏହା ଦେଖିବାକୁ ଅଧିକ ଆକର୍ଷଣୀୟ। ମୋଟା କଳାସୂତାରେ ଏସବୁ ବେଲପତ୍ରକୁ ଗୁନ୍ଥାଯାଇଥାଏ।

**ନାନୁ** (Necklace)**:** ଏହି ଗଳାହାରଟି ଦେଖିବାକୁ ହାତଘଂଟାର ଫିତା ଭଳି। ପତଳା ତାରକୁ ଗୁଡ଼େଇ ଗୁଡ଼େଇ ଫିତା ଭଳି କରାଯାଇଥାଏ। ଏହି ଅଳଙ୍କାରଟି ଗଳାରେ ପଟି ଭଳି ଚିପି ହୋଇ ରହେ। ପରଜା ମହିଳାମାନେ ଏହିଭଳି ଗଳାହାର ପିନ୍ଧିବାକୁ ଅଧିକ ପସନ୍ଦ କରିଥାନ୍ତି। ଏଥିରେ ମଧ୍ୟ ଲକେଟ୍ (ପଦ୍‌କା) ଝୁଲିଥାଏ।

**କର୍ଲାକଂଟା** (Necklace)**:** ଏହି ଗଳା ଅଳଙ୍କାରଟି ଦେଖିବାକୁ ଖୁବ୍ ଆକର୍ଷଣୀୟ। ଏହି ଗଳାହାରରେ ସୂତାରେ ଗୁନ୍ଥାଯାଇଥିବା ୟୁନିଟ୍ (ଇରବୟ)ଗୁଡ଼ିକ ଦେଖିବାକୁ ଗୋଟିଏ ଗୋଟିଏ ଡମ୍ବରୁ ଆକୃତିର ହୋଇଥାଏ। ଏସବୁ ୟୁନିଟ୍‌ଗୁଡ଼ିକୁ କର୍ଲାକଂଟା କୁହାଯାଏ। ଗୋଟିଏ ଗଳାହାରରେ ପାଖାପାଖି ୧୨୦ରୁ ୧୫୦ଟି କର୍ଲାକଂଟା ସୂତାରେ ଗୁନ୍ଥାଯାଇଥାଏ। କର୍ଲାକଂଟା ପିତ୍ତଳ, ତମ୍ବା ଓ ସୁନା ଧାତୁରେ ନିର୍ମିତ ହୋଇଥାଏ।

**ଚାପ୍‌ସରି**(Necklace)**:** ଏହା ବି ଏକ ପ୍ରକାର ଗଳାହାର ଓ ଦେଖିବାକୁ ହାତଘଂଟାର ଫିତା ଭଳି। ଏହାର ପ୍ରତିଟି ୟୁନିଟ୍ (ଈରବୟ)କୁ ଚାପ୍‌ସରି କହନ୍ତି। ଚାପ୍‌ସରିଗୁଡ଼ିକ ଆୟତଘନାକାର ଓ ଦେଖିବାକୁ ସୁନା ବିସ୍କୁଟ୍ ଭଳି। ଗୋଟିଏ ଆୟତାକାର ପିତ୍ତଳ ପ୍ଲେଟ୍ ଉପରେ ପିତ୍ତଳ ତାରକୁ ଝଳେଇ କରାଯାଇଥାଏ। ପ୍ରତି ଚାପ୍‌ସରିରେ ସୂତା ପୂରେଇବା ପାଇଁ ଗର୍ତ୍ତ ଥାଏ। ଗୋଟିଏ ହାରରେ ପ୍ରାୟ ୧୨୦ଟିରୁ ୧୫୦ ପର୍ଯ୍ୟନ୍ତ ଚାପ୍‌ସରି ଗୁନ୍ଥା ଯାଇଥାଏ। ଏହି ହାରଟି ଗଳାରେ ଚିପି ହୋଇ ରହିଥାଏ। ପିତ୍ତଳ, ତମ୍ବା କିମ୍ବା ସୁନାରେ ଏହି ଗଳାହାର ନିର୍ମାଣ କରାଯାଇଥାଏ।

**ଖଗଲା** (Necklace)**:** ଏହା ବି ଏକ ଗଳାହାର। ରୁପାର ମୋଟା ତାରରେ ଏହା ନିର୍ମିତ ହୋଇଥାଏ। ଏହା ଦେଖିବାକୁ ପାଦ କିମ୍ବା ବାହୁର ବଳା ଭଳି। ବେକରେ ଚାପି ହୋଇ ରହିଥାଏ। ପରଜା ମହିଳାମାନେ ବେଳେବେଳେ ପାଂଚରୁ ଦଶଟି ଖଗଲା ଏକ ସଙ୍ଗରେ ବେକରେ ପିନ୍ଧିଥାନ୍ତି।

## ପରଜା ରମଣୀର କାନ ଅଳଙ୍କାର (Ear Ornaments)

ପରଜା ରମଣୀ କାନରେ ପରିଧାନ କରୁଥିବା ଅଳଙ୍କାରକୁ 'ଗୁଟୁ' କହନ୍ତି। ପରଜା ମହିଳାଟିଏ ଶରୀରର ଅନ୍ୟ କେଉଁ ଅଙ୍ଗରେ ଗହଣା ପିନ୍ଧୁ କି ନ ପିନ୍ଧୁ, କାନ ଏବଂ ନାକରେ ନିଶ୍ଚୟ କିଛି ନା କିଛି ଗହଣା ପିନ୍ଧିବା ଥୟ। ପରଜା ଯୁବତୀ କାନକୁ କେବେ ବି ବିନା ଗହଣାରେ ରଖିବାକୁ ପସନ୍ଦ କରେନି। ପରଜା ମହିଳାମାନେ କାନ ପାଇଁ ବିଭିନ୍ନ ପ୍ରକାରର ଅଳଙ୍କାର ବ୍ୟବହାର କରିଥାନ୍ତି। ସେସବୁ କର୍ଣ୍ଣ ଅଳଙ୍କାର ହେଲେ- ବାନ୍ଦିଆ, ନାଗୁଲ୍, ଜାଲିଫୁଲ, ଫୁଲି, ଝିକା, ଲୁଲି, ଖଞ୍ଜା, ଝୁମ୍ପି ପ୍ରମୁଖ।

**ବାନ୍ଦିଆ**(Earring)**:** ପରଜା ମହିଳାମାନେ ବ୍ୟବହାର କରୁଥିବା ଏକ ପ୍ରମୁଖ କର୍ଣ୍ଣ ଅଳଙ୍କାର ହେଉଛି ବାନ୍ଦିଆ। ଏହା ଦେଖିବାକୁ ସାଧାରଣ କାନ ରିଙ୍ଗ୍ ଭଳି। ଦୁଇଟି ପିତ୍ତଳ କିମ୍ବା ସୁନାର ତାରକୁ ମୋଡ଼ି ଗୋଲ୍ ରିଙ୍ଗ୍ ପ୍ରସ୍ତୁତ କରାଯାଏ। ପରଜା ପୁରୁଷମାନେ ମଧ୍ୟ ବାନ୍ଦିଆ ବ୍ୟବହାର କରିଥାନ୍ତି।

**ନାଗୁଲ୍**(Earring)**:** ଏହି କର୍ଣ୍ଣ ଅଳଙ୍କାରଟି ଦେଖିବାକୁ ନାଗସାପ ଭଳି। ପିତ୍ତଳ କିମ୍ବା ସୁନାରେ ଏହାକୁ ନିର୍ମାଣ କରାଯାଇଥାଏ। ନାଗସାପର ମଥାରେ ହୁକ୍‌ଟିଏ ଲାଗିଥାଏ। ଏହି ହୁକ୍ ସହାୟତାରେ ପରଜା ମହିଳାଟି କାନରେ ପିନ୍ଧିଥାଏ। ଏଥିପାଇଁ ପରଜା ମହିଳାଟି ପୂର୍ବରୁ କାନ ଫୋଡ଼େଇଥିବା ଜରୁରୀ।

**ଜାଲିଫୁଲି**(Earring)**:** ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ଏହି କର୍ଣ୍ଣ ଅଳଙ୍କାରଟି ଦେଖିବାକୁ ଅତି ଆକର୍ଷଣୀୟ। ଏହା ଦେଖିବାକୁ ଜହ୍ନିଫୁଲ ଆକୃତିର। ଏହା ଏକ ପ୍ରକାର କାନଫୁଲ ଏବଂ ଏହାର ପ୍ରତିଟି ପାଖୁଡ଼ାରେ ପଥର ବସାଣ ହୋଇଥାଏ। ସୁନା ଓ ପିତ୍ତଳ ଧାତୁରେ ଏହି ଗହଣାଟି ନିର୍ମାଣ କରାଯାଇଥାଏ। ଫୁଲ ସହିତ ଏକ ନାଡ଼ ଲାଗିଥାଏ। ପଛପଟେ ଏକ ପେଂଚ ଲାଗିଥାଏ।

**ତାମାଟୁଲ** (Earring)**:** ଏହା ଏକ ସାଧାରଣ କାନଫୁଲ ଭଳି ଅତି ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ। ଏକ ଗୋଲାକାର ପ୍ଲେଟ୍ ଉପରେ ବୃତ୍ତାକାର ପରିଧି ମଧ୍ୟରେ ଛୋଟ ଛୋଟ ରିମ୍ ଖଞ୍ଜାଯାଇ ତାହାରି ମଧ୍ୟରେ ଅତି ଛୋଟ ଛୋଟ ବଲ୍ ଖପା ଯାଇଥାଏ। ପ୍ଲେଟ୍ ଉପରେ ରିମ୍ ଓ ବଲ୍‌ସେଟ୍‌ଗୁଡ଼ିକୁ ଝଳେଇ କରାଯାଇ ତାମାଟୁଲ ପ୍ରସ୍ତୁତ କରାଯାଏ। ଏଥିରେ ଏକ ନାଡ଼ ଲାଗିଥାଏ ଏବଂ ପଛପଟେ ପେଂଚ ଦିଆଯାଇଥାଏ। ଏହି ଅଳଙ୍କାର ପାଇଁ ସୁନା ଓ ପିତ୍ତଳଧାତୁର ଆବଶ୍ୟକ ପଡ଼ିଥାଏ। ଉଭୟ ପରଜା ଯୁବକ ଓ ଯୁବତୀମାନେ କାନରେ ତାମାଟୁଲ ପିନ୍ଧିଥାନ୍ତି।

**ଫୁଲି**(Earring)**:** ଏହା ବି ଏକ ପ୍ରକାର କାନଫୁଲ। ଏହାର ନିର୍ମାଣ କୌଶଳ ଅତି ସହଜ। ଛାଂଚ ଉପରେ ଏକ ପିତ୍ତଳ ଚାଦରକୁ ରଖି ପିଟିଦେଲେ ଏହି ଆକୃତିର କାନଫୁଲ ପ୍ରସ୍ତୁତ ହୋଇଯାଏ। ଫୁଲି ଦେଖିବାକୁ ଟଗରଫୁଲ ଭଳି

ଏବଂ ଏଥିରେ ନାଡ଼ ଓ ପେଂଚ ଲାଗିଥାଏ।

**ଝିକା**(Earring)**:** ପରଜା ମହିଳାମାନେ ପିନ୍ଧୁଥିବା କର୍ଣ୍ଣ ଅଳଙ୍କାର ମଧ୍ୟରେ ଝିକା ଦେଖିବାକୁ ଭାରୀ ଆକର୍ଷଣୀୟ। ଆଜିକାଲି ସିନେମା ଓ ଫ୍ୟାଶନ ଶିଳ୍ପରେ ଏହି ଗହଣାକୁ ବେଶି ମାତ୍ରାରେ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳେ। ଏହା ଦେଖିବାକୁ ଝରା ଭଳି। ଏହାକୁ କାନରେ ଗୁଡ଼େଇ ପିନ୍ଧାଯାଇଥାଏ। ଏହାର ବିଭିନ୍ନ ଆକାର ରହିଛି। ଗୋଟିଏ ପତଳା ଓ ଲମ୍ବା ପିତ୍ତଳ ପାତିଆ ଉପରେ ପାଂଚରୁ ଆଠଟି ଫୁଲ ବସାଯାଇଥାଏ। ଏସବୁ ଫୁଲରେ ପଥର ବସାଯାଇଥାଏ। ପ୍ରତି ଫୁଲର ୟୁନିଟ୍‌କୁ ଗୋଟିଏ ଲେଖା 'ରାବା' କୁହାଯାଏ। ଗୋଟିଏ ଫୁଲରେ ପାଂଚଟି ରାବା ବସିଥାଏ।

**ଲୁଲି**(Earring)**:** ଏହା ବାନ୍ଦିଆ ଭଳି ଏକ କାନ ରିଙ୍ଗ୍, ମାତ୍ର ବାନ୍ଦିଆଠାରୁ ଆକାରରେ ଛୋଟ। ଆଦିବାସୀ ପୁରୁଷମାନେ କାନରେ ଲୁଲି ପିନ୍ଧିଥାନ୍ତି। ଏହାକୁ କେବଳ ଗୋଟିଏ ପିତ୍ତଳ କିମ୍ବା ସୁନା ତାରରୁ ପ୍ରସ୍ତୁତ କରାଯାଇଥାଏ।

**ଖଞ୍ଜା**(Earring)**:** ଏହା ଏକ ପ୍ରକାର କାନ ରିଙ୍ଗ୍। ଏହା ବାନ୍ଦିଆ ଭଳି। ମାତ୍ର ଆକାରରେ ବଡ଼। ପରଜା ଯୁବତୀମାନେ କାନରେ ଖଞ୍ଜା ପିନ୍ଧିବାକୁ ଅଧିକ ପସନ୍ଦ କରିଥାନ୍ତି। ଏହାର ଆକାର ବଡ଼ ହୋଇଥିବାରୁ କାନରେ ଝୁଲିଥିବାବେଳେ ଖୁବ୍ ମନୋରମ ଦିଶିଥାଏ। ପିତ୍ତଳ କିମ୍ବା ସୁନା ଧାତୁରେ ଏହାକୁ ନିର୍ମାଣ କରାଯାଇଥାଏ।

## ପରଜା ରମଣୀର ନାକ ଅଳଙ୍କାର (Nose Ornaments)

ପରଜା ନାରୀମାନେ ନାକରେ ବ୍ୟବହାର କରୁଥିବା ଅଳଙ୍କାରକୁ 'ମୁଦ୍ରା' କହନ୍ତି। କାନ ଭଳି ନାକକୁ ଗହଣାଶୂନ୍ୟ କରିବାକୁ ପରଜା ନାରୀମାନେ କେବେ ଚାହାନ୍ତି ନାହିଁ। ପରଜା ନାରୀମାନେ ନାକରେ ବିଭିନ୍ନ ପ୍ରକାର ଗହଣା ପିନ୍ଧିଥାନ୍ତି। ସେଗୁଡ଼ିକ ହେଲେ- ବେସ୍‌ରି, ଲବଙ୍ଗକଡ଼ୀ, ଝୁମ୍ପି, ଗୁଣା, ମାରାଦଣ୍ଡି, ତେନ୍ତୁଳିପତରିଆ ଦଣ୍ଡି, ନଥୁ।

**ବେସ୍‌ରି**(Nose Ring)**:** ଏହା ଏକ ନାକଫୁଲ ଜାତୀୟ ଅଳଙ୍କାର। ଦେଖିବାକୁ ଏକ ଫୁଲ ଭଳି। ଏଥିରେ ଏକ ନାଡ଼ ଓ ପେଂଚ ଲାଗିଥାଏ। ପରଜା ମହିଳାମାନେ ବେସ୍‌ରି ବ୍ୟବହାର କରିଥାନ୍ତି। ପିତଳ ଓ ସୁନା ଧାତୁରେ ବେସ୍‌ରି ନିର୍ମାଣ କରାଯାଇଥାଏ।

**ଲବଙ୍ଗକଡ଼ୀ**(Nose Ring)**:** ଏହା ବି ଏକ ନାଶା ଅଳଙ୍କାର। ଲବଙ୍ଗକଡ଼ିକୁ ପରଜା ଯୁବତୀଙ୍କଠାରୁ ଆରମ୍ଭ କରି ବୃଦ୍ଧାମାନେ ପରିଧାନ କରନ୍ତି। ଏହା ଦେଖିବାକୁ ଲବଙ୍ଗଫୁଲ ଭଳି। ଏଥିରେ ନାଡ଼ ଓ ପେଂଚ ଲାଗିଥାଏ। ପିତ୍ତଳ ଓ ସୁନା ଧାତୁରେ ଏହା ନିର୍ମିତ ହୋଇଥାଏ।

**ଝୁମ୍ପି**(Nose Ring)**:** ଏହା ଦେଖିବାକୁ କାନପେଣ୍ଡି ଭଳି। ମାତ୍ର ଏହା ଏକ ନାକଫୁଲ। ଖୋଲା ଛତା ଆକୃତିର ଏହି ନାକଫୁଲଟି ଦୁଇ ନାକପୁଡ଼ାର ମଧ୍ୟ ଭାଗରେ ଝୁଲିକରି ରହେ। ପରଜା ମହିଳାମାନେ ଏ ଧରଣର ନାକଫୁଲକୁ ବହୁଳ ଭାବେ ବ୍ୟବହାର କରିଥାନ୍ତି। ସୁନା ଓ ପିତ୍ତଳ ଧାତୁରେ ଏ ନାକଫୁଲ ନିର୍ମାଣ କରାଯାଇଥାଏ।

**ଗୁଣା**(Nose Ring)**:** ଏହା ଦେଖିବାକୁ ବେସ୍‌ରି ଭଳି। ମାତ୍ର ଏହାର ମଧ୍ୟ ଭାଗରେ ଏକ ହଂସ ବସିଥାଏ। ହଂସଟିର ଚାରିକଡ଼େ ଛୋଟ ଛୋଟ ଗୋଲାକୃତି ମାଳି (ରାବା) ଖଞ୍ଜାଯାଇଥାଏ।

**ମାରାଦଣ୍ଡି**(Nose Ring)**:** ପରଜା ନାରୀମାନେ ନାକରେ ବ୍ୟବହାର କରୁଥିବା ଅଳଙ୍କାର ମଧ୍ୟରୁ ମାରାଦଣ୍ଡିଟି ବେଶ୍ ଆକର୍ଷଣୀୟ ଲାଗିଥାଏ। ନାକର ଦୁଇପୁଡ଼ାର ମଧ୍ୟ ଭାଗରେ ଏହା ଝୁଲି ରହିଥାଏ। ଦଣ୍ଡି ଶ୍ରେଣୀର ଯେତେ ନାକ ଅଳଙ୍କାରସବୁ ଦୁଇ ନାକପୁଡ଼ାର ମଝିରେ ଝୁଲି ରହେ। ଏହାର ଆକାର ଦେଖିବାକୁ ଅର୍ଦ୍ଧ ଚନ୍ଦ୍ରାକୃତିର। ଏହାର ପାର୍ଶ୍ୱରେ କୋନ୍ ଆକାରର ଛୋଟଛୋଟ ରାବା ଖଞ୍ଜାଯାଇଥାଏ।

**ତେନ୍ତୁଳି ପତରିଆ ଦଣ୍ଡି**(Nose Ring)**:** ଏହା ଦେଖିବାକୁ ମାରାଦଣ୍ଡି ଭଳି । ମାତ୍ର ଏଥିରେ ତେନ୍ତୁଳିପତ୍ର ଆକୃତିର ଛୋଟ ଛୋଟ ରାବା ଖଞ୍ଜା ଯାଇଥାଏ । ମାରାଦଣ୍ଡି ଅପେକ୍ଷା ଏହା ଦେଖିବାକୁ ଅତି ମନଲୋଭା । ଏହା ଦୁଇ ନାକପୁଡ଼ାର ମଝିରେ ଝୁଲିକରି ରହେ ।

**ନଥୁ**(Nose Ring)**:** ଏହା ମଧ୍ୟ ଏକ ଦଣ୍ଡି ଜାତୀୟ ନାଶା ଅଳଙ୍କାର । ମାତ୍ର ଏହାକୁ ଦୁଇ ନାକପୁଡ଼ାର ମଝିରେ ପିନ୍ଧା ନଯାଇ ନାକର ପାର୍ଶ୍ୱରେ ପିନ୍ଧାଯାଏ । ଏଥିରେ ଏକ ନାଡ଼ ଓ ପେଂଚ ଲାଗିଥାଏ ।

## ପରଜା ନାରୀ ଓ ପୁରୁଷଙ୍କର ହାତ ଅଳଙ୍କାର (Hand Ornaments)

ଉଭୟ ପରଜା ନାରୀ ଓ ପୁରୁଷମାନେ ହାତରେ ବିଭିନ୍ନ ପ୍ରକାର ଅଳଙ୍କାର ପିନ୍ଧିବାକୁ ପସନ୍ଦ କରିଥାନ୍ତି । ମହିଳା ଓ ପୁରୁଷମାନେ ହାତର ମଣିବନ୍ଧରେ ବିଭିନ୍ନ ପ୍ରକାର ଚୁଡ଼ି, ବାଆଁଟା (ବାହୁଟି), ବଳା, ଖଡୁ, ହାତଚେନ୍ ଆଦି ପରିଧାନ କରିଥାନ୍ତି ।

**ଖଡୁ**(Bracelet)**:** ଉଭୟ ପରଜା ନାରୀ ଓ ପୁରୁଷମାନେ ହାତର ମଣିବନ୍ଧରେ ଖଡୁ ପରିଧାନ କରିଥାନ୍ତି । ପିତ୍ତଳ କିମ୍ବା ହ୍ୱାଇଟ୍ ମେଟାଲରେ ଏ ଅଳଙ୍କାର ନିର୍ମିତ ହୋଇଥାଏ । ଏହା ଗୋଲାକୃତିର ଏବଂ ଏହାର ମୁହଁ ଚୁଡ଼ି ଭଳି ସମ୍ପୂର୍ଣ୍ଣ ବନ୍ଦ ନ ହୋଇ ଗୋଟିଏ ମୁଣ୍ଡରେ ହୁକ୍ ଏବଂ ଅନ୍ୟ ମୁଣ୍ଡରେ ହୁକ୍ ପଶିଲା ଭଳି ଏକ କ୍ଷୁଦ୍ର କୁଣ୍ଡଳୀ ଥାଏ ।

**ଚୁଡ଼ି**(Bangles)**:** ଆଜିକାଲି ପରଜା ମହିଳାମାନେ କାଚ ନିର୍ମିତ ବିଭିନ୍ନ ପ୍ରକାର ଚୁଡ଼ି ପରିଧାନ କଲେଣି । ଏସବୁ ଚୁଡ଼ି ନିକଟସ୍ଥ ହାଟବଜାରରେ ଉପଲବ୍ଧ ହେଉଛି । ବିଶେଷକରି ପର୍ବପର୍ବାଣି, ମଣ୍ଡେଇ, ପରବ୍, ମାଲ୍ୟବନ୍ତ ଉତ୍ସବ, ଚଇତି ପରବ୍ ସମୟରେ ପରଜା ନାରୀମାନେ ଏ କାଚ ଚୁଡ଼ି (ପାଣିଚୁଡ଼ି) କିଣିଥାନ୍ତି ।

**ବାଆଁଟା**(Armlets)**:** ବାଆଁଟା (ବାହୁଟି) ଦେଖିବାକୁ ଗୋଲାକୃତିର ଏବଂ ଆକାରରେ ବହୁତ ବଡ଼ ଓ ମୋଟା । ଏହାର ଦୁଇ ମୁଣ୍ଡ ବନ୍ଦ ଥାଏ । ଏହାକୁ ପରଜା ନାରୀମାନେ ବାହୁରେ ପିନ୍ଧିଥାନ୍ତି ।

**ହାତଚେନ୍:** ହାତଚେନ୍ କେବଳ ପୁରୁଷମାନେ ହାତର ମଣିବନ୍ଧରେ ପିନ୍ଧିଥାନ୍ତି ।

## ପରଜା ନାରୀ ଓ ପୁରୁଷଙ୍କର ପାଦ ଅଳଙ୍କାର (Leg Ornaments)

ପରଜା ନାରୀମାନେ ପାଦକୁ ବିଭିନ୍ନ ଅଳଙ୍କାରରେ ସଜେଇବାକୁ ପସନ୍ଦ କରିଥାନ୍ତି । ପରଜା ନାରୀମାନଙ୍କ ଭଳି ପୁରୁଷମାନେ ମଧ୍ୟ ପାଦରେ କେତେ ପ୍ରକାର ଅଳଙ୍କାର ପରିଧାନ କରନ୍ତି । ପରଜା ନାରୀମାନେ ବଡ଼ ବଡ଼ ଗୋଲାକୃତି ପାଦବଳା ପାଦରେ ପିନ୍ଧନ୍ତି । ଏହାବ୍ୟତୀତ ଗୋଡ଼ ଅଙ୍ଗୁଳିରେ ଝୁଂଟିଆ ବ୍ୟବହାର କରନ୍ତି । ପରଜା ନାରୀମାନେ ପାଦରେ ପାଉଁଜି ଏବଂ ପାଦଖଡୁ (ପଏଁଡି) ପିନ୍ଧନ୍ତି । ପାଉଁଜିକୁ ପେଙ୍ଗୋ ଭାଷାରେ 'ପାଞ୍ଜୁରୁ' ଏବଂ ପାଦଖଡୁକୁ 'ପଏଁଡି' କହନ୍ତି ।

**ପାଦଖଡୁ (ପଏଁଡି)**(Anklets)**:** ପାଦଖଡୁ (ପଏଁଡି) ହେଉଛି ରୂପା କିମ୍ବା ହ୍ୱାଇଟ୍ ମେଟାଲରେ ନିର୍ମିତ ପାଦଖଡୁ । ଏହାର ଆକାର ବହୁତ ବଡ଼ ଓ ମୋଟା । ଏହାର ଆକାର ଗୋଲ୍ ଏବଂ ସାମାନ୍ୟ ବକ୍ର ହୋଇଥାଏ । ଏହା ବହୁତ ଓଜନିଆ ହୋଇଥିବାରୁ ଏଥିରେ ଅଧିକ ଧାତୁ ବ୍ୟବହାର ହୋଇଥାଏ । ହଳେ ପଏଁଡିର ଓଜନ ପାଖାପାଖି ଅଧା କିଲୋ ପର୍ଯ୍ୟନ୍ତ ହୋଇଥାଏ ।

**ପାଞ୍ଜୁରୁ**(Anklets)**:** ପରଜା ମହିଳାମାନେ ପାଦରେ ରୂପାର ପାଉଁଜି ବ୍ୟବହାର କରିଥାନ୍ତି । ଏହା ଗୋଲାକୃତି ଚେନ୍ ଭଳି । ଏହାକୁ ପାଦରେ ପିନ୍ଧାଯାଇଥାଏ । ପରଜା ନାରୀମାନେ ବିଭିନ୍ନ ଆକୃତିର ପାଉଁଜି ବ୍ୟବହାର କରିଥାନ୍ତି ।

**ଚିପ୍‌ନା**(Hair Pin)**:** ମୁଣ୍ଡକଂଟାକୁ ପେଙ୍ଗୋ ଭାଷାରେ ଚିପ୍‌ନା କହନ୍ତି। ମୁଣ୍ଡର କେଶ ଓ ଜୁଡ଼ାକୁ ବାନ୍ଧି ରଖିବାରେ ଚିପ୍‌ନା ସହାୟକ ହୋଇଥାଏ। ଏହା ପରଜା ମହିଳାଙ୍କର ଏକ ପାରମ୍ପରିକ ମୁଣ୍ଡକଂଟା। ଚିପ୍‌ନା ଦେଖିବାକୁ ଖୋଲାଛତା ଆକୃତିର। ଆଉ କେତେକ ଚିପ୍‌ନା ଦେଖିବାକୁ ଛତିକଂଟା ଭଳି।

**ହାତ ଓ ପାଦ ଆଙ୍ଗୁଳି ମୁଦି**(Finger and Toe Rings)**:** ପରଜା ଯୁବତୀମାନେ ହାତ ଓ ପାଦ ଆଙ୍ଗୁଳିରେ ବିଭିନ୍ନ ପ୍ରକାରର ମୁଦି ପିନ୍ଧିଥାନ୍ତି। ପେଙ୍ଗୋ ଭାଷାରେ ହାତ ମୁଦିକୁ 'ଓତୁସ' କୁହାଯାଉଥିବାବେଳେ ପାଦ ମୁଦିକୁ 'ଝୁଂଟିଆ' କହନ୍ତି। ଏସବୁ ମୁଦି ସୁନା, ରୂପା, ପିତ୍ତଳ କିମ୍ବା ତମ୍ବା ଧାତୁରେ ନିର୍ମାଣ କରାଯାଇଥାଏ।

**ଅଂଟାସୂତା**(Waist Band)**:** ପରଜା ମହିଳାମାନେ ଅଂଟାରେ ପାରମ୍ପରିକ ଅଂଟା ସୂତା ପିନ୍ଧିବାକୁ ପସନ୍ଦ କରିଥାନ୍ତି। ଅଂଟାସୂତାକୁ ପେଙ୍ଗୋ ଭାଷାରେ 'ମେଙ୍ଗ୍‌ଡୋର୍' କହନ୍ତି। ଏସବୁ ଅଂଟା ସୂତା ରୁପା କିମ୍ବା ହ୍ୱାଇଟ୍ ମେଟାଲରେ ନିର୍ମିତ ହୋଇଥାଏ। ଏହା ଦେଖିବାକୁ ଏକ ଫିତା ଭଳି। ରୂପାର ପତଳା ଚଦରରେ ଏହାକୁ ପ୍ରସ୍ତୁତ କରାଯାଇଥାଏ। ଏହାର ଗୋଟିଏ ମୁଣ୍ଡରେ ହୁକ୍ ଥାଏ ଏବଂ ଅନ୍ୟ ମୁଣ୍ଡରେ ଫଶା ଥାଏ। ହୁକ୍‌କୁ ଫଶାରେ ପୂରେଇ ଅଂଟାରେ ପିନ୍ଧାଯାଏ। ପରଜା ମହିଳାମାନେ ଅଂଟାରେ ଗୋଟିଏ ଅଂଟା ସୂତା ପିନ୍ଧନ୍ତି। ବେଳେବେଳେ ପରଜା ନାରୀମାନେ ଅଂଟାରେ ଏକାଧିକ ଅଂଟା ସୂତା ପରିଧାନ କରିଥାନ୍ତି। ବଣିଆ କିମ୍ବା ଘାସିଆମାନେ ପରଜା ଗାଁମାନଙ୍କୁ ବୁଲି ଯାଆନ୍ତି ଏବଂ ବିଭିନ୍ନ ଅଳଙ୍କାରର ଅର୍ଡର ନେଇ କିଛିଦିନ ପରେ ଯୋଗେଇଥାନ୍ତି।

**ଉପସଂହାର**

ଗୋଷ୍ଠୀ ଜୀବନ ହେଉଛି ପରଜାମାନଙ୍କ ସଫଳ ଜୀବନ ବଂଚିବାର ଆଧାର। ପରଜାମାନେ ଗୋଷ୍ଠୀଗତ ଭାବେ ଏକାଠି ମିଳିମିଶି ଜୀବନକୁ ଉପଭୋଗ କରନ୍ତି। ଗ୍ରାମର ସାଂସ୍କୃତିକ ଓ ସାମାଜିକ ଉତ୍ସବ, ପର୍ବପର୍ବାଣିମାନଙ୍କରେ ପରଜା ପୁରୁଷ ଓ ମହିଳାମାନେ ଏକତ୍ରିତ ହୋଇ ସୁଖ ଦୁଃଖ ବାଂଟିଥାନ୍ତି। ପର୍ବପର୍ବାଣି ଆସିଲେ ପରଜା ରମଣୀ, ଧାଙ୍ଗିଡ଼ୀମାନେ ନୂଆ ଲୁଗା ପିନ୍ଧି ଶରୀରକୁ ବିଭିନ୍ନ ଅଳଙ୍କାରରେ ସଜେଇବାରେ ଲାଗି ପଡ଼ନ୍ତି। ଆଜିର ଆଧୁନିକତାର ପ୍ରଭାବରେ ହେଉ କିମ୍ବା ଅପସଂସ୍କୃତିର ପ୍ରଭାବରେ ପରଜାମାନଙ୍କ ଗୋଷ୍ଠୀ ଜୀବନ ନକରାତ୍ମକ ଭାବେ ପ୍ରଭାବିତ ହୋଇଛି। ଆଜି ପରଜାମାନେ କୌଣସି ସାଂସ୍କୃତିକ ଏବଂ ସାମାଜିକ କାର୍ଯ୍ୟକ୍ରମରେ ଏକାଠି ହେବାକୁ ଆଗ୍ରହ ପ୍ରକାଶ କରୁ ନଥିବା ଦେଖିବାକୁ ମିଳୁଛି। ପରଜା ନାରୀମାନେ ଓ ଧାଙ୍ଗିଡ଼ୀମାନେ ପାରମ୍ପରିକ ଅଳଙ୍କାରକୁ ପୁରୁଣାକାଳିଆ କହି ସେସବୁକୁ ପରିଧାନ କରିବାକୁ କୁଣ୍ଠା ପ୍ରକାଶ କରୁଥିବାର ଦେଖିବାକୁ ମିଳିଲାଣି। ଯାହା ଫଳରେ ଅନେକ ପାରମ୍ପରିକ ଆଦିବାସୀ ଅଳଙ୍କାର ଆଜି ସେମାନଙ୍କ ପ୍ରସାଧନ ଓ ଶୃଙ୍ଗାର ବ୍ୟବସ୍ଥାରୁ ହଟିଯିବାକୁ ବସିଲାଣି। ଆଜିକାଲି ପରଜା ନାରୀମାନେ ବାହୁରେ ଏବଂ ଗୋଡ଼ରେ ବାଆଁଟା, ପାଦଖଡ଼ୁ, ଅଂଟା ସୂତା ପିନ୍ଧିବାକୁ ପସନ୍ଦ କରୁନାହାନ୍ତି। ଗଳାରେ ପାରମ୍ପରିକ ସୁଉକି ହାର ହେଉ କି ନାକରେ ଝୁମ୍ପି, ବେସ୍‌ରି ପିନ୍ଧିବାକୁ ଉତ୍ସାହ ପ୍ରକାଶ କରୁନାହାନ୍ତି। ଏହା ଫଳରେ ଅନେକ ପାରମ୍ପରିକ ଆଦିବାସୀ ଅଳଙ୍କାର ଏବେ ଇତିହାସ ହୋଇଗଲାଣି। ଏସବୁ ପାରମ୍ପରିକ ଆଦିବାସୀ ଅଳଙ୍କାରର ପୁନରୁଦ୍ଧାର ସହିତ ଏହାର ପୁନଃ ପ୍ରଚଳନ କରିବା ଏବେ ସମସ୍ତଙ୍କ ପାଇଁ ଏକ ଆହ୍ୱାନ ପାଲଟିଛି। ଅନ୍ୟପଟେ ଆଦିବାସୀଙ୍କର ଏ ପାରମ୍ପରିକ ଅଳଙ୍କାରର ବିକ୍ରିବଟା ପାଇଁ ଉପଯୁକ୍ତ ବଜାର ସୃଷ୍ଟି କରିବା ସାଙ୍ଗକୁ ଏହାର ବହୁଳ ପ୍ରଚାର, ପ୍ରସାର ଓ ବିଜ୍ଞାପନ ମଧ୍ୟ ଜରୁରୀ ଅଟେ। ଆଦିବାସୀଙ୍କ ପାରମ୍ପରିକ ଅଳଙ୍କାରକୁ ପୁନଃ ଲୋକପ୍ରିୟ କରାଇବା ଦିଗରେ ଉଭୟ ସରକାରୀ ଏବଂ ବେସରକାରୀ ସ୍ତରରେ ପଦକ୍ଷେପ ନିଆଯିବା ଉଚିତ୍।

## ସହାୟକ ଗ୍ରନ୍ଥ ସୂଚୀ

ପ୍ରଧାନ ରଞ୍ଜନ, (୨୦୦୭): 'ପରଜା ଜୀବନ ଓ ସଂସ୍କୃତି', ପ୍ରକାଶକ: ପ୍ରଜ୍ଞାପରିମିତା, କେନ୍ଦ୍ରାପଡ଼ା

ପ୍ରଧାନ ରଞ୍ଜନ, (୨୦୦୬): 'ନବରଙ୍ଗପୁର ଜିଲ୍ଲାର ସଂସ୍କୃତି ଓ ପର୍ଯ୍ୟଟନ', ପ୍ରକାଶକ: ପ୍ରଜ୍ଞାପରିମିତା, କେନ୍ଦ୍ରାପଡ଼ା

Ulaka Rama Chandra, (1976): "The Social Life of Paraja, ADIBASI"

Bell R.C.S, (1945) : "Orissa District Gazetteers, Koraput"

Senapati N. and Sahu N.K, (1966) : "Orissa District Gazetteers, Koraput"

Sahu Lakshmi Narayan, (1942) : "Hill Tribes of Jeypore", Orissa Mission Press, Cuttack

Census of India (1961)

Ota Dr. A.B. and Mohanty B.N., (2010) : "Population Profile of Scheduled Tribes in Orissa", SCSTRTI, Govt of Odisha, Bhubaneswar

## କ୍ଷେତ୍ର ସହାୟକ/ସହାୟିକା

୧. ଘନ ଜାନି, ଧନୁର୍ଜୟ ଜାନି, ତୁଳସା ଜାନି, ଉମାକାନ୍ତ ଜାନି
ଗ୍ରାମ: ରଜାମାଟି, ପଞ୍ଚାୟତ: ତୁମ୍ବର୍ଲା, ବ୍ଲକ୍: ପାପଡ଼ାହାଣ୍ଡି, ଜିଲ୍ଲା: ନବରଙ୍ଗପୁର

୨. ମୁଲିଆ ଜାନି, ମାଳି ଜାନି, ଶୁକ୍ରୁ ଜାନି
ଗ୍ରାମ: ହାଣ୍ଡିଗୁଡ଼ା, ପଞ୍ଚାୟତ: କଣ୍ଟାଗାଁ, ବ୍ଲକ୍: ତେନ୍ତୁଲିଖୁଣ୍ଟି, ଜିଲ୍ଲା: ନବରଙ୍ଗପୁର

୩. ତ୍ରିନାଥ ମୁଦୁଲି, ମଦନ ମୁଦୁଲି, ଜୟସିଂ ମୁଦୁଲି, ଶାମ୍ ଜାନି, ଆଦୁ ମୁଦୁଲି
ଗ୍ରାମ: ଦଣ୍ଡସେନାଗୁଡ଼ା, ପଞ୍ଚାୟତ: କୁମୁଲିପୁଟ, ବ୍ଲକ୍: ଜୟପୁର, ଜିଲ୍ଲା: କୋରାପୁଟ

୪. ସମାରୁ ଜାନି, କମଲୁ ମୁଦୁଲି, ରତନୀ ମୁଦୁଲି, ମଇନା ମୁଦୁଲି, ସୁନାଦେଈ ମୁଦୁଲି
ଗ୍ରାମ: ସାନଇନ୍ଦନପୁର, ପଞ୍ଚାୟତ: ମୁଞ୍ଜା, ବ୍ଲକ୍: ବୋରିଗୁମ୍ମା, ଜିଲ୍ଲା: କୋରାପୁଟ

୫. ହାରାବତୀ ମୁଦୁଲି, ମଇନା ଜାନି, ଡଇଲ ଜାନି, ବୁଦ୍ଧୁ ବଡ଼ନାୟକ, ଧନ ଜାନି, ମଧୁ ଜାନି
ଗ୍ରାମ: ମାଛପୁଟ, ପଞ୍ଚାୟତ: ପଦ୍ମପୁର, ବ୍ଲକ୍: କୋରାପୁଟ ସଦର, ଜିଲ୍ଲା: କୋରାପୁଟ

❖❖❖

# ଆଦିମ ବଣ୍ଡା ଜନଜାତିଙ୍କ ଆଭୂଷଣ କଳା : ଏକ ସାଂସ୍କୃତିକ ଓ ସମାଜତାତ୍ତ୍ୱିକ ଅନୁଶୀଳନ

**ରାଜେନ୍ଦ୍ର ପାଢୀ***

## ସାରାଂଶ

ଆଦିବାସୀମାନେ ଅତ୍ୟନ୍ତ ସୌନ୍ଦର୍ଯ୍ୟ ପିପାସୁ ଓ କଳାପ୍ରବଣ ମଣିଷ । ଏମାନେ ଅପରୂପ ପ୍ରକୃତିକ ସୁଷମାବେଷ୍ଟିତ ବଳୟ ମଧ୍ୟରେ ବସବାସ କରି ଆସୁଥିବାରୁ ପ୍ରକୃତିକୁ ଯେପରି ଉପଭୋଗ କରନ୍ତି ସେହିପରି ପ୍ରକୃତି ଆଧାରିତ ନିଜ ବେଶଭୂଷା,ପୂଜା ପାର୍ବଣ ଓ କଳାତ୍ମକ ଅଭିରୁଚି ସହ ଜଡ ଓ ଜୀବ ପ୍ରକୃତି ନିୟନ୍ତ୍ରିତ ଓ ସୁଗଠିତ ଜୀବନ ଜିଇଁଥାନ୍ତି ।

ଆଦିବାସୀ ସଂସ୍କୃତିର ଏକ ବଳିଷ୍ଠ ବିଭବ ହେଉଛି ଏମାନଙ୍କ କଳା କାରିଗରୀ । ଏମାନକ ଜୀବନକୁ ସରସ ଓ ସୁନ୍ଦର କରି ଆସିଥିବା ଏହି କଳା ମଧ୍ୟରେ ବସ୍ତୁ କଳା, ଉପଯୋଗୀ କଳା, ପ୍ରଦର୍ଶନଶୀଳ କଳା ଓ ଆଭୂଷଣ କଳା ପ୍ରଭୃତିରେ ସ୍ୱକୀୟ ମୌଳିକତା ଓ କଳାପ୍ରବଣତା ନିହିତ । ଏହି କଳା କାରିଗରୀରେ ଗୋଟିଏ ଆଦିବାସୀ ଗୋଷ୍ଠୀର ପ୍ରଜାତିଗତ ପରିଚିତି (Ethnic Identity) ବିଦ୍ୟମାନ । ଓଡିଶାର ୬୪ ପ୍ରକାରର ଆଦିବାସୀ ସଂପ୍ରଦାୟଙ୍କ ମଧ୍ୟରେ ଯେଉଁ ୧୩ ଗୋଟି ଆଦିବାସୀ ଗୋଷ୍ଠୀଙ୍କୁ ଅତି ଆଦିମ ତଥା ବିଶେଷ ଅନୁନ୍ନତ ଗୋଷ୍ଠୀର ଜନଜାତି (PVTG) ଭାବେ ସରକାରୀ ମାନ୍ୟତା ମିଳିଛି, ସେମାନଙ୍କ ମଧ୍ୟରେ ମାଲକାନଗିରି ଜିଲ୍ଲାର ଖଇରପୁଟ ବ୍ଲକରେ ବାସ କରୁଥିବା ଆଦିମ ବଣ୍ଡା ଜନଜାତି ଅନ୍ୟତମ । ଏମାନଙ୍କ ଦୈନନ୍ଦିନ ଜୀବନଚର୍ଯ୍ୟାରେ ବସ୍ତ୍ର, ଅଳଙ୍କାର, ବେଶଭୂଷା ଆଦି ଆଭୂଷଣ କଳା ସ୍ୱତନ୍ତ୍ର ଓ ବୈଚିତ୍ର୍ୟମଣ୍ଡିତ । ଏମାନଙ୍କ ବସ୍ତ୍ର ପରିଧାନ ଓ ଅଳଙ୍କାର ପରିଧାନରେ ଆଦିମ ସଭ୍ୟତାର ଯେତିକି ସଂକେତ ବିଦ୍ୟମାନ ତତୋଧିକ ରହିଛି ଏ ସବୁର ସାମାଜିକ, ଧର୍ମୀୟ ଓ ସାଂସ୍କୃତିକ ଉପାଦେୟତା । ପ୍ରସ୍ତୁତ ପ୍ରବନ୍ଧରେ ଏହି ଆଦିମ ବଣ୍ଡା ଜନଜାତିଙ୍କ ବିରଳ ଆଭୂଷଣ କଳାର ପ୍ରମୁଖ ବିଭବ- ବେଶ ଭୂଷା ଓ ଅଳଙ୍କାର ସମ୍ପର୍କରେ ଏକ ସାଂସ୍କୃତିକ ଓ ସମାଜତାତ୍ତ୍ୱିକ ଅନୁଶୀଳନର ପ୍ରୟାସ କରାଯାଇଛି ।

ମାଲକାନଗିରି ଜିଲ୍ଲାର ଖଇରପୁଟ ବ୍ଲକର ବାରଜଙ୍ଗର ପାହାଡ ଉପରେ ଓ ପାଦ ଦେଶରେ ୩୩ ଟି ଗ୍ରାମରେ ବାସ କରୁଥିବା ଆଦିମ ବଣ୍ଡାମାନେ ଅତି ଆଦିମ ଜନଜାତି ଭାବେ ପରିଗଣିତ । ସ୍ଥାନୀୟ ଦେଶିଆ ଭାଷାରେ 'ବଣ୍ଡା' କହିଲେ ଖୋଲା, ମେଲା ଓ ଲଙ୍ଗଳା । କିନ୍ତୁ,ଏହି ଜନଜାତି ସ୍ୱଳ୍ପ ବସ୍ତ୍ର ଖଣ୍ଡେ ପରିଧାନ କରୁଥିବାରୁ ଏମାନଙ୍କୁ 'ବଣ୍ଡା' ନାମରେ ନାମିତ କରାଯାଇଥିବା ଅନୁମିତ । ବାସ୍ତବରେ ଏମାନେ ନିଜକୁ

* ଆଦିବାସୀ ଗବେଷଣା ମଞ୍ଚ, ସା/ପୋ- କୁନ୍ଦୁରା, ଭାୟା –ଜୟପୁର, ଜିଲ୍ଲା- କୋରାପୁଟ -୭୬୪୦୦୨ (ଓଡ଼ିଶା)

'ରେମୋ' (ମଣିଷ) ବୋଲି କହିଥାନ୍ତି । ଏମାନଙ୍କ କଥିତ ଭାଷା "ରେମଶ୍ୟାମ' ଯାହାକି, ଆଷ୍ଟ୍ରୋ -ଏସିଆଡ୍ ପରିବାରର ଅନ୍ତର୍ଭୁକ୍ତ । ଏହି ଭାଷାର ସ୍ୱତନ୍ତ୍ର ଲିପି ନ ଥିବାରୁ ଏମାନଙ୍କ ଗୀତ, କାହାଣୀ, ମିଥ, ଢଗ ଢମାଳି ପ୍ରଭୃତି ମୌଖିକ ପରମ୍ପରାରେ ଗତିଶୀଳ ଓ ସଂଜୀବିତ । ୨୦୧୧ ଜନଗଣନା ଅନୁଯାୟୀ ଓଡିଶାରେ ବଣ୍ଡାମାନଙ୍କ ଜନସଂଖ୍ୟା ୧୨,୨୩୧ହୋଇ ଥିବାବେଳେ କେବଳ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଏମାନଙ୍କ ସଂଖ୍ୟା ୧୧,୮୬୩ ଜଣ । ଜାଙ୍ଗିରି ପାହାଡ ସଂଲଗ୍ନ ବଣ୍ଡା ପାହାଡ ଘାଟିରେ ରହୁଥିବା ବଣ୍ଡା ଭାଇ ଭଉଣୀମାନେ ଉପର ବଣ୍ଡା ଓ ପାହାଡ ତଳେ ବାସ କରୁଥିବାରୁ ତଳ ବଣ୍ଡା ଭାବେ ପରିଚିତ । ପାହାଡ ଉପରେ ମୁଦୁଲିପଡା ଓ ଆଣ୍ଡ୍ରାହାଲ ପଂଚାୟତରେ ବାସ କରୁଥିବା ବଣ୍ଡା ଲୋକଙ୍କ ଅପେକ୍ଷା ପାହାଡ ତଳେ ରାଜପଥ କଡରେ ରହିଥିବା ରାସବେଡା ପଂଚାୟତରେ ବାସ କରୁଥିବା ତଳ ବଣ୍ଡା ଲୋକମାନେ ବାହାର ଲୋକଙ୍କ ସଂସ୍ପର୍ଶରେ ଆସୁଥିବାରୁ ଏମାନଙ୍କ ଚାଲି ଚଳଣି ଓ ବେଶଭୂଷା ପ୍ରଭୃତି କ୍ରମଶଃ ଦ୍ରୁତ ପରିବର୍ତ୍ତନ ଘଟିଥିବା ପରିଲକ୍ଷିତ ହୋଇ ଥାଏ । ଏହି ଆଦିମ ଜନଜାତିଙ୍କ ପ୍ରଜାତିଗତ ପରିଚୟ (Ethenic Identity) ଯଥା: ଏମାନଙ୍କ ବେଶଭୂଷା ନୃତ୍ୟଗୀତ, ଭାଷା, ମୌଖିକ ପରମ୍ପରା ପ୍ରଭୃତି ଆଜି ଆଧୁନିକତାର ପ୍ରଭାବ ଓ ଚାପରେ ଯେଉଁ ମାତ୍ରାରେ ପରିବର୍ତ୍ତନ ହୋଇ ଚାଲିଛି, ତାହା ଭବିଷ୍ୟତରେ ଗୋଟିଏ ଆଦିମ ଜନଜାତିଙ୍କ ଏକ ଗମ୍ଭୀର ପରିଚୟ ସଙ୍କଟ ଭାବେ ମୁଣ୍ଡ ଟେକିବାର ସମ୍ଭାବନା ରହିଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ବଣ୍ଡା ସଂପ୍ରଦାୟ ଅତ୍ୟନ୍ତ ସ୍ୱାଭିମାନୀ ଓ ରକ୍ଷଣଶୀଳ ଜନଜାତି । ନିଜ ମାଟି ଓ ମଣିଷଙ୍କୁ ଏମାନେ ପ୍ରାଣଭରି ଭଲ ପାଇଥାନ୍ତି । ନିଜର ଉତ୍କଟ ଦାରିଦ୍ର୍ୟ ସତ୍ତ୍ୱେ ଏମାନେ ନିଜ ଅଂଚଳକୁ ସବୁଠୁ ଉତ୍କୃଷ୍ଟ ସ୍ଥାନ ଭାବେ ମନେ କରିଥାନ୍ତି । "ଏମାନଙ୍କ ବାସଗୃହ, ପୋଷାକ ପରିଚ୍ଛଦ, ଦୈନନ୍ଦିନ ବ୍ୟବହୃତ ବିଭିନ୍ନ ଉପକରଣ ଗୁଡିକରେ ବାସ୍ତୁ କଳାର ସୁନ୍ଦର ପ୍ରୟୋଗରୁ ଏମାନଙ୍କ କଳା କୁଶଳତାର ପରିଚୟ ମିଳି ଥାଏ" । (ପାଢୀ -୨୦୧୬,ପୃ-୩୮) ବେଶଭୂଷା ଓ ଚାଲିଚଳଣିରେ ଆଦିମ ସଭ୍ୟତାର ସଂକେତ ବିଦ୍ୟମାନ। ଏମାନଙ୍କର ସ୍ୱପ୍ରଜାତିଗତ ସ୍ୱତନ୍ତ୍ର ବେଶଭୂଷା ହେତୁ ଏମାନେ ଆଦିମ ବଣ୍ଡା ଜନଜାତି ଭାବେ ସହଜରେ ବାରି ହୋଇ ପଡନ୍ତି । ଏମାନେ ପ୍ରକୃତିଦତ୍ତ କଳାପ୍ରବଣ ମଣିଷ ଓ କଳା ଓ ଜୀବନ ଆଦିବାସୀ ମଣିଷ ସହିତ କ୍ଷୀର ନୀର ପରି ସଂପର୍କ । "ଯଦି କୋଣସି ବିଷୟ ଆଦିମ ଅଧିବାସୀମାନଙ୍କର ସଂସ୍କୃତି ଅଦ୍ୟାବଧି ଜୀବନ୍ତ ରହି ପାରିଛି, ତେବେ ତାହା ହେଉଛି ସେମାନଙ୍କର ବଳିଷ୍ଠ କଳାବୋଧ ଓ ନୃତ୍ୟ, ସଙ୍ଗୀତ, ଚିତ୍ର ଭାସ୍କର୍ଯ୍ୟ , ସ୍ଥାପତ୍ୟ ଓ ନାନା ପ୍ରକାରର ବ୍ୟବହାର ତଥା ଆଳଙ୍କାରିକ ଦ୍ରବ୍ୟ ମଧ୍ୟରେ ବୈଶିଷ୍ଟ୍ୟ ସୁପରିସ୍ଫୁଟ ।" (ରାଉତରାୟ-୧୯୮୧, ପୃ-୧୬୭) ବଣ୍ଡା ସମାଜରେ ଉଭୟ ପୁରୁଷ ଓ ମହିଳାଙ୍କ କଳାପ୍ରବଣତା ରହିଛି । ବଣ୍ଡାମାନେ ଅଳଙ୍କାର ପ୍ରିୟ ହେଲେ ହେଁ ଏମାନଙ୍କ ମହିଳାମାନେ ନିଜ ସୌନ୍ଦର୍ଯ୍ୟବୋଧର ପରିପ୍ରକାଶ ନିମନ୍ତେ ଅଧିକ ଅଳଙ୍କାରେ ସଜ୍ଜିତ ହୋଇଥାନ୍ତି । ପୂର୍ବେ ଏମାନଙ୍କର ସବୁ ଅଳଙ୍କାର ମିଶି ପ୍ରାୟ ୧୦ କି:ଗ୍ରା ରୁ ୧୫ କି:ଗ୍ରା ପର୍ଯ୍ୟନ୍ତ ହୋଇଥାଏ । ସମ୍ପ୍ରତି ଏହା କମି କମି ଆସି ୨-୩ କି:ଗ୍ରା ରେ ପହଂଚିଲାଣି । ଏମାନଙ୍କ ଆଭୂଷଣ କଳାର ଦୁଇ ପ୍ରମୁଖ ଅଙ୍ଗ ହେଉଛି : ପାରମ୍ପରିକ ବସ୍ତ୍ର ଓ ଅଳଙ୍କାର ଓ ଯାହାକି, ଏମାନଙ୍କର ପ୍ରଜାତିଗତ ପରିଚୟ । ଏମାନଙ୍କ ନିଜସ୍ୱ ଜ୍ଞାନ କୌଶଳରେ ଜୈବିକ ପଦ୍ଧତିରେ ବୁଣା ଯାଇଥିବା ଛୋଟିଆ ପାରମ୍ପରିକ ବସ୍ତ୍ରକୁ 'ରିଙ୍ଗା' କହିଥାନ୍ତି । ଏହା ଗଛର ତନ୍ତୁ ଓ କପା ସୂତାରେ

ପାରମ୍ପରିକ ଜ୍ଞାନ କୌଶଳରେ ନିଜସ୍ୱ ତନ୍ତ ଓ ଜୈବିକ ରଙ୍ଗଦେଇ ବୁଣାଯାଇଥାଏ ।

**ରିଙ୍ଗା (ବଣ୍ଡା ମଣିଷଙ୍କ ବସ୍ତ୍ର) :** ଏମାନଙ୍କ ବସ୍ତ୍ର ବୁଣିବା ଓ ପିନ୍ଧିବା ସମ୍ପର୍କରେ କେତେକ ଲୋକ କଥା ଓ ମିଥ୍ ପ୍ରଚଳିତ ।

ପ୍ରଥମ ଲୋକକଥାଟି ହେଲା ଅତି ପ୍ରାଚୀନ କାଳରେ ବଣ୍ଡାମାନେ ଉଲଗ୍ନ ହୋଇ ରହୁଥିଲେ । ସେକାଳରେ ଏମାନେ ବସ୍ତ୍ର ସମ୍ପର୍କରେ ଅଜ୍ଞାତ ଥିଲେ । ଦିନେ ବଣ୍ଡା ରମଣୀଟି ଘର କାର୍ଯ୍ୟରେ ବ୍ୟସ୍ତ ଥିବା ବେଳେ ମହାପ୍ରଭୁଙ୍କ ସ୍ତ୍ରୀ ଘରକୁ ଆସି ନିଆଁ ମାଗିଲେ । ମହାପ୍ରଭୁଙ୍କ ସ୍ତ୍ରୀଙ୍କୁ ଦେଖି ବଣ୍ଡା ସ୍ତ୍ରୀ ଲୋକଟି ଲାଜେଇ ଗଲା ଓ ବାମ ହାତରେ ନିଜ ଗୁପ୍ତାଙ୍ଗକୁ ଘୋଡାଇ ଡାହାଣ ହାତରେ ନିଆଁ ଦେଲା । ଏହା ଦେଖି ଠାକୁରାଣୀଙ୍କ ମନରେ ଦୟା ହେଲା ଓ ସେ ନିଜେ ପିନ୍ଧିଥିବା ଶାଢୀରୁ ଖଣ୍ଡେ କାଟି ତାକୁ ପିନ୍ଧିବାକୁ ଦେଲେ । ସେହିଦିନଠାରୁ ବଣ୍ଡା ଲୋକମାନେ ଏକ ଛୋଟିଆ ବସ୍ତ୍ର ପରିଧାନ କରି ଲଜ୍ଯା ନିବାରଣ କଲେ ।

ଦ୍ୱିତୀୟ ଲୋକ କଥାରେ ବର୍ଣ୍ଣିତ ଅଛି ଯେ ଆଦିବାସୀ ବାର ଭାଇଙ୍କ ମଧ୍ୟରେ ବଣ୍ଡା ବଡ ଭାଇ । ଦିନେ ସମସ୍ତ ଭାଇ ବେଂଟ କରିବାକୁ ଜଙ୍ଗଲକୁ ଯାଇଥିଲେ । ସେତେବେଳେ ବଣ୍ଡା ସ୍ତ୍ରୀଲୋକଟି 'କିଙ୍ଗୁ ବୁଡାନ୍' (ମୁଦୁଲିପଡାର ସୀତା କୁଣ୍ଡ )କୁ ପାଣି ଆଣିବାକୁ ଯାଇଥିଲେ । ସୀତା ଠାକୁରାଣୀ ସେଠାରେ ଗାଧୋଉଥିଲେ । ସେ ପିନ୍ଧିଥିବା ସିଲକ୍ ଶାଢୀ ସୂର୍ଯ୍ୟ କିରଣରେ ଚକ୍ ଚକ୍ କରୁଥିଲା । ଗାଧୋଇବା ବେଳେ ଶାଢୀଟି ଭିଜି ଯାଇ ତାଙ୍କର ଅଙ୍ଗ ପ୍ରତ୍ୟଙ୍ଗ ବାହାରକୁ ଫୁଟି ଦିଶୁଥିଲା । ଏହା ଦେଖି ବଣ୍ଡା ସ୍ତ୍ରୀଲୋକମାନେ ହସିଦେଲେ । ସୀତା ଠାକୁରାଣୀ ହସିବାର କାରଣ ପଚାରିଲେ । ସୀତା ପିନ୍ଧିଥିବା ଶାଢୀଟି ଗୋଟେ ବୁଢିଆଣୀ ଜାଲ ପରି ଦେଖାଯାଉଛି ବୋଲି ଉତ୍ତର ଦେଲେ । ସୀତା ଠାକୁରାଣୀ କ୍ଷୁବ୍ଧ ହୋଇ ଅଭିଶାପ ଦେଲେ ଯେ ଆଜିଠାରୁ ତୁମେ ଲାଙ୍ଗଳା ରହିବ। ତୁମ ମୁଣ୍ଡ ଲାଣ୍ଡି ହୋଇ ଯାଉ । ସୀତାଙ୍କ ବାକ୍ୟ ନ ସରୁଣୁ ବଣ୍ଡା ସ୍ତ୍ରୀଙ୍କ ଲୁଗା ଓ ମୁଣ୍ଡବାଳ ପୋଡିଗଲା। ସେ ଲାଜରେ ପ୍ରସ୍ତର ଆଢୁଆଳରେ ଲୁଚି ରହିଲା । ଏଣେ ଶିକାର ସାରି ଭାଇମାନେ ଘରକୁ ଫେରି ଦେଖିଲେ ଯେ ବଣ୍ଡା ରମଣୀ ଘରେ ନାହିଁ । ଜଙ୍ଗଲ ସାରା ଖୋଜି ଖୋଜି କିଙ୍ଗବୁଡାକ୍ ପାଖ ପଥରରେ ସଂପୂର୍ଣ୍ଣ ଉଲଗ୍ନ ଓ ଲଣ୍ଡା ହୋଇ ଲୁଚି ଥିବାର ଦେଖିଲେ । ଏହାର କାରଣ ପଚାରି ବୁଝିଲେ । ଏହାର ପ୍ରତିକାର ପାଇଁ ସମସ୍ତେ ଯାଇ ମହାପ୍ରଭୁଙ୍କୁ ପ୍ରାର୍ଥନା କଲେ । ମହାପ୍ରଭୁ ଦୟା ପରବଶ ହୋଇ ନିଜ ତନ୍ତୁ ନିର୍ମିତ ବସ୍ତ୍ରରୁ ଖଣ୍ଡେ ଦେଲେ ଏବଂ କହିଲେ ଆଜିଠାରୁ ଯଦି ଏହାଠାରୁ ଅଧିକ ବସ୍ତ୍ର ପରିଧାନ କିମ୍ବା ମୁଣ୍ଡରେ ବାଳ ରଖନ୍ତି, ତେବେ ବଣ୍ଡା ବଂଶ ଧ୍ୱଂସ ହୋଇଯିବ । ଭାଇମାନେ ଏହି କପଡାକୁ ବଣ୍ଡା ରମଣୀଙ୍କୁ ଦେଲେ । ସେହିଦିନଠାରୁ ବଣ୍ଡା ସ୍ତ୍ରୀମାନେ ଶାଢୀ ପିନ୍ଧେ ନାହିଁ କି ମୁଣ୍ଡରେ କେଶ ରଖନ୍ତି ନାହିଁ । (ମାହାଣା- ୨୦୦୪, ପୃ-୨୯୯)

ଅନ୍ୟ ଏକ ବଣ୍ଡା କାହାଣୀରେ ସୀତା ପତଳା ବସ୍ତ୍ର ପରିଧାନ କରି ଗାଧୋଉ ଥିବା ବେଳେ ବଣ୍ଡା ସ୍ତ୍ରୀମାନେ ଭ୍ରମରେ ଠାକୁରାଣୀ ଉଲଗ୍ନ ହୋଇ ଗାଧୋଉ ଥିବାର ଭାବି ପରିହାସ କରିଥିଲେ । ଏଥିରେ କ୍ଷୁବ୍ଧ ହୋଇ ମା ସୀତା କହିଲେ ତୁମେ ନାରୀ ହୋଇ ଆଉ ଜଣେ ନାରୀକୁ ଗାଧୋଇବା ଦେଖି ଉପହାସ କରୁଛ । ସେ ବଣ୍ଡା ସ୍ତ୍ରୀ ଲୋକମାନଙ୍କୁ ଲଙ୍ଗଳା ଓ ଲଣ୍ଡା ହେବା ପାଇଁ ଅଭିଶାପ ଦେଇଥିଲେ । ଏମାନେ ପରେ ସୀତା ଠାକୁରାଣୀଙ୍କୁ ପ୍ରାର୍ଥନା କରିବାରୁ ସେ ତାଙ୍କ ନିଜ ଶାଢୀ କାନିରୁ ଖଣ୍ଡେ ଧଡି ଚିରି ଦେଇଥିଲେ । ବଣ୍ଡା ସ୍ତ୍ରୀଲୋକମାନେ ସେହି

ଦିନଠାରୁ ଏକ ଛୋଟ ବସ୍ତ୍ର ପିନ୍ଧି ଆସୁଛନ୍ତି । ( Das K.B. and Mahapatra L.K., ୧୯୭୯ Page-୫) ଯାହାକି ବଣ୍ଡା ଭାଷାରେ ରିଙ୍ଗା ନାମରେ ପରିଚିତ । ବଣ୍ଡା ସମ୍ପ୍ରଦାୟରେ ରିଙ୍ଗାର ପ୍ରଚାଳନ ବହୁ ପ୍ରାଚୀନ। କେତେକ ମିଥ୍‌ରୁ ଜଣାଯାଏ ଯେ ବଣ୍ଡା ଓ ଗାଦବା ଦୁଇ ଭାଇ ଥିଲେ । ଘଟଣାକ୍ରମରେ ଏମାନେ ଭିନ୍ନ ହୋଇ ଯାଇଛନ୍ତି । ଏହି ଦୁଇ ସଂପ୍ରଦାୟ ସର୍ବ ପ୍ରଥମେ ଗଛର ତନ୍ତୁରୁ ଲୁଗା ବୁଣି ପିନ୍ଧିଥିଲେ । ବଣ୍ଡା ସପ୍ରଦାୟଙ୍କ ରିଙ୍ଗା ବସ୍ତ୍ର ଅନୁରୂପ ଗାଦବାମାନଙ୍କ କେରଙ୍ଗ ବସ୍ତ୍ରକୁ ପାରମ୍ପରିକ ଭାବେ ଏମାନେ ବୁଣିଥାନ୍ତି । ରିଙ୍ଗା ଠାରୁ କେରଙ୍ଗ ବସ୍ତ୍ରର ଲମ୍ବ ଓ ଓସାର ଅଧିକ । ଏମାନେ ସ୍ୱନିର୍ମିତ ତନ୍ତରେ ଗଛର ତନ୍ତୁ ସୂତା ସହ ବଜାରର କପା ସୂତା ମିଶାଇ ଏଥିରେ ପ୍ରକୃତିକ ରଙ୍ଗ ଦେଇ ଲୁଗା ବୁଣିଥାନ୍ତି । ଏହି ଲୁଗାର ଆୟୁଷ ପ୍ରାୟ ୭୦-୮୦ ବର୍ଷ । ଏହାଠାରୁ ଅଧିକ ମଧ୍ୟ । ମୋର କ୍ଷେତ୍ର ଅଧ୍ୟୟନ କାଳରେ ତିନି-ଚାରି ପୁରୁଷ ଧରି କେତେକ ଗାଦବା ଘରେ ଏହି ଲୁଗା ରହିଥିବା ଦେଖିବାକୁ ମିଳିଛି ।

ବଣ୍ଡା ସମ୍ପ୍ରଦାୟଙ୍କ ବସ୍ତ୍ର ରିଙ୍ଗାର ଲମ୍ବ ୩ ଫୁଟ ଓ ଓସାର ଏକ ଫୁଟ । ଏହାକୁ ଅଂଟାରେ ଗୁଡାଇ ମହିଳାମାନେ ସଯତ୍ନରେ ପିନ୍ଧିଥାନ୍ତି ଓ ଏମାନେ ଦେହର ଉପରି ଭାଗକୁ ବସ୍ତ୍ର ପରିବର୍ତ୍ତେ ଗୋଛାଏ ମାଳୀ ପିନ୍ଧି ଆବୃତ୍ତ କରି ରଖନ୍ତି । ବଣ୍ଡାମାନେ ରିଙ୍ଗା ବସ୍ତ୍ର ବୁଣିବା ପାଇଁ ସୁମେ ଗାଲିରାକ୍ ପୁଷ ପରବ ପରେ ଜଙ୍ଗଲକୁ ଯାଇ ମୁରଗା, ଏଗୁଇ, କେରଙ୍ଗ ଗଛ ସଂଗ୍ରହ କରିଥାନ୍ତି । ଏହି ଗଛର ବକଳକୁ ଛଡାଇ ତନ୍ତୁ ବାହାର କରିଥାନ୍ତି । ଏହି ତନ୍ତୁକୁ ହାତ, ଜଙ୍ଘ ଓ ଗୁନୁରା (ସୂତା ପାକଲ କରିବା ତକଲି )ରେ ପାକଳ କରିଥାନ୍ତି । ଏମାନଙ୍କ ନିଜସ୍ୱ ତିଆରି ଲୁଗା ବୁଣା ତନ୍ତ (ତେନାଙ୍ଗତା କୁନୁ କପ୍) ସାହାଯ୍ୟରେ ରିଙ୍ଗା ବସ୍ତ୍ରକୁ କେବଳ ବଣ୍ଡାମହିଳାମାନେ ହିଁ ବୁଣିଥାନ୍ତି । ଏମାନଙ୍କ ସମ୍ପ୍ରଦାୟରେ ପୁରୁଷମାନେ ରିଙ୍ଗା ବୁଣିବା ନିଷେଧ ରହିଛି । ରିଙ୍ଗାର ନାଲି, କଳା, ଗେରୁଆ ପ୍ରଭୃତି ବିଭିନ୍ନ ରଙ୍ଗର ରେଖାମାନ ଭାରି ସୁନ୍ଦର ଓ ଆକର୍ଷଣୀୟ ହୋଇଥାଏ । ବଣ୍ଡା ମହିଳାମାନେ ରିଙ୍ଗା ପିନ୍ଧିବା ହେତୁ କଂଟାଳଟା ପାହାଡପର୍ବତ ମଧ୍ୟରେ ସହଜରେ ବୁଲି କାର୍ଯ୍ୟ ପାରିଥାନ୍ତି । ସମୟ ଓ ଅର୍ଥ ଅଭାବରୁ ସେମାନେ ଲମ୍ବା ଶାଢୀ ବୁଣିବାରେ ଅକ୍ଷମ, ପୁନଶ୍ଚ ଏହି ରିଙ୍ଗା ସେମାନଙ୍କର ପାରମ୍ପରିକ ଲୋକ ବିଶ୍ୱାସ ଓ ପ୍ରଜାତିଗତ ପରିଚିତି ସହ ଓତପ୍ରୋତ ଭାବେ ଜଡିତ । ଆଜି ଆଧୁନିକତାର ପ୍ରଭାବରେ ରିଙ୍ଗା ବଦଳରେ ହାଟବଜାରରେ ମିଳୁଥିବା ରଙ୍ଗ ବେରଙ୍ଗର ଗାଉନ୍, ନାଇଟି, ଶାୟା, ଶାଢୀ, ବ୍ଲାଉଜ ପ୍ରଭୃତି ପିନ୍ଧିଲେଣି । କେବଳ ନୃତ୍ୟ ଗୀତ ଓ ବିଶେଷ ଅବସରରେ ରିଙ୍ଗା ବସ୍ତ୍ର ସହ ବିଭିନ୍ନ ଅଳଙ୍କାର ସବୁ ପିନ୍ଧିବା ଦୃଷ୍ଟିଗୋଚର ହୋଇଥାଏ ।

ବଣ୍ଡା ପୁରୁଷମାନେ ଲଜ୍ୟା ନିବାରଣ ନିମନ୍ତେ ୪ ଫୁଟ ଲମ୍ବ ଓ ଦୁଇ ଫୁଟ ଅସାରର ଗୋସି (ଏକ ଛୋଟିଆ ଲୁଗା) ପିନ୍ଧିଥାନ୍ତି । ଏହାକୁ ରିଙ୍ଗା ଅନୁରୂପ ବଣ୍ଡା ମହିଳାମାନେ ନିଜସ୍ୱ ତନ୍ତରେ ବୁଣିଥାନ୍ତି । ଏମାନଙ୍କ ଲୁଗା ବୁଣିବା ଶୈଳୀରେ ଆଦିମ ଜ୍ଞାନ କୌଶଳ ନିହିତ । ଆଜିକାଲି ବଣ୍ଡା ପୁରୁଷ ମାନେ ଲୁଙ୍ଗୀ, ଧୋତି, ପ୍ୟାଂଟ, ଶାର୍ଟ ପ୍ରଭୃତି ପିନ୍ଧିଲେଣି ।

**ଅଳଙ୍କାର :** ସୁଠାମ ଓ ଶକ୍ତ ବଣ୍ଡା ଯୁବତୀଟି ରିଙ୍ଗା ସହ ଅନ୍ୟାନ୍ୟ ବହୁ ଅଳଙ୍କାର ପିନ୍ଧି ନିଜ ସୌନ୍ଦର୍ଯ୍ୟବୋଧର ପରିଚୟ ଦେଇଥାଏ । ଅଧିକ ଅଳଙ୍କାର ପିନ୍ଧି ବଣ୍ଡା ଧାଙ୍ଗିଡିଟି ତାର ଜୀବନ ସାଥୀକୁ ଆକର୍ଷିତ କରିଥାଏ । ଏମାନଙ୍କ ଆଳଙ୍କାର ସବୁ ସାଧାରଣତଃ ଲୁହା, ରସ, ପିତ୍ତଳ, କାଚ, ପଥର ଓ ପତ୍ର ପ୍ରଭୃତିରେ ତିଆରି ହୋଇଥାଏ । ଏମାନଙ୍କ

ଧାତୁ ଓ କାଚ ନିର୍ମିତ କେତେକ ଅଳଙ୍କାରକୁ ପାଖ ହାଟ ବଜାରରୁ କିଣିଥାନ୍ତି । ଆଉ କେତେକ ବଣିଆ ଓ କମାରମାନେ ତିଆରି କରିଥାନ୍ତି । ଏମାନେ ବିଭିନ୍ନ ଗଛର ପତ୍ର, ଫଳ, କାଠର ଅଳଙ୍କାର ସବୁକୁ ନିଜେ ତିଆରି କରି ପିନ୍ଧିଥାନ୍ତି । ଏମାନେ ନାକ, କାନ, ବେକ,ବାହୁ, ଗୋଡ, ହାତ, ଅଂଟା ଓ ମୁଣ୍ଡକୁ ବିଭିନ୍ନ ଅଳଙ୍କାରରେ ଅତି ସୁନ୍ଦର ଭାବେ ସଜାଇ ଥାନ୍ତି । ଏମାନଙ୍କ ବିଭିନ୍ନ ଅଳଙ୍କାର ସମ୍ପର୍କରେ ସଂକ୍ଷିପ୍ତ ସୂଚନା ନିମ୍ନରେ ଦିଆଯାଉଛି:

ରେନାଂଗବ ଲୁବାଇଡା (ମୁଣ୍ଡର ମାଳୀ) ପୂର୍ବ ବର୍ଣ୍ଣିତ ଲୋକ କଥାରେ ସୀତା ମା'କ ଅଭିଶାପରେ ବଣ୍ଡା ରମଣୀମାନେ ମୁଣ୍ଡରେ କେଶ ରଖନ୍ତି ନାହିଁ ବୋଲି କଥିତ । କିନ୍ତୁ ଏହାର ଅନ୍ୟ କାରଣମାନ ହେଲା– ପରିଶ୍ରମୀ ବଣ୍ଡା ସ୍ତ୍ରୀ ଲୋକମାନେ କେଶର ଯତ୍ନ ନେଇ ପାରନ୍ତି ନାହିଁ ଓ କେଶରେ ତେଲ ଲଗାଇବାକୁ ମଧ୍ୟ ସମୟ ପାଇ ନ ଥାନ୍ତି। ଏଥିପାଇଁ ଏମାନେ ନିଜ ମୁଣ୍ଡକୁ ଲଣ୍ଡା କରି ଅନେକ ପ୍ରକାର ମାଳିରେ ସଜାଇଥାନ୍ତି । ଏମାନେ ଏମିତି ଭାବରେ ଲଣ୍ଡା ମୁଣ୍ଡକୁ ସଜାଇଥାନ୍ତି ଯେ କେହି ଲଣ୍ଡିତା ବୋଲି ଜାଣି ପାରିବା ସମ୍ଭବ ନୁହେଁ । ବଜାରରୁ କିଣିଥିବା ଧଳା, କଳା, ହଳଦିଆ, ସବୁଜ, ନାଲି ପ୍ରଭୃତି ରଙ୍ଗର ମାଳି ସବୁକୁ ସୂତାରେ ସୁନ୍ଦର ଭାବେ ଗୁନ୍ଥି ମୁଣ୍ଡ ଚାରିପାଖକୁ ଗୁଡେଇ ଦେଇଥାନ୍ତି । ଯେପରିକି ମୁଣ୍ଡର କୌଣସି ଅଂଶ କେହି ଦେଖି ନ ପାରନ୍ତି ଓ ମାଳି ସବୁକୁ ଚାପି ରଖିବା ପାଇଁ ଅନ୍ୟ ଏକ ମାଳିରେ ଶକ୍ତ ଭାବରେ ବାନ୍ଧି ଦେଇଥାନ୍ତି । ଏହା ବ୍ୟତୀତ ଏମାନେ ଜଙ୍ଗଲୀ ଘାସରେ ତିଆରି ସୂତାକୁ ଧନୁ ଆକାରରେ ବୁଣି ମୁଣ୍ଡରେ ପିନ୍ଧିଥାନ୍ତି । ଏହାକୁ 'କୁରତବ' କୁହାଯାଏ । ଏମାନେ ଖଜୁରୀ ପତ୍ରରେ ତିଆରି 'ଣ୍ଡଇଣ୍ଡା' ନାମକ ମୁଣ୍ଡ ସୂତା ମଧ୍ୟ ପିନ୍ଧିଥାନ୍ତି । ଏମାନେ ମୁଣ୍ଡରେ ପିନ୍ଧିଥିବା ମାଳୀସବୁ ଟୋପି ପରି ଘୋଡେଇ ଅତି ଆକର୍ଷଣୀୟ ହୋଇଥାଏ ।

**କାନ ଫୁଲ :** ଏମାନଙ୍କ କାନ ଫୁଲ ସାଧାରଣତଃ ରସ ଓ ପିତଳରେ ତିଆରି କରାଯାଇଥାଏ । ରସରେ ତିଆରି କାନ ଫୁଲ ଲିମ୍ବଲଲୁ ହେଉଛି – ଏକ ମୋଟା ରସ ଖଣ୍ଡକୁ ଦୁଇ ପାର୍ଶ୍ୱରେ ଚେପଟା କରି ବଡ ଚେପଟା ପାଖଟି ଆଗକୁ ଦେଇ ପିନ୍ଧିଥାନ୍ତି । ଅନ୍ୟ ଏକ କାନ ଫୁଲ 'ଜୁଙ୍ଗଜୁଙ୍ଗଲୁ' ଯାହାକି ଏକ ତାରକୁ ଗୋଲେଇ କରି ଏହାର ନିମ୍ନରେ ଛୋଟ ଛୋଟ ଚେନ ଝୁଲା ଯାଇଥାଏ । ଲିମ୍ବଲଲୁକୁ କାନର ଉପରି ଭାଗରେ ପିନ୍ଧିଥାନ୍ତି । ଜୁଙ୍ଗଜୁଙ୍ଗଲୁକୁ କାନର ନିମ୍ନ ଭାଗରେ ପିନ୍ଧିଥାନ୍ତି । କାନ ଓହଳି ନ ଯିବା ପାଇଁ ଏହକୁ ମୁଣ୍ଡ ମାଳି ସହ ସଂଯୋଗ କରିଥାନ୍ତି । ପୂର୍ବେ ବଣ୍ଡା ସ୍ତ୍ରୀଲୋକମାନେ ନାକରେ କୌଣସି ନାକଫୁଲ ପିନ୍ଧୁ ନ ଥିଲେ । ଏବେ ଅନ୍ୟମାନଙ୍କୁ ଦେଖି ଯୁବତୀମାନେ ନାକ ଫୁଲ ପିନ୍ଧୁ ଥିବା ଦେଖାଯାଏ । ଏମାନେ ନାକଫୁଲକୁ 'ସୁନକମି' କହିଥାନ୍ତି ।

**ଭଁସୁଙ୍ଗ/ଖଗଲା (ବେକର ବଳା):** ପିତ୍ତଳ ବଳା ଓ ରସର ବଳା ଏହି ଦୁଇ ପ୍ରକାରର ବଳାକୁ ବଣ୍ଡା ରମଣୀମାନେ ପିନ୍ଧିଥାନ୍ତି । ଏମାନେ ପିତ୍ତଳର ବଳା ସହ ରସର ବିଭିନ୍ନ ପ୍ରକାରର ବଳାଗୁଡିଏ ପିନ୍ଧିଥାନ୍ତି । ପୋଲା ରସ ଦଣ୍ଡକୁ ଗୋଲେଇ କରି ଉଭୟ ପଟକୁ ଯୋଡିବା ପାଇଁ ସେଥିରେ ମାଈ ଓ ଅଣ୍ଡିରା ଆଙ୍କୁଡି ରଖା ଯାଇଥାଏ । ପିତ୍ତଳ ତିଆରି ବଳାକୁ ଅଧିକାଂଶ ସ୍ୱଚ୍ଛଳ ବର୍ଗର ସ୍ତ୍ରୀ ଲୋକମାନେ ପିନ୍ଧିବା ଦେଖାଯାଏ । ଲୁହା କିମ୍ବା ରସ ଦଣ୍ଡରେ ରସର ତାର ଗୁଡାଇ ଦିଆ ଯାଇଥାଏ । ଏହାକୁ କମାର ତିଆର କରି ଥାଏ । ଆଜିକାଲି ହାଟ ବଜାରରେ ମଧ୍ୟ ଏସବୁ ଉପଲବ୍ଧ ହେଲାଣି । ଜଣେ ବଣ୍ଡା ରମଣୀ ପ୍ରାୟ ୮ ରୁ ୧୦ କିମ୍ବା ବେକରେ ଯେତେ ସଂଖ୍ୟକ ରହିପାରିବ ସେତୋଟି ବଳା ପିନ୍ଧିଥାନ୍ତି । ଏହି ବଳା କେବଳ ନିଜର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ବ୍ୟବହାର କରାଯାଇ ନ ଥାଏ, ଏଥିରେ ଏମାନଙ୍କ ସାମାଜିକ, ସାଂସ୍କୃତିକ ଓ ଆର୍ଥିକ ଜୀବନର ପ୍ରତିଫଳନ ହୋଇଥାଏ । ବ୍ୟାବହାରିକ ଦୃଷ୍ଟିରୁ ଦେଖିଲେ ବେକରେ

ଭଁସୁଙ୍ଗ (ବଳା) ପିନ୍ଧିଥିବା ଜଣେ ବଣ୍ଡା ସ୍ତ୍ରୀ ଲୋକକୁ କେହି ଜଣେ ବେକରେ ଚିପି କିମ୍ବା ଅସ୍ତ୍ର ପ୍ରୟୋଗ କରି ମାରି ପାରିବେ ନାହି । କାରଣ ଏହି ଭଁସୁଙ୍ଗ ଏହାକୁ ପ୍ରତିରୋଧ କରିବ ଓ ଦ୍ୱିତୀୟତଃ ଡଙ୍ଗର ପାହାଡରେ ମୁଣ୍ଡରେ ବୋଝ ନେଇ ଯିବାଆସିବା ବେଳେ ଏହା ମୁଣ୍ଡକୁ ସିଧା ଓ ସ୍ଥିର କରି ରଖେ । (ମାହାଣା-୨୦୦୪, ପୃ-୩୦୪) ଏଥିରୁ ଏହି ବଳାବନ୍ଧର ସାମାଜିକ, ସାଂସ୍କୃତିକ ଓ ଶାରୀରିକ ଉପଯୋଗିତା ସହଜରେ ଅନୁମାନ କାରାଯାଇପାରେ ।

**ଲୁବଇଡା :** (ମାଳି) ବଣ୍ଡା ରମଣୀମାନେ ପ୍ରଚଳିତ କିମ୍ବଦନ୍ତୀ ଓ ପ୍ରଜାତିଗତ ପରମ୍ପରା ଅନୁଯାୟୀ ଅଂଟା ତଳରୁ ଆଣ୍ଠୁ ପର୍ଯ୍ୟନ୍ତ କେବଳ ଏକ ଛୋଟ ବସ୍ତ୍ର 'ରିଙ୍ଗା' ପିନ୍ଧୁ ଥିବାରୁ ନିଜ ଶରୀରର ଉପର ଅଂଶକୁ ଘୋଡାଇ ରଖିବା ନିମନ୍ତେ ଅତି ଚତୁରତା ସହ ଅସଂଖ୍ୟ ମାଳି ପିନ୍ଧିଥାନ୍ତି । ଏମାନେ ମାଳିକୁ 'ଲୁବଇଡ଼ା'କହିଥାନ୍ତି । ମାଳିଗୁଡିକ ବେକ ଠାରୁ ନାଭି ପର୍ଯ୍ୟନ୍ତ ଲମ୍ବାଇଥାନ୍ତି ଓ ଏମାନେ କାଚ ଓ ପ୍ଲାଷ୍ଟିକର ଲାଲ, ସବୁଜ, ନୀଳ, ହଳଦିଆ, କଳା, ପ୍ରଭୃତି ରଙ୍ଗର ମାଳିସବୁକୁ ହାଟବଜାରରୁ କିଣି ଆଣି ନାଇଲନ୍ ସୂତାରେ ବେକରୁ ନାଭି ପର୍ଯ୍ୟନ୍ତ ମାପ ଦେଖି ଗୁନ୍ଥିଥାନ୍ତି । ଏମାନେ ମଧ୍ୟ ପଇସା ମାଳି (ଡାବୁ ଲୁବଇଡ଼ା), କଉଡି ମାଳି (ବୁଡେ ଲୁବଇଡ଼ା) ଓ ପିତ୍ତଳ ମାଳିକୁ ପର୍ବପର୍ବାଣି ଓ ନୃତ୍ୟଗୀତ ଅବସରରେ ପିନ୍ଧିଥାନ୍ତି । ଏମାନେ ଜଙ୍ଗଲରୁ ସଂଗୃହିତ କିଛି ଫଳ ଯଥା: କେଉଟ ମାଳ, କାକଡ ଜୋଡ ଓ ଶିରେ ପ୍ରଭୃତି ଫଳକୁ ଶୁଖାଇବା ପରେ ଏହାକୁ ଗୁନ୍ଥି ମାଳି କରି ପିନ୍ଧିବା ଲକ୍ଷ୍ୟ କରାଯାଏ । ମାଳିକରି ପିନ୍ଧୁ ଥିବା ଏହି ଫଳ ଗୁଡିକରେ ଔଷଧୀୟ ଗୁଣ ମଧ୍ୟ ରହିଥାଏ । ବିଭିନ୍ନ ପ୍ରକାର ମାଳି ଦ୍ୱାରା ବଣ୍ଡା ରମଣୀମାନେ ଶରୀରର ଉପରି ଭାଗକୁ ଏପରି ଭାବେ ଆବୃତ୍ତ କରିଥାନ୍ତି ଯେ, ଏମାନଙ୍କ ବେକ ଠାରୁ ନାଭି ପର୍ଯ୍ୟନ୍ତ କୋଣସି ଅଙ୍ଗ ବାହାରକୁ ଦେଖା ଯାଇ ନ ଥାଏ । ଏଥିରୁ ବଣ୍ଡା ସ୍ତ୍ରୀଲୋକମାନଙ୍କ ଚତୁରତା, ବୁଦ୍ଧିମତ୍ତା ଓ ଜ୍ଞାନ କୌଶଳର ପରିଚୟ ମିଳିଥାଏ ।

**ସୁଙ୍ଗରଏ (ଚୁଡି):** ବଣ୍ଡା ସ୍ତ୍ରୀଲୋକମାନେ ରସ ଓ ପିତ୍ତଳରେ ତିଆରି ଛେପଟା ଓ ସରୁ ଆକାରର ଗୁଡିଏ ଚୁଡି ପିନ୍ଧିଥାନ୍ତି । ବିବାହିତ ସ୍ତ୍ରୀମାନେ ଅଧିକ ସଂଖ୍ୟକ ଚୁଡି ପିନ୍ଧି ଥିବା ଦେଖାଯାଏ । ଏମାନେ ବଳା ଗଣ୍ଠି ଠାରୁ କହୁଣୀ ପର୍ଯ୍ୟନ୍ତ ଦୁଇ ହାତରେ ପ୍ରାୟ ୪୦ ରୁ ୫୦ ପର୍ଯ୍ୟନ୍ତ ଚୁଡି ପିନ୍ଧିବାକୁ ପସନ୍ଦ କରିଥାନ୍ତି । କମାର ଏହି ଚୁଡିକୁ ତିଆରି କରିଥାଏ । ଏତେ ସଂଖ୍ୟକ ଚୁଡି ପିନ୍ଧିବା ମୂଳରେ ଏମାନଙ୍କ ସମାଜରେ ମିଥ୍ ପ୍ରଚଳିତ । ଅତି ପ୍ରାଚୀନ କାଳରେ ବଣ୍ଡା ସ୍ତ୍ରୀଲୋକମାନେ ଚୁଡି କିମ୍ବା ଖଡୁ ପିନ୍ଧୁ ନ ଥିଲେ । ସେମାନଙ୍କ ଶିଶା (ପୁରୋହିତ) ଯେତେ ପୂଜାପାଠ କଲେ ମଧ୍ୟ ଦେବଦେବୀ ସନ୍ତୁଷ୍ଟ ହେଲେ ନାହିଁ । ମହାପ୍ରଭୁଙ୍କ ଅସନ୍ତୋଷ ହେତୁ କୌଣସି ସ୍ତ୍ରୀ ଗର୍ଭବତୀ ହେଲେ ନାହିଁ। ଶସ୍ୟ ଅମଳ କମି ଗଲା । ବଣ୍ଡାମାନେ ମିଶି ମହାପ୍ରଭୁଙ୍କୁ ଗୁହାରି ଜଣାଇ ପ୍ରାର୍ଥନା କଲେ । ମହାପ୍ରଭୁ ବଣ୍ଡା ସ୍ତ୍ରୀଲୋକଙ୍କୁ ଡ଼କାଇ ଟିକିନିଖି ପରୀକ୍ଷା କରି କହିଲେ ଯେ ଯେଉଁଦିନ ଯାଏଁ ବଣ୍ଡା ସ୍ତ୍ରୀଲୋକମାନେ ଖଡୁ ନ ପିନ୍ଧିଛନ୍ତି, ସେହିଦିନ ପର୍ଯ୍ୟନ୍ତ ସେମାନେ ଗର୍ଭ ଧାରଣ କରି ପାରିବେ ନାହିଁ କି ଭଲ ଫସଲ ଅମଳ ହେବ ନାହିଁ । ତେଣୁ ବଣ୍ଡା ସ୍ତ୍ରୀ ଲୋକମାନେ ସେହିଦିନଠାରୁ ଅଧିକ ସଂଖ୍ୟକ ଚୁଡି ଓ ଖଡୁ ପିନ୍ଧିଲେ । ସେମାନେ ଗର୍ଭବତୀ ହେଲେ । ପ୍ରଚୁର ଅମଳ ମଧ୍ୟ ହେଲେ । (ମାହାଣା-୨୦୦୪, ପୃ- ୩୦୫)

**ବଣ୍ଡା ସମ୍ପ୍ରଦାୟରେ ଖଡୁର ସାମାଜିକ ଓ ସାଂସ୍କୃତିକ ଗୁରୁତ୍ୱ :** ରସରେ ତିଆରି ଖଡୁ ବଣ୍ଡା ଯୁବଗୋଷ୍ଠୀଙ୍କ ଜୀବନ ସାଥି ଚୟନରେ ସାମାଜିକ ଓ ସଂସ୍କୃତିକ ଗୁରୁତ୍ୱ ବହନ କରିଥାଏ । ବଣ୍ଡା ଯୁବକଟିଏ ତା'ର ମନ ଲାଖି ଯୁବତୀଟିକୁ

ନିଜ ଜୀବନ ସାଥି ଭାବେ ପାଇବା ପାଇଁ ବହୁତ ପରିଶ୍ରମ କରି ଯୁବତୀଟିକୁ ମନାଇବାକୁ ପଡିଥାଏ । ନିଜ ଗ୍ରାମରେ ସ୍ୱବଂଶର ଲୋକେ ରହୁଥିବାରୁ ଯୁବକଟିକୁ ଅନ୍ୟ ବଂଶର ଝିଅ ଖୋଜିବା ପାଇଁ ଯିବାକୁ ପଡିଥାଏ । ଯୁବକଟି ଅନ୍ୟ ଗ୍ରାମର 'ସେଲାନିଡିଙ୍ଗୋ' (ଧାଙ୍ଗଡୀବସା ବା ବଣ୍ଡା ଯୁବତୀମାନଙ୍କ ରାତ୍ରି ଶୟନାଗାର ଓ ଅବସର ବିନୋଦନ କେନ୍ଦ୍ର)କୁ ଯିବାବେଳେ ସାଙ୍ଗରେ ନେଇଥାଏ ରସର ଖଡୁ ବା ଚୁଡି । ଏମାନଙ୍କୁ ଧାଙ୍ଗଡି ବସାରେ ଯୁବତୀମାନେ ଖାଦ୍ୟ ପାନୀୟ ଦେଇ ଆତିଥ୍ୟ ପ୍ରଦାନ କରିଥାନ୍ତି । ବିଳମ୍ବିତ ରାତି ପର୍ଯ୍ୟନ୍ତ ଯୁବକ ଯୁବତୀ ମିଶି ନୃତ୍ୟଗୀତ କରି ପରସ୍ପରକୁ ଚିହ୍ନିବାର ସୁଯୋଗ ପାଇଥାନ୍ତି । ଯୁବକମାନେ ଗୀତ ଗାଇ ନୃତ୍ୟ କରିବାବେଳେ ତାର ପସନ୍ଦର ଧାଙ୍ଗଡିକୁ ମନାଇବାକୁ ଚେଷ୍ଟା କରିଥାନ୍ତି । ସେ ତା'ର ପସନ୍ଦର ଯୁବତୀର ହାତରେ ରସ ଖଡୁଟିକୁ ପିନ୍ଧାଇଦିଏ କିମ୍ୱା ନିଜ ସାଙ୍ଗ ହାତରେ ରସ ଖଡୁକୁ ଧାଙ୍ଗଡି ପାଖକୁ ପଠାଇଥାଏ । ଯଦି ଧାଙ୍ଗଡିଟି ଖଡୁଟିକୁ ଗ୍ରହଣ କରେ, ତେବେ ତାର ବିବାହ ପାଇଁ ସମ୍ମତି ଥିବା ସୂଚନା ମିଳିଥାଏ । ଏହା ପରେ ଉଭୟ ପକ୍ଷର ଘର ଲୋକେ ଆପୋଷ ଆଲୋଚନା କରି ବିବାହ ପାଇଁ ସ୍ୱୀକୃତି ଦେଇଥାନ୍ତି । ଯଦି ଯୁବତୀଟି ବିବାହ କରିବା ପାଇଁ ଅସମ୍ମତ, ତେବେ ସେ ଖଡୁଟିକୁ ଫେରାଇ ଦେଇଥାଏ । ଏହି ପରି ଭାବେ ବଣ୍ଡା ଯୁବକଟି ବହୁ ବାର ଧାଙ୍ଗଡି ବସାକୁ ଯାଇ ଯୁବତୀଙ୍କୁ ଖଡୁ ଦେଇ ନିଜ ଜୀବନ ସାଥି ପାଇବା ପାଇଁ ପରୀକ୍ଷା କରି ଚାଲେ । ସୁତରାଂ ବଣ୍ଡା ସମ୍ପ୍ରଦାୟଙ୍କ ସାମାଜିକ ଜୀବନରେ ରସ ଖଡୁଟି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏତଦ୍‌ବ୍ୟତୀତ ଧାଙ୍ଗଡି ବସାରେ ନୃତ୍ୟ ଗୀତ ସମୟରେ ହାତର ଚୁଡି/ଖଡୁ ସବୁ ବାଦ୍ୟଯନ୍ତ୍ରର କାର୍ଯ୍ୟ କରିଥାଏ । ବଣ୍ଡା ରମଣୀମାନେ ନୃତ୍ୟ ଗୀତର ଛନ୍ଦ ସହ ତାଳ ଦେଇ ଚୁଡି / ଖଡୁ ପିନ୍ଧିଥିବା ହାତକୁ ହଲାଇ ହଲାଇ ବାଦ୍ୟ ଯନ୍ତ୍ରର ମଧୁର ଧ୍ୱନି ସୃଷ୍ଟି କରିଥାନ୍ତି । ବସ୍ତୁତଃ ବଣ୍ଡା ରମଣୀମାନଙ୍କ ହାତର ଖଡୁ/ ଚୁଡି ଓ ଅନ୍ୟାନ୍ୟ ଅଳଙ୍କାର ଏମାନଙ୍କ ସାମାଜିକ, ଧର୍ମୀୟ ଓ ସାଂସ୍କୃତିକ ଜୀବନରେ ବିଶେଷ ମୂଲ୍ୟବୋଧ ବହନ କରି ଆସିଅଛି । ବିଭିନ୍ନ ଅବସରେ ନୃତ୍ୟ ଗୀତ ସମୟରେ ବ୍ୟବହୃତ ପାରମ୍ପରିକ ପୋଷାକ ପରିଚ୍ଛଦରେ ନିଜସ୍ୱ ମୌଳିକତା ଓ କଳାପ୍ରବଣତା ବିଦ୍ୟମାନ । ଉଭୟ ସ୍ତ୍ରୀ ପୁରୁଷଙ୍କ ବେଶ ପୋଷାକ ଓ କେଶ ବିନ୍ୟାସ ଅତ୍ୟନ୍ତ ରମଣୀୟ । ଆଦିବାସୀ ରମଣୀମାନେ ବିଭିନ୍ନ ଅଳଙ୍କାର ନଖରୁ ନାସିକା ପର୍ଯ୍ୟନ୍ତ ମଣ୍ଡିତ ହୋଇଥାନ୍ତି । (ପାଢୀ- ୨୦୧୬,ପୃ-୩୮)

**ଥୁନୟ ଲୁବଇତା (ଅଣ୍ଟା ସୂତା)** : ବଣ୍ଡା ସ୍ତ୍ରୀଲୋକମାନେ ଅଂଟାରେ ଅଂଟା ସୂତା ବାନ୍ଧିଥାନ୍ତି । ଏହା କେରଙ୍ଗ କିମ୍ୱା ସିଆଡି ତନ୍ତୁର ଦଉଡିରେ ତିଆରି କରିଥାନ୍ତି । ଏହି ଅଂଟା ସୂତାରେ ଏମାନେ ପିନ୍ଧିଥିବା ଛୋଟିଆ ବସ୍ତ୍ର ରିଙ୍ଗାକୁ ବାନ୍ଧି ରଖିଥାନ୍ତି । ସମ୍ପ୍ରତି ଏମାନେ ସୂତାରେ ଗୁନ୍ଥା ଯାଇଥିବା ମାଳିକୁ ଅଂଟା ସୂତା ଭାବେ ବ୍ୟବହାର କଲେଣି । ଏହି ଅଂଟା ସୂତାରେ ବଣ୍ଡା ସ୍ତ୍ରୀ ଲୋକମାନେ ଛୁରୀ ଓ ଦାଆ ଝୁଲାଇ ଥିବା ଦେଖାଯାଏ ।

**ଆରତି (ମୁଦି ):** ବଣ୍ଡା ସ୍ତ୍ରୀ ଲୋକମାନେ କେବଳ ହାତର ଆଙ୍ଗୁଠିରେ ରସ, ପିତଳ ଓ ଲୁହାର ବିଭିନ୍ନ ମୁଦି ପିନ୍ଧିଥାନ୍ତି । ଏମାନେ ଗୋଡର ଆଙ୍ଗୁଠିରେ ମୁଦି ପିନ୍ଧି ନ ଥାନ୍ତି । କେତେକ ମୁଦିକୁ ରସ ତାରକୁ ଗୁଡାଇ କମାର ତିଆରି କରାଯାଏ ।  ତାର ଉପରେ ବିଭିନ୍ନ ରଙ୍ଗର ପଥର ବସା ମୁଦି ମଧ୍ୟ ତିଆରି କରାଇ ପିନ୍ଧିଥାନ୍ତି । ଏମାନେ ଡାବୁ ଆରତୀ ବା ପଇସା ଖଞ୍ଜା ମୁଦି ମଧ୍ୟ ପିନ୍ଧିଥାନ୍ତି । କିନ୍ତୁ ଏବେ ବଜାରରେ ମିଳୁଥିବା ପିତଳ, ଲୁହା, ଗିଲଟିର ମୁଦି କିଣି ଏମାନେ ପିନ୍ଧିବାକୁ ପସନ୍ଦ କଲେଣି । ପୂର୍ବ ଆଲୋଚିତ ରସ ଖଡୁ ପରି ବଣ୍ଡା ଯୁବକଯୁବତୀଙ୍କ ମଧ୍ୟରେ ବନ୍ଧୁତା ଓ ଭଲ ପାଇବାର ଉପହାର ଭାବେ ମୁଦିର ଆଦାନ ପ୍ରଦାନ ହୋଇଥାଏ । ଯଦି କୌଣସି ବଣ୍ଡା ଝିଅ ଜଣେ

ପୁଅଠାରୁ ମୁଦିଟିଏ ଗ୍ରହଣ କରେ, ତେବେ ସେ ବନ୍ଧୁତା ସ୍ଥାପନ କରିବା, ଭଲ ପାଇବା କିମ୍ବା ବିବାହ ପାଇଁ ରାଜି ଅଛି ବୋଲି ମନେ କରାଯାଏ । ଆଜି ଏହି ପରମ୍ପରା କ୍ୱଚିତ ପରିଦୃଷ୍ଟ ହୋଇଥାଏ ।

ବଣ୍ଡା ପୁରୁଷମାନେ ଖୁବ କମ୍ ଅଳଙ୍କାର ପିନ୍ଧିବା ଦେଖାଯାଏ । ଏମାନେ ରସ ପାତିଆରେ ବଳା ଆକୃତିର ବାହୁଟି ତିଆରି କରି ବାହୁରେ ପିନ୍ଧିଥାନ୍ତି । ଏହାକୁ 'ସାମ୍ବା' କହିଥାନ୍ତି । ପୁଅମାନେ ବେକରେ ଦୁଇ ଚାରୋଟି ମାଳି ଓ ମୁଣ୍ଡରେ ଖଜୁରୀ ପତ୍ରରେ ତିଆରି ଣ୍ଡଇଣ୍ଡା ପିନ୍ଧିଥାନ୍ତି । ଏମାନେ ଜଙ୍ଗଲକୁ ଯିବାବେଳେ କାନ୍ଧରେ ଧନୁଶର ପକାଇ, ଅଂଟାରେ ତୀକ୍ଷଣ ଛୁରୀ ଓ ବାଉଁଶ, କାଠ ଓ ସଲପ ସୂତାରେ ତିଆରି ସୁନୁକବଗ୍ (ପାନିଆ ) ଖୋସିଥାନ୍ତି।

**ଉପସଂହାର :** ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ, ଆଦିମ ବଣ୍ଡା ସମ୍ପ୍ରଦାୟଙ୍କ ବେଶଭୂଷା ଅଳଙ୍କାର, ଅସ୍ତ୍ରଶସ୍ତ୍ର, ବାଦ୍ୟଯନ୍ତ୍ର, ବିଭିନ୍ନ ଉପକରଣ ଆଦିର ଗଠନ, ବ୍ୟବହାର ଓ ଉପାଦେୟତା ଦୃଷ୍ଟିରୁ ଏସବୁ ସାମାଜିକ, ଓ ଧର୍ମୀୟ ଓ ଅର୍ଥନୈତିକ ଜୀବନ ସହ ଅଙ୍ଗାଙ୍ଗୀ ଭାବେ ଜଡିତ । ଏହି ସବୁରେ ଆଦିମ ସଭ୍ୟତାର ସଂକେତ ବିଦ୍ୟମାନ ବୋଲି କୁହାଯାଇପାରେ । ଏମାନଙ୍କର ବସ୍ତ୍ର ପରିଧାନ ଓ ଅଳଙ୍କାରରେ ନିଜସ୍ୱ ମୌଳିକତା ଓ ସୌନ୍ଦର୍ଯ୍ୟଚେତନା ନିହିତ । ଏମାନଙ୍କ ବସ୍ତ୍ର ବୟନ କଳା, ଅଳଙ୍କାର ପ୍ରସ୍ତୁତିରେ ଯୁଗ ଯୁଗର ପାରମ୍ପରିକ ଜ୍ଞାନ କୌଶଳର ନିଦର୍ଶନ ମିଳିଥାଏ । ଆଜି ଶିକ୍ଷାର ପ୍ରସାର, ଆଧୁନିକତାର ପ୍ରଭାବରେ ଏମାନଙ୍କ ଚାଲି ଚଳଣି ଓ ଆଭୂଷଣ କଳା ସମେତ ଏମାନଙ୍କ ବଂଚିବା ଧାରାରେ ବହୁ ପରିବର୍ତ୍ତନ ଘଟିବାରେ ଲାଗିଛି । ପରିବର୍ତ୍ତନ ସୃଷ୍ଟିର ନିୟମ ହୋଇଥିଲେ ହେଁ ଏମାନଙ୍କର ଜୀବନକୁ ସରସ ଓ ପ୍ରାଣବନ୍ତ କରିଆସୁଥିବା ଆଦିମ ପାରମ୍ପରିକ କଳା କାରିଗରୀର ଦ୍ରୁତ ପରିବର୍ତ୍ତନ ସମସ୍ତଙ୍କ ପାଇଁ ଏକ ଗମ୍ଭୀର ଚିନ୍ତାର ବିଷୟ ନୁହେଁ କି ?

**ସହାୟକ ଗ୍ରନ୍ଥ ଓ ପତ୍ର ପତ୍ରିକା :**


ମହାନ୍ତି ସୁରେନ୍ଦ୍ର ଓ ଦାସ ରାଈଚରଣ (ସଙ୍କଳକ) ଓଡିଆ ସାହିତ୍ୟ ଓ ଆଦିବାସୀ ସଂସ୍କୃତି (୧୯୮୧) ବିନୋଦ ରାଉତରାୟଙ୍କ ପ୍ରବନ୍ଧ 'ଆଦିବାସୀ କଳା ଓ ତା'ର ବିଶେଷତ୍ୱ, ଓଡିଶା ସାହିତ୍ୟ ଏକାଡେମୀ , ଭୁବନେଶ୍ୱର

ମାହାଣା ରାଜ କିଶୋର (୨୦୦୪) ବଣ୍ଡା ପରମ୍ପରା ଓ ଜ୍ଞାନ କୌଶଳ,ଆଦିବାସୀ ଭାଷା ଓ ସଂସ୍କୃତିଟି ଏକାଡେମୀ,ଭୁବନେଶ୍ୱର

Das K B and Mahapatra L K (1979 ) Folklore of Orissa,NBT,New Delhi .

ପାଢୀ ଡ. ରାଜେନ୍ଦ୍ର (୨୦୧୬) କୋରାପୁଟର ଆଦିବାସୀ ଲୋକ ସଂସ୍କୃତି (୨ୟ ସଂସ୍କରଣ), ସୁବର୍ଣ୍ଣଶ୍ରୀ ପ୍ରକାଶନୀ, ବାଲେଶ୍ୱର (ଏହି ପ୍ରବନ୍ଧ ପ୍ରସ୍ତୁତି ପାଇଁ ବଣ୍ଡା ସମାଜର ସ୍ୱର୍ଗତ ଲକ୍ଷ୍ମଣ ମାନ୍ଦ୍ରା, କ୍ଷେମାଗୁରୁ, ଖଇରପୁଟ, ଲାଛିମି ମୁଦୁଲି' ପଡେଇଗୁଡା, ଖଇରପୁଟ, ସୁରେନ୍ଦ୍ର ନାୟକ, ସଭାପତି ବଣ୍ଡା ସମାଜ, ରଶମୀ ମୁଦୁଲି, ଖଇରପୁଟ, ମୁରଲୀଧର କିର୍ଷାନୀ, ପଦ୍ମିନୀ, ମୁଦୁଲି, ଗୋବିନ୍ଦ ପାଲୀ, ମାଲକାନଗିରି ପ୍ରମୁଖ ବହୁ ମୂଲ୍ୟବାନ ତଥ୍ୟ ପ୍ରଦାନ କରିଥିବାରୁ ଗବେଷକ ଏମାନଙ୍କ ନିକଟରେ କୃତଜ୍ଞ ) :


❖❖❖

# ଅଳଙ୍କାର ପ୍ରିୟ ସଉରା ଜନଜାତି

ସୁରେନ୍ଦ୍ର ନାଥ ସାହୁ*

## ସାରାଂଶ

ସୃଷ୍ଟିର ସର୍ବଶ୍ରେଷ୍ଠ ପ୍ରାଣୀ ମଣିଷ । ପ୍ରାଥମିକ ଅବସ୍ଥାରେ ମନୁଷ୍ୟ ବଣଜଙ୍ଗଲରେ ଉଲଗ୍ନ ହୋଇ ବୁଲୁଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ବସ୍ତ୍ର ଓ ଭୂଷଣଦ୍ୱାରା ନିଜକୁ ମାର୍ଜିତ ଓ ଶୋଭନୀୟ କରି ଗଢ଼ି ତୋଳିଛି । ଆଦିମାନବମାନେ ପ୍ରଥମେ ଗଛର ପତ୍ର, ଫୁଲ, ଫଳ, ପଶୁପକ୍ଷୀମାନଙ୍କର ପର, ଶିଙ୍ଗ, ଦାନ୍ତ ଓ ଚମଡ଼ା ଏବଂ ଆକର୍ଷଣୀୟ ପଥର ତଥା ବିଭିନ୍ନ ଧାତବ ପଦାର୍ଥକୁ ନିଜର ଅଳଙ୍କାର ରୂପେ ବ୍ୟବହାର କରୁଥିଲେ । ଏହି ପରମ୍ପରା ଆଜି ମଧ୍ୟ ପ୍ରାଚୀନ ଜନଜାତି ସଂପ୍ରଦାୟରେ ପରିଲକ୍ଷିତ ହୋଇଥାଏ । ବିଭିନ୍ନ ଜନଜାତିର ପୁରୁଷ ଓ ମହିଳାମାନେ ଭିନ୍ନଭିନ୍ନ ଅଳଙ୍କାର ପରିଧାନ କରିଥାନ୍ତି । ଜନଜାତି ସଂପ୍ରଦାୟର ପୁରୁଷ ଓ ମହିଳାମାନେ ବ୍ୟବହାର କରୁଥିବା ଅଳଙ୍କାରରୁ ସେମାନେ କେଉଁ ସଂପ୍ରଦାୟ ଅନ୍ତର୍ଗତ ତାହା ସହଜରେ ବାରିହୋଇପଡ଼େ । ସଉରା ଜନଜାତି ନିଜର ସୌନ୍ଦର୍ଯ୍ୟବୃଦ୍ଧି ତଥା ସାଂସ୍କୃତିକ ପର୍ବପର୍ବାଣି ପାଇଁ ଏବଂ ପାରମ୍ପରିକ ବିଶ୍ୱାସ ତଥା ସାମାଜିକ କାର୍ଯ୍ୟ ପାଇଁ ବିଭିନ୍ନ ଅଳଙ୍କାର ବ୍ୟବହାର କରିଥାନ୍ତି । ଏହିସବୁ ଅଳଙ୍କାର ସେମାନଙ୍କର ସାମାଜିକ ଓ ସାଂସ୍କୃତିକ ମୂଲ୍ୟବୋଧର ପରିଚୟ ବହନ କରେ ।

## ଉପକ୍ରମ

ଭାରତରେ ଥିବା ପ୍ରାୟ ୭୦୫ଟି ଅନୁସୂଚିତ ଜନଜାତି ସମ୍ପ୍ରଦାୟ ମଧ୍ୟରୁ ଓଡ଼ିଶାରେ ବସବାସ କରନ୍ତି ୬୪ପ୍ରକାରର ଜନଜାତି । ସେହିପରି ଭାରତରେ ୭୫ଟି ପ୍ରାଚୀନ ଜନଜାତି ସମ୍ପ୍ରଦାୟ ବାସକରୁଥିବାବେଳେ ଓଡ଼ିଶାରେ ହିଁ ସର୍ବାଧିକ ୧୩ଟି ଗୋଷ୍ଠୀର ପ୍ରାଚୀନ ଜନଜାତି ସମ୍ପ୍ରଦାୟ ଯଥା- ସଉରା, ଲାଞ୍ଜିଆ ସଉରା, କୁଟିଆ କନ୍ଧ, ଡଙ୍ଗରିଆ କନ୍ଧ, ବଣ୍ଡା, ଲୋଧା, ଡିଡ଼ାୟୀ, ମାଙ୍କିଡ଼ିଆ, ବିରହୋର୍, ପାଉଡ଼ି ଭୂୟାଁ, ପାହାଡ଼ି ଖଡ଼ିଆ, ଜୁଆଙ୍ଗ ଓ ଚୁକଟିଆ ଭୁଞ୍ଜିଆମାନେ ବସବାସ କରନ୍ତି । ଭାରତ ସରକାରଙ୍କ ଦ୍ୱାରା ଯୋଜନା ବିରତିକାଳ ୧୯୭୯-୮୦ ବର୍ଷରେ ସଉରା ଓ ଲାଞ୍ଜିଆ ସଉରା ପ୍ରାଚୀନ ଜନଜାତିର ମାନ୍ୟତା ଲାଭକରିଛି । ସଉରା, ଶବର, ସଉର, ସହର, ସରା ଆଦି ନାମରେ ପରିଚିତ ସଉରା ଜନଜାତି ପ୍ରୋଟୋ-ଅଷ୍ଟ୍ରୋଲଏଡ୍ ଗୋଷ୍ଠୀଭୁକ୍ତ କେନ୍ଦ୍ର ଓ ଦକ୍ଷିଣ ଭାରତର ଏକ ପ୍ରମୁଖ ଜନଜାତି ଗୋଷ୍ଠୀ । ଝାଡ଼ଖଣ୍ଡ, ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ତଥା ଆସାମ ରାଜ୍ୟର ବିସ୍ତୃତ ଅଂଚଳରେ ଏମାନେ ବସବାସ କରନ୍ତି । ଏମାନେ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ଊଣାଅଧିକେ ରହୁଥିଲେ ମଧ୍ୟ ପାରଳାଖେମୁଣ୍ଡି ଓ ଗୁଣୁପୁର ସବ୍‌ଡ଼ିଭିଜନ୍‌ରେ ମୋଟ ଜନସଂଖ୍ୟାର ଅର୍ଦ୍ଧାଧିକ ସଉରା ସଂପ୍ରଦାୟ ବସବାସ କରୁଥିବାରୁ ଏହି ଅଂଚଳ ସଉରା ଭୂମି ବା ସଉରା ଦେଶ ରୂପେ ସର୍ବତ୍ର ପରିଚିତ ।

---

* ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରାପ୍ତ ପ୍ରଧାନଶିକ୍ଷକ ତଥା ସଉରା ଜନଜାତି ଗବେଷକ, ପିଠାପୁର ପ୍ରକଳ୍ପ ବିଦ୍ୟାଳୟ, କବିସୂର୍ଯ୍ୟନଗର, ଗଞ୍ଜାମ, ଦୂରଭାଷ- ୯୪୩୮୦୬୦୦୩୮

## ବିଷୟବସ୍ତୁ

ସଉରାମାନେ ଅଳଙ୍କାର ପ୍ରିୟ । ଉଭୟ ନାରୀ ଓ ପୁରୁଷଙ୍କର ଅଳଙ୍କାର ପ୍ରତି ବିଶେଷ ରୁଚି ରହିଥାଏ । ନାରୀମାନେ ମୁଣ୍ଡର ମଝିରେ କିମ୍ବା ବାମପାର୍ଶ୍ୱରେ ସିନ୍ଥିକାଟି କେଶ ସଜାଇଥାନ୍ତି ଓ ମୁଣ୍ଡର ପଛପଟେ ଜୁଡ଼ା ବା ଖୋଷା ବାନ୍ଧିଥାନ୍ତି । ପୁରୁଷମାନେ କେଶ କାଟିଥାନ୍ତି କିନ୍ତୁ ନାରୀମାନେ ନିଜର କେଶକୁ ନ କାଟି ସୌନ୍ଦର୍ଯ୍ୟ ପାଇଁ ସଜାଇ ରଖିଥାନ୍ତି । ଦୈନନ୍ଦିନ ଜୀବନଧାରାରେ ଅଙ୍ଗସଜ୍ଜା ଏବଂ ଲୋକସଙ୍ଗୀତ, ଲୋକନୃତ୍ୟ, ବିବାହ, ପର୍ବପର୍ବାଣି ଇତ୍ୟାଦିର ଅଙ୍ଗସଜ୍ଜାଠାରୁ ପୃଥକ ଅଟେ । ନୃତ୍ୟ ସମୟରେ ରଙ୍ଗବେରଙ୍ଗ ପୋଷାକର ବହୁଳ ବ୍ୟବହାର ଦେଖାଯାଏ। ମୁଣ୍ଡରେ ପକ୍ଷୀପର, ମୟୂର ପୁଚ୍ଛ ଓ ଫୁଲ ଖୋଷାଯାଏ । ପୁରୁଷମାନେ ମଥାରେ ଶିରସ୍ତ୍ରାଣ ବା ପଗଡ଼ି ପିନ୍ଧନ୍ତି । ଏହା ନୃତ୍ୟ ପରିବେଶକୁ ସରସ ସୁନ୍ଦର କରେ । ବିବାହ ତଥା ଅନ୍ୟାନ୍ୟ ପର୍ବପର୍ବାଣି ଓ ଉତ୍ସବରେ ଉଭୟ ମହିଳା ଓ ପୁରୁଷ ବିଭିନ୍ନ ଅଳଙ୍କାରଦ୍ୱାରା ଅଙ୍ଗସଜ୍ଜା କରିଥାନ୍ତି ।

ସଉରା ଝିଅ ଓ ରମଣୀମାନେ ଅନ୍ୟ ଆଦିବାସୀ ଝିଅ ଓ ରମଣୀମାନଙ୍କଠାରୁ ପ୍ରାକୃତିକ ରୂପେ ବେଶ୍ ସୁନ୍ଦର । ପ୍ରସାଧନ ପାଇଁ ଏମାନେ କେଶସଜ୍ଜା, ନଖରେ ପ୍ରଲେପ, ଶରୀରର ବିଭିନ୍ନ ଅଂଶରେ ଚିତାକୁଟା, ପୋଷାକ ପରିଚ୍ଛଦ, ଅଳଙ୍କାର ଆଭୂଷଣ, ତ୍ୱଚାରେ ରଙ୍ଗ ପ୍ରଲେପନ ଇତ୍ୟାଦି ପ୍ରୟୋଗ କରିଥାନ୍ତି । ସଉରାମାନେ ବର୍ଷାଦିନେ ଗୋଡ଼ ଓ ହାତରେ ପାଣି ନ ଲାଗିବାପାଇଁ ମଞ୍ଜୁଆତି ଗଛର ପତ୍ରର ପ୍ରଲେପ ଲଗାଇଥାନ୍ତି । ସଉରା ରମଣୀମାନେ ରାତିରେ ଖାଇ ସାରିବାପରେ ମଞ୍ଜୁଆତି ଗଛର ପତ୍ରକୁ ପଥରରେ ବାଟି ତା'ର ପ୍ରଲେପକୁ ଗୋଡ଼ ଏବଂ ହାତର ଆଙ୍ଗୁଠିରେ ଲଗାଇଥାନ୍ତି । ଏହାଦ୍ୱାରା ହାତ ଓ ଗୋଡ଼ର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଥାଏ । ସମ୍ପ୍ରତି ବଜାରରେ ମିଳୁଥିବା ମେହେନ୍ଦିକୁ କେହିକେହି ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ବ୍ୟବହାର କରିଥାନ୍ତି ।

ଚିତା କୁଟାଇବା ପରମ୍ପରା ସଉରା ସଂପ୍ରଦାୟରେ ଦେଖିବାକୁ ମିଳିଥାଏ । କପାଳ, ଗାଲ, ହାତ ଓ ଶରୀରର ବିଭିନ୍ନ ସ୍ଥାନରେ ଚିତା କୁଟାଇବାକୁ ଏମାନେ ପସନ୍ଦ କରନ୍ତି । ସଉରା ସଂପ୍ରଦାୟର ପ୍ରସାଧନ, ଅଳଙ୍କାର ଏବଂ ଚିତା ତା' ସଂସ୍କୃତିର ଅନ୍ୟତମ ପରିଚୟ । ଏହି ପରିଚୟକୁ ନେଇ ଏମାନେ ଗର୍ବିତ ।

ଆଭୂଷଣ ସୌନ୍ଦର୍ଯ୍ୟ ବୃଦ୍ଧିର ଶ୍ରେଷ୍ଠ ସହାୟକ ।  ସଉରାମାନେ ସାଧାରଣତଃ ପ୍ରକୃତିପ୍ରିୟ । ପ୍ରକୃତିକୋଳରୁ ପତ୍ର-ଫୁଲ, ଗୁଞ୍ଜାର, ମୟୂରପୁଚ୍ଛ ସଂଗ୍ରହକରି ସେଥିରେ ନିଜ ଶରୀରକୁ ସଜାଇଥାନ୍ତି । ଏହାଦ୍ୱାରା ଏମାନଙ୍କର ଶରୀର ଖୁବ୍ ସୁନ୍ଦର ଦିଶେ । ସଉରା ସଂପ୍ରଦାୟରେ ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତଙ୍କ ଭିତରେ ସୌନ୍ଦର୍ଯ୍ୟପଣ ଥାଏ। । ବୟସ ଏମାନଙ୍କ ପାଖରେ ବାରମ୍ୱାର ହାର୍ ମାନେ । ଦେହକୁ ସଜାଇବା, ଦେହକୁ ଅଳଙ୍କରଣ କରିବା ସଉରା ସଂପ୍ରଦାୟର ସହଜାତ ପ୍ରବୃତ୍ତି । ଏହି ଅଳଙ୍କରଣ କ୍ଷେତ୍ରରେ ନାରୀମାନେ ପୁରୁଷମାନଙ୍କ ଅପେକ୍ଷା ଅଧିକ ଆଗ୍ରହୀ । ସଉରା ରମଣୀମାନଙ୍କର ପ୍ରକୃତି ଦତ୍ତ ରୂପ ଅତ୍ୟନ୍ତ ରମଣୀୟ। ଅଳଙ୍କାର ବିନା ଏମାନଙ୍କର ପ୍ରକୃତ ରୂପଲାବଣ୍ୟ ବାରିହୋଇପଡ଼େ । ସଉରା ରମଣୀମାନେ ଅନ୍ୟାନ୍ୟ ଆଦିବାସୀଙ୍କ ପରି ବହୁ ଅଳଙ୍କାର ପ୍ରିୟ ନହେଲେ ମଧ୍ୟ ଏମାନଙ୍କର ଅଳଙ୍କାର ପ୍ରତି ଥିବା ଦୁର୍ବଳତାକୁ କେହି ଅସ୍ୱୀକାର କରିପାରିବେ ନାହିଁ । ବେକରେ ଅଜ୍ଞ କଣ୍ଠିଯୁକ୍ତ ମାଳି ଓ ଧାତୁ ନିର୍ମିତ ମାଳି ପିନ୍ଧନ୍ତି। କାନର ମାଂସଳ ଓହଳ ଅଂଶ ବା କର୍ଣ୍ଣବଲ୍ଲୀରେ କାଷ୍ଠ ନିର୍ମିତ ଗୋଲାକାର ଅଳଂକାର ପିନ୍ଧିବାକୁ ଏମାନେ ଭଲ ପାଇଥାନ୍ତି । ଏହାକୁ ତେନାଙ୍ଗ୍‌ରଲୁ କୁହାଯାଏ । କେହି କେହି ପିତଳ ନିର୍ମିତ

ମଣ୍ଡଳାକାର କର୍ଣ୍ଣକୁଣ୍ଡଳ ମଧ୍ୟ ପିନ୍ଧିଥାନ୍ତି । ହାତ ଓ ଗୋଡ଼ର ଆଙ୍ଗୁଠିରେ ଆଲୁମିନିୟମ୍ ନିର୍ମିତ ମୁଦି ପିନ୍ଧନ୍ତି । ଅଧିକାଂଶ ସ୍ତ୍ରୀଲୋକ ନାକରେ ଗୋଟିଏ ସାନ ରିଙ୍ଗ୍ କିମ୍ବା ଠୁଙ୍କି ପିନ୍ଧିବାର ଦେଖାଯାଏ । ଏମାନେ ଗୋଡ଼ରେ ପାଉଁଜି ପିନ୍ଧନ୍ତି । ଏସବୁ ଅଳଙ୍କାରକୁ ଏମାନେ ସ୍ଥାନୀୟ ହାଟରୁ କିଣିଥାନ୍ତି । ଅତ୍ୟଧିକ ଗରିବ ପରିବାରର ରମଣୀମାନେ ଧାତୁ ନିର୍ମିତ ଅଳଙ୍କାର କିଣି ନ ପାରିଲେ, କାଷ୍ଠ ନିର୍ମିତ ମାଳି ବେକରେ ପିନ୍ଧିଥାନ୍ତି । ଏପରିକି ଛୁଆଟିଏ ଜନ୍ମ ହେବାପରେ କଳାସୂତାରେ ଗୁନ୍ଥା ଯାଇଥିବା କାଚମାଳି କିମ୍ବା ପ୍ଲାଷ୍ଟିକ୍ ମାଳିଟିଏ ତିଆରି କରି ତା'ର ବେକରେ ଲଗାଇଥାନ୍ତି । ବିଭିନ୍ନ ଋତୁରେ ମିଳୁଥିବା ଭିନ୍ନଭିନ୍ନ ଫୁଲରେ ମାଳ ପ୍ରସ୍ତୁତକରି ସଉରା ରମଣୀମାନେ ନିଜକୁ ସଜାଇଥାନ୍ତି । ବିଶେଷକରି କୌଣସି ବନ୍ଧୁଘରକୁ ଯିବାବେଳେ, ହାଟକୁ ଗଲାବେଳେ ଓ ପର୍ବପର୍ବାଣି ସମୟରେ ଏମାନେ ନିଜକୁ ସୁନ୍ଦର ଭାବରେ ସଜାଇଥାନ୍ତି । ସଉରା ଶିଶୁ, ପୁରୁଷ ଓ ରମଣୀମାନେ ବ୍ୟବହାର କରୁଥିବା ଅଳଙ୍କାରଗୁଡ଼ିକୁ ଦୁଇଟି ଭାଗରେ ବିଭକ୍ତ କରାଯାଇପାରେ ଯଥା- ସୌନ୍ଦର୍ଯ୍ୟବୃଦ୍ଧି ତଥା ସାଂସ୍କୃତିକ ପର୍ବପର୍ବାଣିରେ ବ୍ୟବହୃତ ଅଳଙ୍କାର ଏବଂ ପାରମ୍ପରିକ ବିଶ୍ୱାସ ତଥା ସାମାଜିକ କାର୍ଯ୍ୟରେ ବ୍ୟବହୃତ ଅଳଙ୍କାର । ସୌନ୍ଦର୍ଯ୍ୟବୃଦ୍ଧି ତଥା ସାଂସ୍କୃତିକ ପର୍ବପର୍ବାଣିରେ ବ୍ୟବହୃତ କେତେକ ଅଳଙ୍କାରର ବିବରଣୀ ନିମ୍ନରେ ପ୍ରଦତ୍ତ :

## ପିର୍‌ପିର୍‌ଆ

ଲାଞ୍ଜିଆ ସଉରା ସଂପ୍ରଦାୟର ଅବିବାହିତ କନ୍ୟାମାନଙ୍କଠାରୁ ଆରମ୍ଭ କରି ବୃଦ୍ଧା ପର୍ଯ୍ୟନ୍ତ ସମସ୍ତ ମହିଳା ଏହି ଅଳଙ୍କାରକୁ ବ୍ୟବହାର କରିଥାନ୍ତି । ସୂତାଦ୍ୱାରା ଗୁନ୍ଥି ରୂପା ପଇସାରେ ପିର୍‌ପିର୍‌ଆ ତିଆରି କରାଯାଏ । ବିଶେଷତଃ ଝିଅଟି ବିବାହଯୋଗ୍ୟା ହୋଇଗଲେ ଏ ପ୍ରକାର ଅଳଙ୍କାର ପିନ୍ଧିଥାଏ । ଯେତେ ସୁନ୍ଦରୀ ହେଲେ ମଧ୍ୟ ଏହି ଅଳଙ୍କାରକୁ କାନରେ ନ ପିନ୍ଧିଲେ ସେହି ଯୁବତୀକୁ କୌଣସି ଯୁବକ ବିବାହ କରିବାକୁ ସହଜରେ ରାଜି ହେଉନଥିବାର ବିଶ୍ୱାସ ଏହି ସଂପ୍ରଦାୟରେ ରହିଛି । ଏହି ଅଳଙ୍କାର ପରିଧାନ କରିବା ଫଳରେ କପାଳ ତଥା କେଶର ସୌନ୍ଦର୍ଯ୍ୟ ବୃଦ୍ଧି ହେବା ସଙ୍ଗେସଙ୍ଗେ ପରିହିତା ମହିଳା ଜଣକର ସୌନ୍ଦର୍ଯ୍ୟ ଦ୍ୱିଗୁଣିତ ହୋଇଥାଏ ।

### ଯାଆତାଙ୍ଗ୍

ସୀସା ଓ ରୂପା ଧାତୁର ସମ୍ମିଶ୍ରଣରେ ବଣିଆଦ୍ୱାରା ତିଆରି ଯାଆତାଙ୍ଗ୍‌କୁ ଲାଞ୍ଜିଆ ସଉରା ରମଣୀମାନେ ସାଧାରଣତଃ କାର୍ଯ୍ୟା, ଗୁଆର, ଆବ୍‌ତୁର୍, ଆଙ୍ଗିମନ୍, ବିବାହ ଇତ୍ୟାଦି ଉତ୍ସବରେ ଅନୁଷ୍ଠିତ ନୃତ୍ୟରେ ପରିଧାନ କରିଥାନ୍ତି । ନିଜ ସଂସ୍କୃତି ସହିତ ଖାପ ଖାଇବା ଭଳି ପ୍ରସ୍ତୁତ ଏହି ଅଳଙ୍କାର ବେକରେ ପରିଧାନ କରିବା ଦ୍ୱାରା ଲାଞ୍ଜିଆ ସଉରା ରମଣୀର ସୌନ୍ଦର୍ଯ୍ୟ ବୃଦ୍ଧି ହେବା ସହିତ ସେମାନଙ୍କର ସାଂସ୍କୃତିକ ପରିଚୟ ମିଳିଥାଏ ।

### ରାନ୍ନାତାଙ୍ଗ୍

ସଉରା ସଂପ୍ରଦାୟର ସାଂସ୍କୃତିକ ସୌନ୍ଦର୍ଯ୍ୟବୋଧକୁ ଦୃଷ୍ଟିରେ ରଖି ଲାଞ୍ଜିଆ ସଉରା ମହିଳା ବିଶେଷକରି ଝିଅମାନେ ରାନ୍ନାତାଙ୍ଗ୍ ଅଳଙ୍କାର ବେକରେ ପରିଧାନ କରିଥାନ୍ତି । ବିଭିନ୍ନ ପର୍ବପର୍ବାଣିରେ ଧନୀଶ୍ରେଣୀର ମହିଳାମାନେ ଏହା ପରିଧାନ କରିଥାନ୍ତି । ସୁନାର ଛୋଟଛୋଟ ମାଳି ଓ ଫାର୍ସା ସଦୃଶ ସୁନାର ଏକ ଛୋଟପାତକୁ ସୂତାରେ ବଣିଆଦ୍ୱାରା ଗୁନ୍ଥାଯାଇ ଏହି ହାରଟି ତିଆରି କରାଯାଇଥାଏ । ଏହା ଦେଖିବାକୁ ଭାରି ସୁନ୍ଦର । ଫାର୍ସାର ମଧ୍ୟଭାଗରେ ଖୋଦେଇ କରାଯିବା ସଙ୍ଗେସଙ୍ଗେ ଏହାକୁ ହାରର ମଧ୍ୟଭାଗରେ ଗୁନ୍ଥାଯାଇଥିବାରୁ ଶାରୀରିକ ସୌନ୍ଦର୍ଯ୍ୟ ବୃଦ୍ଧି ଘଟିଥାଏ ।

**ଡାରାଙ୍ଗ୍‌ବବ୍**

ସଉରା ଝିଅଟିଏ ବିବାହଯୋଗ୍ୟା ହୋଇଗଲେ ଏ ପ୍ରକାର ଅଳଙ୍କାର ପିନ୍ଧିଥାଏ । ବିଶେଷତଃ ଏହି ଅଳଙ୍କାର ପରିଧାନ କରିବା ଫଳରେ କପାଳ ତଥା କେଶର ସୌନ୍ଦର୍ଯ୍ୟ ବୃଦ୍ଧିହେବା ସଙ୍ଗେସଙ୍ଗେ ପରିହିତା ମହିଳା ଜଣକ ନିଜର ସୌନ୍ଦର୍ଯ୍ୟକୁ ବହୁଗୁଣିତ କରିଥାଏ । ପୁରୁଷମାନଙ୍କୁ ସହଜରେ ଆକର୍ଷଣ କରିବା, ଅନ୍ୟ ଗ୍ରାମକୁ ନୃତ୍ୟ କରିବାକୁ ଯିବା, ବିବାହ, କାର୍ଯ୍ୟା, ଗୁଆର ଆଦି ଉତ୍ସବରେ ରୂପା ତିଆରି ଡାରାଙ୍ଗ୍‌ବବ୍ ଅଳଙ୍କାରକୁ ଲାଞ୍ଜିଆ ସଉରା ସଂପ୍ରଦାୟର ଅବିବାହିତ କନ୍ୟାମାନେ ବ୍ୟବହାର କରିଥାନ୍ତି । ଫଳରେ ସଉରା ଯୁବତୀର ସୌନ୍ଦର୍ଯ୍ୟରେ ସଉରା ଯୁବକ ଆକର୍ଷିତ ହୋଇ ଯୁବତୀଟିର ପରିଚୟ ଜାଣିବାକୁ ଚାହେଁ । ପରବର୍ତ୍ତୀ ସମୟରେ ଯୁବତୀଟିକୁ ବିବାହ କରିବାକୁ ଇଚ୍ଛାକରିଥାଏ ଏବଂ ବିବାହ କରି ସୁଖୀ ଜୀବନଯାପନ କରେ ।

**ସାର୍‌ଡ଼ାବୋଇତାଙ୍ଗ୍**

ସୌନ୍ଦର୍ଯ୍ୟ ବୃଦ୍ଧି ତଥା ନିଜର ସାଂସ୍କୃତିକ ପରିଚୟ ପାଇଁ ଲାଞ୍ଜିଆ ସଉରା ସଂପ୍ରଦାୟର ମହିଳାମାନେ ରୂପାର ସରୁସରୁ ତାରରେ ଛକି ପକାଇଲା ଭଳି ଆଙ୍ଗୁଠି ମୋଟାର ଗୋଲାକାର ସାର୍‌ଡ଼ାବୋଇତାଙ୍ଗ୍ ହାରକୁ ବେକରେ ପରିଧାନ କରିଥାନ୍ତି । ଏହି ଅଳଙ୍କାର ମୁଖ୍ୟତଃ କାର୍ଯ୍ୟା, ଗୁଆର ଓ ବିବାହ ଭଳି ପର୍ବପର୍ବାଣିଗୁଡ଼ିକରେ ବ୍ୟବହାର ହୋଇଥାଏ । ବିଶେଷକରି ସାମୂହିକ ନୃତ୍ୟ ସମୟରେ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି ନିମନ୍ତେ ଏହି ଅଳଙ୍କାର ପରିଧାନ କରାଯାଏ ।

**ସିଂପ୍ରାଲିତାଙ୍ଗ୍**

ଏହି ଅଳଙ୍କାର ପରିଧାନର ପଶ୍ଚାତ୍‌ରେ ସଉରା ରମଣୀମାନଙ୍କର ସୌନ୍ଦର୍ଯ୍ୟବୋଧ ବାରିହୋଇପଡ଼େ । ସୀସା ଧାତୁର ଛୋଟଛୋଟ ମାଳିକୁ ସୂତାଦ୍ୱାରା ଗୁନ୍ଥି ପ୍ରସ୍ତୁତ ହାରକୁ ତିନି କିମ୍ବା ଚାରି ଖିଅ କରି ଲାଞ୍ଜିଆ ସଉରା ସଂପ୍ରଦାୟର ଧନୀ ଶ୍ରେଣୀର ମହିଳାମାନେ ସିଂପ୍ରାଲିତାଙ୍ଗ୍ ଅଳଙ୍କାର ବେକରେ ପରିଧାନ କରିଥାନ୍ତି । ପରମ୍ପରା ଓ ସଂସ୍କୃତିକୁ ବଜାୟ ରଖିବାକୁ ଯାଇ କାର୍ଯ୍ୟା, ଗୁଆର, ଆବ୍‌ତୁର୍ ଓ ବିବାହ ଆଦି ପର୍ବପର୍ବାଣିରେ ତଥା ହାଟବଜାରକୁ ଯିବା ଓ ବନ୍ଧୁବାନ୍ଧବଙ୍କ ଘରକୁ ଯିବା ସମୟରେ ଏହି ଅଳଙ୍କାର ବ୍ୟବହାର ହୋଇଥାଏ ।

**ଆନାଙ୍ଗ୍‌ଲୁ**

ରୂପାତାରକୁ ସ୍ପ୍ରିଙ୍ଗ୍ ଭଳି ଗୋଲାକାର ଭାବରେ ତିଆରି କରି ଆନାଙ୍ଗ୍‌ଲୁ ଅଳଙ୍କାର ତିଆରି ହୋଇଥାଏ । ଏହି ଅଳଙ୍କାରକୁ ଲାଞ୍ଜିଆ ସଉରା ସଂପ୍ରଦାୟର ଯୁବତୀଠାରୁ ବୃଦ୍ଧା ପର୍ଯ୍ୟନ୍ତ ସମସ୍ତ ମହିଳା ଗୁଆର, କାର୍ଯ୍ୟା ତଥା ବିଭିନ୍ନ ପର୍ବପର୍ବାଣିରେ ପରିଧାନ କରିଥାନ୍ତି । ସଉରା ସଂସ୍କୃତିର ସ୍ୱତନ୍ତ୍ର ପରିଚୟ ବହନ କରୁଥିବା ଏହି ଅଳଙ୍କାର ପରିଧାନ ଦ୍ୱାରା ମହିଳାମାନଙ୍କର ସୌନ୍ଦର୍ଯ୍ୟ ବହୁଗୁଣିତ ହୋଇଥାଏ ।

**ତାନାଗ୍ରାଲୁଡ଼୍**

କିରିଡ଼ାଙ୍ଗ ଗଛର କାଠରୁ ତାନାଗ୍ରାଲୁଡ଼୍ ଅଳଙ୍କାର ପ୍ରସ୍ତୁତ କରାଯାଇଥାଏ । ପ୍ରଥମକରି ଶିଶୁର କାନ ଫୋଡ଼ାଇବା ସମୟରେ ଏହି ଅଳଙ୍କାରକୁ ପିନ୍ଧାଇ ଦିଆଯାଇଥାଏ । ନିତିଦିନିଆ କାନ ଅଳଙ୍କାର ଭାବରେ ସଉରା ସଂପ୍ରଦାୟର ସମସ୍ତ ବର୍ଗରେ ଏହାର ଚାହିଦା ଆଜି ବି ରହିଛି ।

**ଡୋଇଡ୍ରୋଇଲୁଡ୍**

ସାଂସ୍କୃତିକ ପରିଚୟ ବହନ କରୁଥିବା ଏହି ଅଳଙ୍କାର ପରିଧାନ ଦ୍ୱାରା ସଉରା ମହିଳାମାନଙ୍କର ସୌନ୍ଦର୍ଯ୍ୟ ବହୁଗୁଣିତ ହୋଇଯାଇଥାଏ ।  କାନର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ରୂପାର ସରୁସରୁ ତାରକୁ ଗୋଲାକାର କରି ତଳଭାଗରେ ରୂପାର ବଡ଼ମାଳି ଏବଂ ସେହି ମାଳି ଦେହରେ ଛୋଟଛୋଟ ମାଳି ଖଞ୍ଜାଯାଇ ତଥା ରୂପାର ଝରା ଲଗାଯାଇ ଡୋଇଡ୍ରୋଇଲୁଡ୍ ନାମକ ଅଳଙ୍କାର ବଣିଆଦ୍ୱାରା ତିଆରି କରାଯାଇଥାଏ । ଏହି ଅଳଙ୍କାରକୁ ଲାଞ୍ଜିଆ ସଉରା ସଂପ୍ରଦାୟର ଯୁବତୀଠାରୁ ବୃଦ୍ଧା ପର୍ଯ୍ୟନ୍ତ ସମସ୍ତ ମହିଳା ଗୁଆର, କାର୍ଯ୍ୟା ତଥା ବିଭିନ୍ନ ପର୍ବପର୍ବାଣିରେ ପରିଧାନ କରି ପାରମ୍ପରିକ ନୃତ୍ୟ ପରିବେଷଣ କରିଥାନ୍ତି ।

ପାରମ୍ପରିକ ବିଶ୍ୱାସ ତଥା ସାମାଜିକ କାର୍ଯ୍ୟରେ ବ୍ୟବହୃତ ସଉରା ଜନଜାତିର ଅଳଙ୍କାରଗୁଡ଼ିକ ହେଲା–

**ଲବୋତାଙ୍ଗ୍**

ସଉରା ସଂପ୍ରଦାୟର ସାମାଜିକ ଓ ସାଂସ୍କୃତିକ ମୂଲ୍ୟବୋଧ ତଥା ସୌନ୍ଦର୍ଯ୍ୟର ଛିଟା ବହନ କରୁଥିବା ଏହି ଅଳଙ୍କାର ମାଟିଆ ରଙ୍ଗର ପଥର ମାଳି ଦେହରେ ଗାର ପଡ଼ିବା ଭଳି ଖୋଦେଇ ହୋଇ ସୂତାରେ ଗୁନ୍ଥାଯାଇଥାଏ। ଏହି ଅଳଙ୍କାର ପିନ୍ଧିବା ଫଳରେ ମାଟିଦେବତା ଲବୋସୁମ୍ ସଦାସର୍ବଦା ପାଖେପାଖେ ରହିଥାନ୍ତି ବୋଲି ସଉରାମାନେ ବିଶ୍ୱାସ କରନ୍ତି । ଏହା ପରିଧାନ କରି ବଗଡ଼ରେ କାମକଲେ ଭଲ ଫସଲ ହୋଇଥାଏ ବୋଲି ଏମାନଙ୍କର ଗଭୀର ଆତ୍ମବିଶ୍ୱାସ । ବିଭିନ୍ନ ପ୍ରକାର ଭୟରୁ ମୁକ୍ତି ତଥା ନିଜସ୍ୱ ସାଂସ୍କୃତିକ ପରିଚୟ ପ୍ରଦାନ କରିବା ପାଇଁ ଲାଞ୍ଜିଆ ସଉରା ସଂପ୍ରଦାୟର ଉଭୟ ଧନୀ ଓ ଗରିବ ଶ୍ରେଣୀର ମହିଳାମାନେ ପଥର ମାଳିରେ ତିଆରି ଲବୋତାଙ୍ଗ୍ ଅଳଙ୍କାର ବେକରେ ପରିଧାନ କରିଥାନ୍ତି ।

**କାନ୍ତିତାଙ୍ଗ୍**

ସଉରାମାନେ ପ୍ରେତାତ୍ମା ଓ ଦୁଷ୍ଟଦେବତାଙ୍କୁ ଅତ୍ୟଧିକ ଭୟ ଓ ଭକ୍ତି କରିଥାନ୍ତି । ସେମାନଙ୍କୁ ସନ୍ତୁଷ୍ଟ କରିପାରିଲେ ଜୀବନ ସୁଖମୟ ହୁଏ ବୋଲି ଏମାନେ ବିଶ୍ୱାସ କରନ୍ତି । ପ୍ରେତାତ୍ମା ତଥା ଦୁଷ୍ଟ ଦେବତାଙ୍କ ଦାଉରୁ ରକ୍ଷା ତଥା ନିଜର ସାଂସ୍କୃତିକ ପରିଚିତି ପାଇଁ ଲାଞ୍ଜିଆ ସଉରା ସଂପ୍ରଦାୟର ଧନୀ ଶ୍ରେଣୀର ମହିଳାମାନେ କାନ୍ତିତାଙ୍ଗ୍ ଅଳଙ୍କାର ବେକରେ ପରିଧାନ କରିଥାନ୍ତି । ଏହା ତେଉଁରିଆ ବା ତାବିଜ୍ ସଦୃଶ । ଏହାକୁ ବଣିଆଦ୍ୱାରା ତିଆରି କରି ତା'ର ଉଭୟ ପାର୍ଶ୍ୱରେ କଳା ଓ ନାଲି ରଙ୍ଗର ମାଳି ସୂତାରେ ଗୁନ୍ଥାଯାଇଥାଏ । ବିଭିନ୍ନ ପର୍ବପର୍ବାଣି ତଥା ଯାବତୀୟ ଘରକାମ କରିବା ସମୟରେ ଏହି ଅଳଙ୍କାର ବ୍ୟବହାର   ହୋଇଥାଏ ।

**ତୁଇତୁଇତାଙ୍ଗ୍**

ପିତଳର ମାଳିଗୁଡ଼ିକୁ ସୂତାଦ୍ୱାରା ଗୁନ୍ଥି ତୁଇତୁଇତାଙ୍ଗ୍ ଅଳଙ୍କାର ପ୍ରସ୍ତୁତ ହୋଇଥାଏ । ଏହି ଅଳଙ୍କାର ପିନ୍ଧିଲେ ଦୁଷ୍ଟଦେବତାଙ୍କ ଆକ୍ରୋଶରୁ ଶରୀରକୁ ରକ୍ଷାକରିବା ସହିତ ଶରୀରକୁ ଶକ୍ତି ମିଳେ ବୋଲି ସଉରାମାନଙ୍କର ଦୃଢ଼ବିଶ୍ୱାସ ରହିଛି । ଏଣୁ ଯୁବତୀଠାରୁ ବୃଦ୍ଧା ପର୍ଯ୍ୟନ୍ତ ସମସ୍ତେ ତୁଇତୁଇତାଙ୍ଗ୍ ଅଳଙ୍କାର ପିନ୍ଧିଥାନ୍ତି । ପରମ୍ପରା ଓ ସଂସ୍କୃତିକୁ ବଜାୟ ରଖିବାକୁ ଯାଇ ଲାଞ୍ଜିଆ ସଂପ୍ରଦାୟର ମହିଳାମାନେ କାର୍ଯ୍ୟା, ଗୁଆର, ଆବ୍ଡୁର୍ ଆକୁଇ, ପାଙ୍କୁଇ ତଥା ବିଭିନ୍ନ ପର୍ବପର୍ବାଣିରେ ଅନୁଷ୍ଠିତ ହେଉଥିବା ନୃତ୍ୟ ସମୟରେ ଏହି ଅଳଙ୍କାର ବେକରେ ବ୍ୟବହାର କରିଥାନ୍ତି।

### ପାଗୋଆଡ଼ା

ମୃତବ୍ୟକ୍ତିର ଆତ୍ମାର ସନ୍ତୁଷ୍ଟି ବିଧାନ ପାଇଁ ଉଦ୍ଦିଷ୍ଟ ତୁମ୍ବଲୁମ୍‌ତଙ୍ଗ୍ ନୃତ୍ୟ, କାର୍ଯ୍ୟା, ଗୁଆର ତଥା ବିଭିନ୍ନ ପର୍ବପର୍ବାଣିରେ ପାଗୋଆଡ଼ାକୁ ବେକରେ ପିନ୍ଧାଯାଏ । ରୂପାତାରରେ ବଣିଆଦ୍ୱାରା ଏହି ଅଳଙ୍କାର ତିଆରି କରାଯାଇଥାଏ । ଲାଞ୍ଜିଆ ସଉରା ସଂପ୍ରଦାୟର ମହିଳାମାନେ ଏହାକୁ ପରିଧାନ କରି ନୃତ୍ୟ ପରିବେଷଣ କରିଥାନ୍ତି। ସଉରା ସଂପ୍ରଦାୟରେ ଏହି ଅଳଙ୍କାରର ସ୍ୱତନ୍ତ୍ର ମର୍ଯ୍ୟାଦା ରହିଛି ।

### ଗୁପ୍‌ଗୁପ୍‌କୁବ୍

ପରଂପରା ତଥା ସାଂସ୍କୃତିକ ପରିଚୟ ବହନ କରୁଥିବା 'ଗୁପ୍‌ଗୁପ୍‌କୁବ୍'କୁ ସୁନା ଓ ରୂପାରେ ତିଆରି କରି ନିତିଦିନିଆ ନାକ ଗହଣା ହିସାବରେ ମହିଳାମାନଙ୍କ ଭଳି ସଉରା ପୁରୁଷମାନେ ନାକର ଡାହାଣ ପୁଡ଼ାରେ ପିନ୍ଧିଥାନ୍ତି। ଆର୍ଥନୀତିକ ଦୃଷ୍ଟିରୁ ସୁନା ତିଆରି ଗହଣାକୁ ଧନୀ ଶ୍ରେଣୀର ଏବଂ ରୂପା ତିଆରି ଗହଣାକୁ ଗରିବ ଶ୍ରେଣୀର ଲୋକେ ପିନ୍ଧିଥାନ୍ତି। ଦଉଡ଼ି ଭଳି ମୋଡ଼ିମୋଡ଼ି ହୋଇ ସୁନା କିମ୍ବା ରୂପାରେ ତିଆରି ହୋଇଥିବାରୁ ଏହା ଚିକ୍‌ଚିକ୍ କରି ନାକର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସଙ୍ଗେସଙ୍ଗେ ଏକ ଶୃଙ୍ଖଳିତ ସୌନ୍ଦର୍ଯ୍ୟବୋଧର ପରିଚୟ ବହନ କରେ । ଏହି ଗହଣା ପିନ୍ଧିଲେ ମଣିଷର ମୃତ୍ୟୁପରେ ପୂର୍ବପୁରୁଷମାନଙ୍କ ସହିତ ମିଶିପାରିବାର ଦୃଢ଼ ବିଶ୍ୱାସ ଏମାନଙ୍କ ସଂପ୍ରଦାୟରେ ରହିଛି । ଏହା ମଧ୍ୟ ଲାଞ୍ଜିଆ ସଉରା ପୁରୁଷମାନଙ୍କର ଏକ ସାଂସ୍କୃତିକ ଚିହ୍ନ ।

### କାଣ୍ଡୁମ୍‌ଡ଼ାକାଡ଼୍

ପୂର୍ବପୁରୁଷଙ୍କ ସମ୍ମାନାର୍ଥେ ଖଡ୍ତୁରେ ବିଭିନ୍ନ ରକମର ଜ୍ୟାମିତିକ ନକ୍‌ସା ଖୋଦିତ କରାଯାଇ ଏହି ଅଳଙ୍କାରଟି ପ୍ରସ୍ତୁତ ହୋଇଥିବାରୁ ଏହା ସୁନ୍ଦର ଦେଖାଯିବା ସଙ୍ଗେସଙ୍ଗେ ଏହାକୁ ପିନ୍ଧିବା ସମୟରେ ହାତର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଥାଏ । ଦୁଷ୍ଟଦେବତା ଓ ପ୍ରେତାତ୍ମାଙ୍କ କୋପରୁ ମୁକ୍ତି ଓ ପୂର୍ବପୁରୁଷଙ୍କୁ ସମ୍ମାନ ଜଣାଇବା ପାଇଁ ନିଜସ୍ୱ ସଂସ୍କୃତି ସହିତ ଖାପ ଖାଇଲା ଭଳି ପିତ୍ତଳ କିମ୍ବା ରସ ଧାତୁରେ ତିଆରି ହାତର ଖଡ୍ତୁ ହିସାବରେ 'କାଣ୍ଡୁମ୍‌ଡ଼ାକାଡ଼୍'କୁ ଲାଞ୍ଜିଆ ସଉରା ମହିଳାମାନେ ପିନ୍ଧିଥାନ୍ତି । ଆର୍ଥନୀତିକ ଦୃଷ୍ଟିରୁ ପିତ୍ତଳ ତିଆରି ଗହଣାକୁ ଧନୀ ଶ୍ରେଣୀର ଏବଂ ରସ ତିଆରି ଗହଣାକୁ ଗରିବ ଶ୍ରେଣୀର ଲୋକେ ପିନ୍ଧିଥାନ୍ତି । ବିଭିନ୍ନ ପର୍ବପର୍ବାଣି ଓ ବିବାହ ଉତ୍ସବରେ ମଧ୍ୟ ମହିଳାମାନେ ଏ ପ୍ରକାର ଅଳଙ୍କାର ପିନ୍ଧିବାକୁ ପସନ୍ଦ କରିଥାନ୍ତି ।

### ଉପସଂହାର

ସଉରା ଜନଜାତିର ଐତିହ୍ୟ, ପରମ୍ପରା ଓ ସଂସ୍କୃତିର ଭିତ୍ତିଭୂମି ସୁଦୃଢ଼ । ସଉରା ସଂପ୍ରଦାୟ ଆଜିକାଲି ଉଚ୍ଚ ଶିକ୍ଷିତ ହୋଇ ସାମାଜିକ ବିକାଶଧାରାରେ ଅଂଶଗ୍ରହଣ କଲେଣି । ନୂତନ ଚିନ୍ତାଧାରା ସଉରା ଯୁବକଯୁବତୀମାନଙ୍କ ମନରେ ପ୍ରବେଶ କରିବା ଫଳରେ ସଉରା ସଂପ୍ରଦାୟର ମୌଳିକ

ସଂସ୍କୃତି, ପରମ୍ପରା, ଐତିହ୍ୟ ଧୀରେଧୀରେ ଲୋପ ପାଇବାକୁ ବସିଛି । ନିକଟ ଅତୀତରେ ସଉରା ସଂପ୍ରଦାୟର ଅଳଙ୍କାରଗୁଡ଼ିକର ଅତ୍ୟଧିକ ଚାହିଦା ଥିଲା । ବର୍ତ୍ତମାନ କେବଳ ବିବାହ, ପର୍ବପର୍ବାଣି, ନୃତ୍ୟଗୀତ ଓ ଅବସର ବିନୋଦନ ସମୟରେ ଏହି ପାରମ୍ପରିକ ଅଳଂକାରରେ ସଉରା ଯୁବତୀ ଓ ରମଣୀମାନେ ନିଜକୁ ସଜ୍ଜିତ

କରିଥାନ୍ତି । ଅନ୍ୟ ସମୟରେ ସ୍ଥାନୀୟ ହାଟ କିମ୍ବା ବଜାରରୁ ପ୍ଲାଷ୍ଟିକ୍, କାଚ, ଆଲୁମିନିୟମ୍ ଆଦି ନକଲି ଅଳଙ୍କାର ପରିଧାନ କରିଥାନ୍ତି । ଆଧୁନିକ ଅଳଙ୍କାର ସହଜ, ସୁଲଭ ଓ ଶସ୍ତାରେ ମିଳୁଥିବାରୁ ସଉରା ସଂପ୍ରଦାୟର ଯୁବତୀ ଓ ରମଣୀମାନେ ଏଗୁଡ଼ିକ ପ୍ରତି ବିଶେଷ ଆକୃଷ୍ଟ ହେଉଥିବା ଦେଖାଯାଉଛି । ସଉରା  ଅଳଙ୍କାରଗୁଡ଼ିକର ସାମାଜିକ ଓ ସାଂସ୍କୃତିକ ଗୁରୁତ୍ୱ ରହିଥିବା ବେଳେ ଅଦ୍ୟାବଧି ସରକାରୀ ଓ ବେସରକାରୀ ସ୍ତରରେ ଏହାର ସୁରକ୍ଷା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ବହୁ ପୁରାତନ ଅଳଙ୍କାର ସଂପୂର୍ଣ୍ଣ ନିଶ୍ଚିହ୍ନ ହୋଇଗଲାଣି । ଭାରତୀୟ ସଂଗୀତ, ନୃତ୍ୟ ଓ ପରମ୍ପରା ଅଧ୍ୟୟନ ନିମନ୍ତେ ସଉରା ଜନଜାତିର ଅଳଙ୍କାର ଅତ୍ୟନ୍ତ ଉପାଦେୟ ହେଉଥିବାରୁ ଏହାର ସଂରକ୍ଷଣ ଓ ଗବେଷଣା ଅତ୍ୟନ୍ତ ଜରୁରୀ । ଏହି ଅଳଙ୍କାର ସମୂହ ଓଡ଼ିଆ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଂଶବିଶେଷ କହିଲେ ଅତ୍ୟୁକ୍ତି ହେବ ନାହିଁ।

**ସହାୟକ ଗ୍ରନ୍ଥସୂଚୀ**

୧. ସାହୁ, କଳାମଣି ରବୀନ୍ଦ୍ର ନାଥ; ଓଡ଼ିଶାର ଆଦିବାସୀ ଚିତ୍ରକଳା, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ଭୁବନେଶ୍ୱର ।

୨. ବନଜା, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ, ଭୁବନେଶ୍ୱର ।

୩. ସାହୁ, ଡକ୍ଟର ସୁରେନ୍ଦ୍ର ନାଥ; ସଉରା ପ୍ରବନ୍ଧାବଳୀ, ଇଙ୍କ୍ ଅଫ୍ ନଲେଜ୍, ଗୁଜୁରାଟ ।

❖❖❖

# ଡଙ୍ଗରିଆ କନ୍ଧଙ୍କ ଅଳଙ୍କାର

**ଦ୍ୱିତୀ ଚନ୍ଦ୍ର ସାହୁ***


## ସାରାଂଶ

ଆଦିବାସୀମାନେ ପ୍ରକୃତିପ୍ରେମୀ ଓ ଅତ୍ୟନ୍ତ ସୌନ୍ଦର୍ଯ୍ୟ ପିପାସୁ । ସବୁବେଳେ ପ୍ରାକୃତିକ ସାମଗ୍ରୀକୁ ଭଲ ପାଆନ୍ତି । ଚାରିପାଖରେ ଉପଲବ୍ଧ ସାମଗ୍ରୀକୁ ନିଜର ବେଶଭୂଷାରେ ଉପଯୋଗ କରି ଆସିଛନ୍ତି । ଏସବୁ ସାମଗ୍ରୀକୁ ସୃଜନାତ୍ମକ ଦୃଷ୍ଟିଭଂଗୀ ଓ ରଚନାତ୍ମକ ଚିନ୍ତନ ଜରିଆରେ ନିଜର କାରିଗରୀ କୌଶଳକୁ ପ୍ରୟୋଗପୂର୍ବକ ସୁନ୍ଦର ଭାବେ ଅଳଙ୍କାର ପ୍ରସ୍ତୁତ କରି ପିନ୍ଧିଥାନ୍ତି । ରାୟଗଡା ଜିଲ୍ଲାର ନିୟମଗିରି ପାହାଡ଼, ଜଙ୍ଗଲ ଓ ପ୍ରାକୃତିକ ସମ୍ପଦ ଓ ସେଠାରେ ବାସ କରୁଥିବା ଆଦିମ ଜନଜାତି ଅଳଙ୍କାରର ଆକୃତି, ରଙ୍ଗ ଓ ଉପାଦାନ ପରସ୍ପର ସଂଶ୍ଲିଷ୍ଟ । ଏହି ନିବନ୍ଧଟି ଓଡ଼ିଶାର ରାୟଗଡା ଜିଲ୍ଲା ଅନ୍ତର୍ଗତ ନିୟମଗିରି ପାହାଡ଼ ଅଞ୍ଚଳରେ ବସବାସ କରୁଥିବା ବିଶେଷ ଅନୁନ୍ନତ ଗୋଷ୍ଠୀର ଜନଜାତି (PVTG) ଗୋଷ୍ଠୀର ଡ଼ଙ୍ଗରିଆ କନ୍ଧ ଜନଜାତିଙ୍କ ଅଳଙ୍କାର ପରମ୍ପରାକୁ ଏକ ଲୋକ ସଂସ୍କୃତି, ସାମାଜିକ ଓ ପ୍ରତୀକାତ୍ମକ ଅଧ୍ୟୟନ ଭାବେ ବିଶ୍ଳେଷଣ କରି ପ୍ରସ୍ତୁତ କରାଯାଇଛି । ଏଥିରେ ଉଭୟ ବର୍ଣ୍ଣନାତ୍ମକ ଓ ଗୁଣାତ୍ମକ ପଦ୍ଧତି ଅବଲମ୍ବନ କରାଯାଇଛି । କ୍ଷେତ୍ରସର୍ବେକ୍ଷଣ, ସାକ୍ଷାତକାର, ଅଂଶଗ୍ରହଣ ଅବଲୋକନ ଓ ଦ୍ୱିତୀୟକ ତଥ୍ୟ ସଂଗ୍ରହ ମାଧ୍ୟମରେ ଡ଼ଙ୍ଗରିଆ କନ୍ଧଙ୍କ ବିବିଧ ଧାତୁ–ପ୍ରାକୃତିକ ଉପାଦାନ ଭିତ୍ତିକ ଅଳଙ୍କାରର ଗଠନ, ଉପାଦାନ ଓ ପ୍ରୟୋଗ ପ୍ରକ୍ରିୟାକୁ ବିଶ୍ଳେଷଣ କରାଯାଇଛି ।


## ଉପକ୍ରମ

ଓଡିଶାରେ ବସବାସ କରୁଥିବା ୬୪ ପ୍ରକାର ଆଦିବାସୀଙ୍କ ମଧ୍ୟରୁ ଅଧିକାଂଶ ସଂପ୍ରଦାୟର ଆଦିବାସୀ ଅବିଭକ୍ତ କୋରାପୁଟ ଜିଲ୍ଲାରେ ବସବାସ କରୁଛନ୍ତି । ବିଶେଷ ଭାବେ ଅତି ଦୁର୍ବଳ ଜନଜାତି ସମୂହ ମଧ୍ୟରେ ଡଙ୍ଗରିଆ କନ୍ଧମାନେ ଏବେ ବି ପାରଂପରିକ ଭାବେ ନିଜ ଜୀବନ ଶୈଳୀ ଜିଉଁଛନ୍ତି । ସରଳ ଓ ପାରଂପରିକ ବେଶଭୂଷା ଭିତରେ ସେମାନଙ୍କ ଜୀବନଶୈଳୀ ସମସ୍ତଙ୍କୁ ଆକୃଷ୍ଟ କରିଆସିଛି । ଡଙ୍ଗରିଆ କନ୍ଧ ହେଉଛନ୍ତି ରାୟଗଡ ଜିଲ୍ଲାର ଅନ୍ୟତମ ପ୍ରମୁଖ ଜନଜାତି । ଏଇ ଆଦିମ ଜନଜାତିର ଲୋକେ ମୁଖ୍ୟତଃ ନିୟମଗିରି ପାହାଡ କୋଳରେ ଜୀବନଯାପନ କରି ଆସୁଛନ୍ତି । ଅନାଦି କାଳରୁ ଏମାନେ ଡଂଗରରେ ରହି ଆସୁଥିବାରୁ ସେମାନଙ୍କ ଆବାସିକସ୍ଥଳ ଭିତ୍ତିରେ ଏମାନଙ୍କ ନାମ ଡଙ୍ଗରିଆ କନ୍ଧ ହୋଇଛି । କନ୍ଧ ସଂପ୍ରଦାୟର ଏମାନେ ଏକ ବିଶେଷ ଗୋଷ୍ଠୀ । ଡଙ୍ଗରିଆ

* ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡା -୭୬୫୦୦୧ ମୋ-୯୪୩୭୯୦୯୬୭୧,
Email-dwitisahu@gmail.com

କନ୍ଧମାନଙ୍କର ବାସସ୍ଥାନ କ୍ଷେତ୍ର ୧୯.୩୩ ଉତ୍ତର ଅକ୍ଷାଂଶ ଏବଂ ୮୩.୨୫ ପୂର୍ବ ଦ୍ରାଘିମା ମଧ୍ୟରେ ଏବଂ ନିୟମଗିରି ପାହାଡ଼ର ଉଚ୍ଚ ମାଳଭୂମି ଉପରେ ସମୁଦ୍ର ପତ୍ତନରୁ ୧୦୦୦ ଫୁଟରୁ ୪୯୭୦ ଫୁଟ ଉଚ୍ଚତାରେ ଅବସ୍ଥିତ। ନିୟମଗିରି ପର୍ବତମାଳାର ଗୋଟିଏ ପାଖ ରାୟଗଡା ଜିଲ୍ଲା ଏବଂ ଆର ପାଖ କଳାହାଣ୍ଡି ଜିଲ୍ଲା । ବହୁଳ ଭାବେ ଡଙ୍ଗରିଆ କନ୍ଧମାନେ ରାୟଗଡା ଜିଲ୍ଲାର ବିଷମକଟକ, ମୁନିଗୁଡା ଓ କଲ୍ୟାଣସିଂପୁର ବ୍ଲକର ନିର୍ଦ୍ଦିଷ୍ଟ ଅଂଚଳରେ ଏମାନଙ୍କ ଜୀବନଜୀବିକା ସୀମିତ । ସେହିପରି କଳାହାଣ୍ଡି ଜିଲ୍ଲାର ଲାଂଜିଗଡ ବ୍ଲକର କିଛି ଗ୍ରାମରେ ସେମାନେ ବସବାସ କରନ୍ତି । ବିଷମକଟକ ବ୍ଲକର କୁର୍ଲି, ଚାଂଚରାଗୁଡା ଓ ହାଟ ମୁନିଗୁଡା ତିନୋଟି ପଞ୍ଚାୟତରେ, ମୁନିଗୁଡା ବ୍ଲକର ଶିବପଦର ଓ ମୁନିଖୋଲ ପଂଚାୟତରେ ଏବଂ କଲ୍ୟାଣସିଂପୁର ବ୍ଲକର ପାରସାଲି ଓ ସୁନାଖଣ୍ଡି ପଂଚାୟତରେ ମଧ୍ୟ ଏମାନେ ବାସ କରନ୍ତି । ଡଙ୍ଗରିଆକନ୍ଧମାନେ ପ୍ରକୃତିର ଉପାସକ । ସେମାନେ ମୁଖ୍ୟତଃ ମାଟି, ପାଣି, ପାହାଡ, ଆକାଶ, ବୃକ୍ଷ, କାଠ, ପଥର ଆଦିକୁ ଉପାସନା କରନ୍ତି । ଡଙ୍ଗରିଆ ଜନଜାତିର ଲୋକେ ନିୟମଗିରି ପାହାଡର ଝରଣା ଓ ଡଂଗର ମାଟି ଉପରେ ସେମାନଙ୍କ ଜୀବନଜୀବିକା ନିର୍ଭର । ପାରଂପରିକ ହଳଦୀ, ଅଦା ଚାଷ ସହ ବିଭିନ୍ନ ପ୍ରକାରର ଫଳ ଚାଷ କରନ୍ତି ଡଙ୍ଗରିଆକନ୍ଧ । ମସଲା ଓ ଫଳ ଉତ୍ପାଦନ ସହ ଏହାର ବିକ୍ରିବଟା କରି ଜୀବନ ଧାରଣ କରନ୍ତି ।

## ପାହାଡ ରଜା ନିୟମଗିରି

ଗୋଟେ ପଟେ କଳାହାଣ୍ଡି ଓ ଆର ପଟେ ରାୟଗଡା ଜିଲ୍ଲା । ମଝିରେ ପାଚେରୀ ଭଳି ଠିଆ ହୋଇଛି ତୀଖ ପାହାଡ । ନାଆ ତାର ନିୟମଗିରି । ନିୟମଗିରି କେବଳ ଏକ ପାହାଡ ନୁହେଁ । ସେ ରାଜା । ନିୟମରଜା। ତାର ପ୍ରଜା ହେଉଛନ୍ତି ଆଦିମ ଜନଜାତି ଡଙ୍ଗରିଆକନ୍ଧ । ରାୟଗଡା ଓ କଳାହାଣ୍ଡି ଜିଲ୍ଲାର ବହୁ ଚର୍ଚ୍ଚିତ ପାହାଡ ହେଉଛି ନିୟମଗିରି । ବେଶଭୂଷା ଚାଲିଚଳଣରେ ସେମାନେ ଆଦିମ । ପାହାଡ଼ ବା ଡଙ୍ଗର ହେଉଛି ସେମାନଙ୍କର ସବୁକିଛି । ଡଙ୍ଗରରେ ବିଭିନ୍ନ ପ୍ରକାର ଫଳ ଚାଷ କରି ସେମାନେ ନିଜର ଜୀବିକା ନିର୍ବାହ କରିଥାନ୍ତି। ଡଂଗର ହେଉଛି ତାଙ୍କ ଦେବତା। କନ୍ଧ ଜନଜାତିର ଏକ ଗୋଷ୍ଠୀ ବହୁ କାଳରୁ ନିୟମଗିରି ପାହାଡ଼ ଉପରେ ବସବାସ କରି ଆସଥିବାରୁ ତାଙ୍କ ନାମ ହେଲା ଡଂଗରିଆ କନ୍ଧ। ଓଡ଼ିଶାର ରାୟଗଡ଼ା ଜିଲ୍ଲାର ନିୟମଗିରି ପାର୍ବତ୍ୟ ଅଂଚଳରେ ବସବାସ କରୁଥିବା ଡଙ୍ଗରିଆ କନ୍ଧମାନେ ପ୍ରକୃତି ଦେବତା ଏବଂ ପୁନର୍ଜନ୍ମରେ ବିଶ୍ୱାସୀ । ନିୟମରାଜା, ଧରତୀ ମାତା ଓ ଦର୍ମୁ ଦେବତା ଉପରେ ଯେତିକି ଆସ୍ଥା ପ୍ରକୃତିର ବିଭିନ୍ନ ଶକ୍ତି ଉପରେ ବି ସେତିକି ବିଶ୍ୱାସ । ନିୟମଗିରି ଏଠି ରାଜା । ତାର ପ୍ରଜା ହେଲେ ଡଙ୍ଗରିଆକନ୍ଧ। ପାହାଡକୁ ରାଜା ମାନି ଏବେ ବି ବଂଚୁଛନ୍ତି ଏଇ ଜନଜାତି । ପ୍ରତିଟି କଥାରେ ନିୟମରଜାକୁ ପଚାରନ୍ତି । ତାକୁ ପୂଜା କରନ୍ତି । ତାପରେ ଯେକୌଣସି କାର୍ଯ୍ୟରେ ହାତ ଦିଅନ୍ତି । ନିୟମ ରଜାର ଡଙ୍ଗର ଦ୍ୱାରା ବଞ୍ଚୁଥିବାରୁ ସେମାନେ ବିଭିନ୍ନ ସମୟରେ ଡଂଗରକୁ ପୂଜା କରନ୍ତି । ନିୟମଗିରିକୁ ନିଜର ଦେବତା ରୂପେ ପୂଜା କରନ୍ତି। ନିୟମଗିରି ସେମାନଙ୍କୁ ପିଇବାକୁ ଝୋଲାଝରଣାର ଜଳ ଦେଉଛି । ବଂଚିବାକୁ ଜଂଗଲ ଦେଇଛି । ଜୀଇଁବାକୁ ପବନ ଦେଉଛି ନିୟମରାଜା । ଆଉ ଖାଇବାକୁ ଧାନ, ମାଣ୍ଡିଆ, ସୁଆଁ, କାଂଗୁ, କୋସଲା, କାନ୍ଦୁଲ, ମକା, ହଳଦୀ, ଅଦା, ପାଳୁଅ ଠାରୁ ଆରମ୍ଭ କରି ସୁପରୀ, କମଳା, ଆମ୍ବ, ପଣସ, ଖଜୁରୀ ଭଳି ଜାତିଜାତିକା ଫଳ, କନ୍ଦା ଓ ଶାଗ ଦେଉଛି । ଡଙ୍ଗରିଆ ଚାଷ ଉପରେ ନିର୍ଭର କରୁଥିବାରୁ ନିୟମଗିରି ଉଦ୍ଦେଶ୍ୟରେ ବର୍ଷର ବିଭିନ୍ନ

ସମୟରେ କୃଷିଭିତ୍ତିକ ପର୍ବ ପାଳନ କରନ୍ତି । ଡଙ୍ଗର ପୂଜା, ମାଣ୍ଡିଆ ରାଣୀ, ବିହନ ପୂଜା, ଧାନ ନୂଆଖିଆ, ପିଡିକା, ମେରିଆ ପରବ, ବିଚାହପା, ବଲାଣି, ମେଣ୍ଡୋ ପାର୍ବୁ, ବିଚାବଡ଼ ଦିଆଲି, ଆଜି ପେନୁ ଯାତ୍ରା, ଲାହି ପେନୁ ଯାତ୍ରା , କାଟଲା ପାର୍ବୁ , ରାକୁସ ପୂଜା, ସୀତାରାଣୀ ପୂଜା, ଇତ୍ୟାଦି ପାଳନ କରନ୍ତି ।

**ଜନଶ୍ରୁତି ଓ ଲୋକକଥା**

ପ୍ରାଚୀନ କାଳରେ ନିୟମ ରାଜା ଅମ୍ୱୋଧୁନି ନାମରେ ପରିଚିତ ନିୟମଗିରି ଶିଖରରେ ତାଙ୍କର ଦୁର୍ଗ ନିର୍ମାଣ କରିଥିଲେ। ତାଙ୍କର ପଡ଼ୋଶୀ ରାଜା ଉଦ୍ଧବ ରାଜାଙ୍କ ସହିତ ଭଲ ସମ୍ପର୍କ ଥିଲା। ଗୋଟିଏ ଦିନ ନିୟମ ରାଜା ଉଦ୍ଧବ ରାଜାଙ୍କୁ ଏକ ଭୋଜିରେ ନିମନ୍ତ୍ରଣ କରିଥିଲେ ଏବଂ ଉଷ୍ମ ଆତିଥ୍ୟ ପ୍ରଦାନ କରିଥିଲେ। ଉଦ୍ଧବ ରାଜା କେବଳ ରାଜାଙ୍କ ଆତିଥ୍ୟରେ ଆନନ୍ଦିତ ନ ହୋଇ ରାଣୀଙ୍କ ଆତିଥ୍ୟ ଏବଂ ତାଙ୍କ ଦ୍ୱାରା ପରସା ଯାଇଥିବା ସ୍ୱାଦିଷ୍ଟ ବ୍ୟଞ୍ଜନରେ ସମ୍ପୂର୍ଣ୍ଣ ଭାବରେ ଆକର୍ଷିତ ହୋଇଥିଲେ। ଉଦ୍ଧବ ରାଜା ଖାଦ୍ୟରେ ମୁଗ୍ଧ ହୋଇ ନିୟମ ରାଜାଙ୍କ ଅନୁପସ୍ଥିତିରେ ଦୁର୍ଗକୁ ଆସିଥିଲେ। ସେ ଲୁଣରେ ଭିଜା ଏବଂ ରାଣୀଙ୍କ ଦ୍ୱାରା ପରିବେଷଣ କରାଯାଇଥିବା "ସ୍ୱତନ୍ତ୍ର ଖାଦ୍ୟ" ଖାଇଲେ। ଶେଷରେ ସେ ରାଣୀଙ୍କୁ ନେଇ ପଳାଇଗଲେ। ସେହିଦିନୁ ନିୟମ ରାଜା ପାହାଡ ଛାଡି ଆଉ କୁଆଡେ ଯାଉ ନାହାଁନ୍ତି ।

ସେହିପରି ଆଉ ଏକ ଲୋକ କଥା ଅନୁସାରେ ପୂର୍ବ କାଳରେ ଲଖପଦର ବୋଲି ଗୋଟିଏ ଗାଁ ଥିଲା । ସେହି ଗାଁ ଆଦିବାସୀ ଲୋକ ବାସ କରୁଥିଲେ । ସେହି ଗାଁ ଚାରିପଟେ ଘଂଚ ଜଙ୍ଗଲ ପରିପୂର୍ଣ ଥିଲା । ସେଇ ଲୋକମାନେ ବଣର ଫଳ, ମୂଳ, ସ୍ୱୀକାର, ବଣର କନ୍ଦା ଖାଇ ବଞ୍ଚୁଥିଲେ । ସେମାନେ କୌଣସି ଦେବଦେବୀ ପୂଜା କରୁନଥିଲେ । ସେ ପର୍ବତ ଉପରେ ଥିବା ଦେବୀ ପ୍ରତ୍ୟେକ ଦିନ ବାଘ ହୋଇ ଜଣ ଜଣ କରି ଖାଇ ଦେଉଥାଏ। ତେଣୁ ଜନସଂଖ୍ୟା ଶୂନ୍ୟ ହେବାକୁ ଲାଗିଲା । ସେ ଗାଁରେ ଗୋଟିଏ ବେଜୁଣୀ ଥିଲା । ସେହି ଗାଁର ବେଜୁଣୀଙ୍କୁ ସ୍ୱପ୍ନ ହେଲା ଯେ ମୋ ନିୟମ ମାନି ପୂଜାପାଠ ନ କଲେ ମୁଁ ସମସ୍ତଙ୍କୁ ଖାଇଦେବି । ତୁମେ ଯେଉଁ ଫଳ ଆଦାୟ କରିବ ତା ପୂର୍ବରୁ କୁକୁଡା କିମ୍ୱା ଛେଳି ବଳି ଦେବ ହେଲେ ଯାଇ ମୋ ମନ ଶାନ୍ତି ହେବ । ଏହାପରେ ବେଜୁଣୀ ବଳୀ ଦେବା ପାଇଁ ରାଜି ହେଲା । ସେ ଦିନରୁ ଦେବୀଙ୍କ ଆଦେଶ ଅନୁସାରେ ପୂଜା ଚାଲିଛି । ସେହି ନିୟମ ଧରି ଚାଲିବା ଯୋଗୁଁ ପର୍ବତର ନାମ ନିୟମଗିରି ପର୍ବତ ହୋଇଛି । ସେହି ଦିନରୁ ଆଦିବାସୀ(କନ୍ଧ) ଲୋକମାନେ ବନଦେବୀଙ୍କୁ ପୂଜା କରିନ୍ତି ବୋଲି କିମ୍ୱଦନ୍ତୀ ରହିଛି ।

**ସାମାଜିକ ବିଶ୍ୱାସ -**

ଡଙ୍ଗରିଆକନ୍ଧ ଲୋକମାନଙ୍କର ଅଳଙ୍କାର ବ୍ୟବହାର ସେମାନଙ୍କ ସମ୍ପ୍ରଦାୟର ପରିଚୟ ଦିଏ । ଜୀବନର କାର୍ଯ୍ୟକଳାପକୁ ଅର୍ଥପୂର୍ଣ୍ଣ କରିବାକୁ ପଡ଼ିଥାଏ । ତେଣୁ ଅଳଙ୍କାରଗୁଡ଼ିକ ଶରୀରର ଶୋଭା ବର୍ଦ୍ଧନ ସହ ଖରାପ ଶକ୍ତି ଓ ଅଶରୀର ଆତ୍ମାର ରକ୍ଷକ ଭାବେ ଯେତିକି ବ୍ୟବହୃତ ସେତିକି ସେମାନଙ୍କ ପରିଚୟର ପ୍ରତୀକ ଭାବେ ବ୍ୟବହୃତ। ସୁରକ୍ଷା ଏବଂ ସ୍ଥିତିର ମାପକାଠି ଭାବରେ ସେମାନଙ୍କ ପାଖରେ ଥିବା ଅଧିକାଂଶ ଅଳଙ୍କାର ପିନ୍ଧିବା ଆଦିବାସୀମାନଙ୍କର ଏକ ବିଶେଷ ବୈଶିଷ୍ଟ୍ୟ । ସାଜସଜ୍ଜା, ସୌନ୍ଦର୍ଯ୍ୟ ଏବଂ ପ୍ରେମ ଦୃଷ୍ଟିରୁ ଶରୀରର ଛଅଟି ଭାଗରେ ଅଳଙ୍କାର

ପିନ୍ଧିଥାନ୍ତି। ମୁଣ୍ଡରୁ ପାଦ ପର୍ଯ୍ୟନ୍ତ, ମୁଣ୍ଡ ଏବଂ ମୁହଁ, ବେକ ଏବଂ ବକ୍ଷ, ବାହୁ, କଟି ଏବଂ ନିମ୍ନ କଟି ଅଂଶ, ଗୋଇଠି ଏବଂ ପାଦ ଆଦି ଅଳଙ୍କାରରେ ସଜ୍ଜିତ ରହୁଥିଲେ ।

ଡଙ୍ଗରିଆକନ୍ଧମାନେ ସେମାନଙ୍କର ପୋଷାକ, ସାଜସଜ୍ଜା ଏବଂ କେଶ ସଜ୍ଜାରେ ସେମାନଙ୍କର ସ୍ୱତନ୍ତ୍ରତା ପ୍ରଦର୍ଶନ କରନ୍ତି। ସ୍ୱତନ୍ତ୍ର ପୋଷାକର ଅଦ୍ଭୁତ ରୂପରେ ଭିଡ ଭିତରୁ ଡଙ୍ଗରିଆଙ୍କୁ ଯେ କେହି ଦେଖି ସହଜରେ ଜାଣିପାରିବେ । ଡଙ୍ଗରିଆକନ୍ଧ ଲୋକଙ୍କ ସାମାଜିକ-ଆର୍ଥିକ ସ୍ଥିତି ସେମାନେ ପିନ୍ଧୁଥିବା ଅଳଙ୍କାରର ପରିମାଣ ଏବଂ ଗୁଣବତ୍ତାରୁ ସହଜରେ ଅନୁମାନ କରାଯାଏ। ସାଧାରଣତଃ ଧନୀ ଲୋକମାନେ ଅଧିକ ଓଜନର ସୁନା ଅଳଙ୍କାର ପିନ୍ଧନ୍ତି। ଡଙ୍ଗରିଆ ବେଜୁ/ବେଜୁଣି ଜୀବିତ ଏବଂ ମୃତ ଆତ୍ମା ଓ ଦେବତାଙ୍କ ମଧ୍ୟରେ ସଂଯୋଗକାରୀ ଭାବରେ କାର୍ଯ୍ୟ କରନ୍ତି । ଲୋକ ଏବଂ ସମାଜର କଲ୍ୟାଣ ପାଇଁ ଦେବତା ଏବଂ ଦେବୀଙ୍କୁ ଆକର୍ଷିତ କରିବା ପାଇଁ ଧାର୍ମିକ ଭାବରେ ଚମକଦାର ସୁନା ଅଳଙ୍କାରରେ ନିଜକୁ ସଜ୍ଜିତ କରନ୍ତି। ଅଳଙ୍କାର ଗୁଡିକ ମୁଖ୍ୟତଃ ସୁନା, ରୂପା, ରସ ଓ ପିତ୍ତଳରେ ପ୍ରସ୍ତୁତ ହୋଇଥାଏ ।

**ବେଶ ଭୂଷା -**

ବିଶେଷ ଭାବେ ଦୁର୍ବଳ ଜନଜାତି ସମୂହ ଡଙ୍ଗରିଆକନ୍ଧଙ୍କ ପ୍ରମୁଖ ଆକର୍ଷଣ ହେଲା ସେମାନଙ୍କ ପାରଂପରିକ ବେଶଭୁଷା । ପୁରୁଷ ଓ ସ୍ତ୍ରୀଲୋକେମାନେ ସାଧାରଣତଃ ପାରଂପରିକ ବେଶଭୁଷାରେ ପ୍ରାୟତଃ ସମାନ ଦେଖାଯାଆନ୍ତି। ମୁଣ୍ଡରେ ଖୋସା ଓ ବାଳ ଛପା ସହ ଖୋସାରେ ଛୋଟିଆ କାତି ଲଗାଇଥାନ୍ତି । ସେହିପରି ଝିଅମାନେ ନାକରେ, କାନରେ ଅଳଙ୍କାର ଲଗାଇବା ସହ ଧାତୁରେ ନିର୍ମିତ ଖଗଲା ଲଗାଇଥାନ୍ତି । ମହିଳାମାନେ ମୁହଁରେ ଚିତା କୁଟିଥାନ୍ତି। ତେବେ ଏଇ ବେଶଭୁଷାର ମୁଖ୍ୟ ଆକର୍ଷଣ ହେଲା ସେମାନଙ୍କ ଦ୍ୱାରା ତିଆରି ସ୍ୱତନ୍ତ୍ର ଚଦର କାପଡା ଗନ୍ଦା । ଅଳଙ୍କାର ତିଆରି ଏବଂ ସାଜସଜ୍ଜା ଏକ ସ୍ୱତନ୍ତ୍ର କଳା। ଯୁଗ ଯୁଗ ଧରି ଆଦିବାସୀ ପାରମ୍ପରିକ କଳା ଏବଂ ଅଳଙ୍କାରର ଶୈଳୀ, ଡିଜାଇନ୍, ସାମଗ୍ରୀ ଏବଂ କୌଶଳର ଏକ ଭଣ୍ଡାର । ଏହା ବର୍ତ୍ତମାନ କୁଟୀର ଶିଳ୍ପରେ ପରିଣତ ହୋଇଛି। ପାରମ୍ପରିକ ଅଳଙ୍କାରଗୁଡ଼ିକ କେବଳ ଦେଶର ବିଭିନ୍ନ ବର୍ଗର ଲୋକଙ୍କ ମଧ୍ୟରେ ନୁହେଁ ବରଂ ସାରା ବିଶ୍ୱରେ ଏକ ବଡ଼ ଚାହିଦା।

**ସୌନ୍ଦର୍ଯ୍ୟ**

ପରସ୍ପରକୁ ଆକର୍ଷିତ କରିବା ପାଇଁ ଡଙ୍ଗରିଆକନ୍ଧ ପୁରୁଷ ଓ ମହିଳା ପରସ୍ପର ସହିତ ବେଶଭୁଷାରେ ଏକ ପ୍ରକାର ପ୍ରତିଯୋଗିତା କରନ୍ତି । ପୁରୁଷ ଏବଂ ମହିଳାମାନେ ସେମାନଙ୍କର ପାରଂପରିକ ପୋଷାକ ଏବଂ ସାଜସଜ୍ଜା ପିନ୍ଧି ଉତ୍ସବରେ ଯୋଗ ଦିଅନ୍ତି । ପ୍ରେମ ପାଇବା ପାଇଁ ଡଙ୍ଗରିଆମାନେ ସେମାନଙ୍କର ବୟସ ଏବଂ ଲିଙ୍ଗ ନିର୍ବିଶେଷରେ ସୌନ୍ଦର୍ଯ୍ୟକୁ ଭଲ ପାଆନ୍ତି। ସେମାନେ ବ୍ୟବହାର କରୁଥିବା ଅଳଙ୍କାର ସେମାନଙ୍କର ଶାରୀରିକ ସୌନ୍ଦର୍ଯ୍ୟ ବୃଦ୍ଧି କରିବାରେ ସାହାଯ୍ୟ କରେ। ଅବିବାହିତା (ଧାଙ୍ଗଡ଼ା / ଧାଙ୍ଗଡ଼ି) ପରସ୍ପରକୁ ଆକର୍ଷିତ କରିବା ପାଇଁ ସମ୍ପୂର୍ଣ୍ଣ ଭାବରେ ଅଳଙ୍କାରରେ ସଜେଇ ହୋଇ ଥାଆନ୍ତି। ଡଙ୍ଗରିଆ କନ୍ଧ ପୁଅ ଏବଂ ଝିଅମାନେ ପ୍ରେମର ପ୍ରତୀକ ଭାବରେ ଧାଂଗିଡି ବସାରେ ଅଳଙ୍କାର ଉପହାର ଆଦାନ ପ୍ରଦାନ କରନ୍ତି। ଧାଙ୍ଗଡ଼ାମାନେ ସେମାନଙ୍କ ପ୍ରିୟଜନଙ୍କୁ ଆଙ୍ଗୁଠି ମୁଦି, କେଶ କ୍ଲିପ୍ ଏବଂ ପାଜା ପ୍ରଦାନ କରନ୍ତି। ପ୍ରେମ ଏବଂ ସ୍ନେହରୁ ଜଣେ ଯୁବତୀ କେବେକେବେ ତାଙ୍କ

ପ୍ରେମିକଙ୍କ ମୁଣ୍ଡ କେଶରେ ଏକ କ୍ଲିପ୍ ଲଗାନ୍ତି। ଏହା ବ୍ୟତୀତ କିଛି ଝିଅ ଏବଂ ପୁଅମାନେ ଅନେକ ମାଳି ପିନ୍ଧନ୍ତି ଯାହା ସେମାନଙ୍କର ପ୍ରେମିକଙ୍କ ସଂଖ୍ୟା ଗଣନା କରେ।

## ଆତ୍ମ ସୁରକ୍ଷା

ଡଙ୍ଗରିଆ କନ୍ଧମାନେ କେବଳ ବିଭିନ୍ନ ଅଳଙ୍କାରରେ ନିଜ ଶରୀରକୁ ସଜାନ୍ତି ନାହିଁ, ବରଂ ଆତ୍ମରକ୍ଷା ପାଇଁ ମଧ୍ୟ ବ୍ୟବହାର କରନ୍ତି। ଶତ୍ରୁମାନଙ୍କ ସହ ଲଢ଼ିବା ପାଇଁ କଂଟା, ବାହୁ ଏବଂ ପାଦରେ ଥିବା ଅଳଙ୍କାର ବ୍ୟବହାର କରାଯାଏ। ବନ୍ୟ ପ୍ରାଣୀଙ୍କଠାରୁ ଏବଂ ବାହାର ଲୋକଙ୍କ ସହିତ ଝଗଡ଼ା ସମୟରେ ଡଙ୍ଗରିଆ କନ୍ଧମାନଙ୍କ ପାଇଁ ଧାତୁ ହେଉଛି ସର୍ବୋତ୍ତମ ସମ୍ଭାବ୍ୟ ଅସ୍ତ୍ର। ସେମାନଙ୍କୁ ଏକ ଆକର୍ଷଣୀୟ ରୂପ ଦେବା ବ୍ୟତୀତ ଆବଶ୍ୟକତା ସମୟରେ ଅଳଙ୍କାରଗୁଡ଼ିକ ସେମାନଙ୍କୁ ସାହାର୍ଯ୍ୟ କରନ୍ତି। ପୂର୍ବେ ଘୋର ଜଂଗଲ ଭିତରେ ଡଙ୍ଗରିଆକନ୍ଧମାନେ ବସବାସ କରୁଥିଲେ । ସେତେବେଳେ ପ୍ରତି ପାଦରେ ବାଘ ଝିଙ୍କି ନେବାର ସମ୍ଭାବନା ରହୁଥିଲା । ତେବେ ଦେହରେ ବିଭିନ୍ନ କଂଟାଯୁକ୍ତ ଅଳଙ୍କାର ଥିଲେ ବାଘ କିମ୍ବା ହିଂସ ଜନ୍ତୁ ଆକ୍ରମଣ କରି ପାରୁ ନଥିଲେ । ଆକ୍ରମଣ କଲେ ବି ଅଳଂକାର ସହ ମଣିଷକୁ ମାରି ଖାଇବା ସହଜ ନଥିଲା । ତେଣୁ ଅଧିକାଂଶ ସମୟରେ ଲୋକଟି ବଂଚିବାର ସମ୍ଭାବନା ରହୁଥିଲା । ସେହିପରି ମୁଣ୍ଡରେ ଏକ ଛୋଟ କାତି ରଖିଥାନ୍ତି । ଏହା ବିପଦ ବେଳେ କାମ ଦେବା ସହ ଜଂଗଲରେ ଘୁରି ବୁଲିଲାବେଳେ ଫଳ ଓ କନ୍ଦା ଆଦିକୁ ସଫା କରି ଖାଇବା ଲାଗି ବ୍ୟବହାର କରିଥାନ୍ତି । ମହିଳାମାନେ ଏଥିସହ ବଡ ପିନ କଂଟା ମୁଣ୍ଡର ଜୁଡାରେ ବ୍ୟବହାର କରିଥାନ୍ତି । ଏହା ମଧ୍ୟ ଆତ୍ମରକ୍ଷା ଲାଗି ବେଳେବେଳେ ବ୍ୟବହାର କରିଥାନ୍ତି ।

## ଅଳଙ୍କାର ଓ ଚିତ୍ରକଳା

ସବୁ ଜନଜାତି ପରି ଡଙ୍ଗରିଆକନ୍ଧ ପୁରୁଷ ଓ ମହିଳା ନିଜ ଦେହରେ ଚିତା କୁଟାଇଥାନ୍ତି । ଚିତ୍ର ଆଙ୍କି ଘରକୁ ସଜେଇ ଥାନ୍ତି । ନିଜ ଦେହରେ ପିନ୍ଧିଥିବା ଅଳଙ୍କାରରେ ଏବଂ ସ୍ୱତନ୍ତ୍ର ଚାଦର କାପଡାଗନ୍ଦାରେ ବି ପାରଂପରିକ ଚିତ୍ର ରହିଛି । ସେସବୁ ଚିତ୍ରରେ ପ୍ରକୃତିର ବିଭବଗୁଡିକ ସ୍ଥାନ ପାଇଛି । ଡଂଗର, ଫୁଲ, ଗଛ ଇତ୍ୟାଦି ନିଜ ଚିତ୍ରରେ ସାଇତି ରଖେ । ତାହା ବି ନିର୍ଦ୍ଦିଷ୍ଟ ସ୍ତରକ୍ରମରେ । କଳା ପ୍ରିୟ ଡଙ୍ଗରିଆକନ୍ଧ ସଉକରେ ଏସବୁ ଚିତ୍ର କରେନି । ବିଭିନ୍ନ କାରଣ, ପର୍ବପର୍ବାଣୀ ଓ ପରଂପରା ପାଳନ ଆଧାରରେ ଏସବୁ ଚିତ୍ର ଅଂକନ କରି ଆସିଛି । ଦୀର୍ଘ ବର୍ଷ ଧରି ଡଂଗରିଆ କନ୍ଧ ଜନଜାତିକୁ ପାଖରୁ ଦେଖି ଆସିଛି । ଚିତ୍ରକଳାରେ ବିଶେଷଜ୍ଞ ଭାବେ ପରିଚିତ ଫୁଲେ ଓାଡକା, ଜାମ୍ବେ ଓାଡକା, ଲହରୀ କୁଣ୍ଡିକା, ରାଣି ଜାକେସିକା, ସୀତାରି ଓାଡକା ଓ ଜାନୀ କାଡ୍ରାକା ଦୈତ୍ୟାରୀ ଆଦି ଡଙ୍ଗରିଆକନ୍ଧଙ୍କ ସହ ଆଲୋଚନା କରିବାକ୍ରମରେ ସେମାନଙ୍କର ଚିତ୍ରକଳାକୁ ପାଂଚ ଭାଗରେ ବିଭକ୍ତ କରିବାକୁ ଏଠି ଚାହିଁବି । କାନ୍ଥ ଚିତ୍ର, ବସ୍ତ୍ର ଚିତ୍ର, ଖୁନ୍ଦା ଚିତ୍ର, ଖୁଂଟା ଚିତ୍ର ଏବଂ ଅଳଙ୍କାର ଚିତ୍ର ଭାବରେ ବିଭକ୍ତ କରାଯାଇପାରେ। ଏସବୁ ଚିତ୍ର କଳା ପାଇଁ ଡଂଗରିଆ ବିଭିନ୍ନ ରଂଗ ବ୍ୟବହାର କରିଥାଏ । ସେଥିମଧ୍ୟରୁ ଦୁଇଟି ବିଷୟରେ ଆଲୋଚନା କରିବି ।

## ଖୁଂଟା ଚିତ୍ର

ଡଙ୍ଗରିଆକନ୍ଧ ପୁରୁଷ ଓ ସ୍ତ୍ରୀ ନିଜ ଦେହରେ ଚିତ୍ରକୁ ଖୁଂଟି ଥାନ୍ତି । ଏହା ସ୍ଥାୟୀ ହୋଇ ରହିଥାଏ । ଆଜିର ଟାଟୁ ଚିତ୍ର ଭଳି ଏହି ଚିତ୍ର ଝଲସୁଥାଏ । ମୃତ୍ୟୁ ପର୍ଯ୍ୟନ୍ତ ଏହା ଶରୀରରେ ଥାଏ । ଡଙ୍ଗରିଆକନ୍ଧ ମହିଳାମାନେ ହାତ,

ମୁହଁ, ଗୋଡରେ ଚିତ୍ର ଆଙ୍କିଥାନ୍ତି । ହାତ ପାପୁଲିର ଉପରି ଭାଗ, ବାହୁ, ବାହୁ ଓ ପାପୁଲି ମଝିରେ ହାତର ତଳ ଭାଗରେ, ମୁହଁର କପାଳ, ଆଖିର ଉଭୟ ପାର୍ଶ୍ୱରେ, ଥୋଡିର ନିମ୍ନ ଭାଗରେ ଏବଂ ସେହିପରି ଗୋଡର ପେଣ୍ଡାରେ, ପାଦର ଉପରିଭାଗରେ ଓ ଗୋଡର ନିମ୍ନ ଭାଗରେ ଚିତା କୁଟିଥାନ୍ତି । ଏସବୁ ଚିତା ସ୍ୱତନ୍ତ୍ର । ମୁହଁରେ ମୁଖ୍ୟତଃ ବିନ୍ଦୁ ଓ ରେଖା ଚିତା ଥାଏ । ଭ୍ରୁଲତାର ମଝିରେ କୋସଲା ଗଛର ଛିତ୍ର ଅଙ୍କନ କରିଥାଏ । ଗୋଡରେ ଛନ୍ଦାୟିତ ଚିତ୍ରକଳା ଦେଖାଯାଏ । ହାତରେ ବିଭିନ୍ନ ପ୍ରକାର ଚିତ୍ରକଳା ରହିଥାଏ । ଏହା ସେମାନଙ୍କ ମୁଠା ଆଧାରରେ ହୋଇଥାଏ । ନିୟମଗିରି ଅଂଚଳରେ ମୁଖ୍ୟତଃ ୧୩ଟି ମୁଠାରେ ବସବାସ କରୁଛନ୍ତି । ଅର୍ଥାତ ୧୩ଟି ବଂଶର ଡଙ୍ଗରିଆକନ୍ଧ ନିୟମଗିରିର ସନ୍ତାନ ଭାବେ ପ୍ରତିପାଳିତ ହେଉଛନ୍ତି । ମୁଠା ବା ବସବାସ କରୁଥିବା ପଦର ଭିତ୍ତିରେ ସେମାନଙ୍କ ସାଂଗିଆ ନିର୍ଦ୍ଧାରଣ ହୋଇଛି । ସେଗୁଡିକ ହେଲା କାଡ୍ରାକା, ଓଡାକା, ଜାକେସିକା, କୁଶିକା, ନିଶିକା, ନୁଣ୍ଡୁକା, ତୁଇକା, ପ୍ରାସ୍କା, ପାଲକା, ପିଡିକାକା, ଓାରଲିକା, ଓେନ୍ଦଲିକା, ପୁସିକା ଆଦି ସାଙ୍ଗିଆରେ ଜଣାଶୁଣା । ପ୍ରାୟତଃ ସମସ୍ତ ଡଙ୍ଗରିଆକନ୍ଧ ଏଇ ସବୁ ସାଙ୍ଗିଆକୁ ଧାରଣ କରି ନିଜ ନିଜର ଗୋଷ୍ଠୀ ପରିଚୟ ପ୍ରଦାନ କରିଥାନ୍ତି । ସେମାନଙ୍କ ମୁଠାର ପ୍ରତୀକ ସ୍ୱରୂପ ହାତରେ ଉଭୟ ମହିଳା ଓ ପୁରୁଷ ବିଛା, ମୟୂର, ସଲପ ଗଛ, ବାଘ, ମହୁଲ ଗଛ, କୋସଲା ଗଛ ଆଦି ଚିତ୍ର କୁଟିଥାନ୍ତି । ଏଥିରୁ ସେ କେଉଁ ମୁଠାର ତାହା ସହଜରେ ଜାଣି ହୁଏ । ପାପୁଲିର ଉପରିଭାଗରେ ଏବଂ ପାଦର ଉପରିଭାଗରେ  ବିନ୍ଦୁ କିମ୍ବା ଫୁଲ ଚିତ୍ର ଅଙ୍କନ କରିଥାନ୍ତି । ଏସବୁ ଗାଁର ଅଭିଜ୍ଞ ମହିଳା ଛୁଂଚି ସାହାଯ୍ୟରେ ଫୋଡି ସେଥିରେ ଜଳୁଥିବା ଡିବିରିରୁ ସଂଗୃହିତ ମସୃଣ କଳାକୁ ଲଗାଏ ।  ସେହିସ୍ଥାନରେ ଘା ନହେବା ଲାଗି କଂଚା ହଳଦୀର ପ୍ରଲେପ ଦିଆଯାଏ । ତାହା ଶୁଖିଲା ପରେ ଖୁଂଟା ଯାଇଥିବା ଚିତ୍ର ଝଲସି ଉଠେ । ଆଉ ଲିଭେନି । ଏହି ଟାଟୁ ଚିତ୍ର କଳା ଶୀତ ଦିନରେ କରାଯାଏ । ମୁହଁରେ ବିଭିନ୍ନ ପ୍ରକାର ଚିତ୍ରକଳା କରିବା ପଛରେ ଜନଶ୍ରୁତି ରହିଛି । ଡଙ୍ଗରିଆ ଲୋକେ ମୁଖ୍ୟତଃ ପାହାଡ ଡଂଗରରେ ରହୁଥିଲେ । ସେତେବେଳେ ବାହାର ଲୋକଙ୍କ ଲୋଲୁପ ଦୃଷ୍ଟିରୁ ସେମାନଙ୍କର ସ୍ତ୍ରୀ ଓ ବଢିଲା ଝିଅଙ୍କୁ ଦୂରେଇ ରଖିବା ପାଇଁ ମୁହଁକୁ ଏଭଳି ଚିତାକୁଟି ବିକୃତ କରୁଥିଲେ । କୁଟିଆ କନ୍ଧ ସ୍ତ୍ରୀମାନଙ୍କ ମୁହଁରେ ବହୁଳ ଚିତା କୁଟାଯାଇଥିବା ଦେଖାଯାଏ । କିନ୍ତୁ ଏହି ଚିତ୍ର କଳା ଦ୍ୱାରା ସେମାନଙ୍କର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଥାଏ ।

**ଅଳଙ୍କାର ଚିତ୍ର**

ଡଙ୍ଗରିଆକନ୍ଧ ପୁରୁଷ ଓ ମହିଳା ବ୍ୟବହାର କରୁଥିବା ଅଳଙ୍କାରରେ ବି ସୃଜନ କଳାର ଛାପ ରହିଥାଏ । ଡଙ୍ଗରିଆକନ୍ଧ ମହିଳା ବ୍ୟବହାର କରୁଥିବା ପାରଂପରିକ ମାଳିକୁ ବାଦ ଦେଲେ ସେ ଅନେକ ପ୍ରକାର ଅଳଙ୍କାର ବେକ, ନାକ, କାନ, ହାତ, ଆଂଗୁଠି, ଗୋଡ ଏବଂ ମୁଣ୍ଡର ଖୋସାରେ ବ୍ୟବହାର କରିଥାଏ । ସେସବୁ ରସ କିମ୍ବା ପିତଳରେ ପ୍ରସ୍ତୁତ ହୋଇଥାଏ । ଏହି ଅଳଙ୍କାରଗୁଡିକ ଅବଶ୍ୟ ଡଙ୍ଗରିଆକନ୍ଧ ପ୍ରସ୍ତୁତ କରି ନଥାଏ ସତ । କିନ୍ତୁ ଡଙ୍ଗରିଆକନ୍ଧ ସଂସ୍କୃତି ଆଧାରିତ ଅଳଙ୍କାର ସବୁ ଅନୁସୂଚିତ ଜାତିର ଲୋକ ପ୍ରସ୍ତୁତ କରିଥାନ୍ତି । ଡଙ୍ଗରିଆକନ୍ଧ ମହିଳା ବ୍ୟବହାର କରୁଥିବା ପାଜା, ସରୁ ପାଜା, ମେକଡିକା, ଟେଡୁଆ ପାଜା ପ୍ରମୁଖ ଏକ ଭିନ୍ନ ଶୈଳୀରେ ପ୍ରସ୍ତୁତ ହୋଇଥାଏ । ସେହିପରି ଫୁଂଗା ମୁଦି, ଅଂଟା ସୂତା, ଆମଟା ମୁଦି, ସିରିଂଗି ସିପା ପ୍ରମୁଖରେ ଏକ ସ୍ୱତନ୍ତ୍ର ଧରଣର ଫୁଲ ପକା ହସ୍ତକର୍ମ ହୋଇଥାଏ । ଡଙ୍ଗରିଆକନ୍ଧ ପୁରୁଷ ଓ ମହିଳା ଖୋସାରେ ଏକ ସ୍ୱତନ୍ତ୍ର ଧରଣର କାତି କୁସା ଫୁଂଗା ଓ ସିପଣା ଲଗେଇଥାନ୍ତି । ଏହାକୁ ପ୍ରସ୍ତୁତ କଲାବେଳେ ଏହାର ଏକ ସ୍ୱତନ୍ତ୍ର ଚିତ୍ରକଳା ନିହିତ ଶୈଳୀରେ

ପ୍ରସ୍ତୁତ ହୋଇଥାଏ । ଏସବୁବାଦେ ଡଙ୍ଗରିଆକନ୍ଧ ଯୁବକର କାନ୍ଧରେ ସବୁବେଳେ ଓହଳିଥାଏ ଟାଂଗିଆ । ଏଇ ଟାଂଗିଆ ଓ କାତ୍ରିକୁ ବି ସ୍ୱତନ୍ତ୍ର ଶୈଳୀରେ ନିର୍ମାଣ ହୋଇଥାଏ । ଏସବୁ ନିର୍ମାଣ ପଛରେ ବି ଏକ ପରଂପରା ରହିଛି। ଡଙ୍ଗରିଆକନ୍ଧଙ୍କ ମଧ୍ୟେରୁ କେହି ମରିଗଲେ ସେ ବ୍ୟବହୃତ କରୁଥିବା ବସ୍ତ୍ର, ରସ ଓ ପିତ୍ତଳର ବାସନକୁସନ ଇତ୍ୟାଦିକୁ ଶବ ସତ୍କାର ବେଳେ ମଶାଣିରେ ଛାଡି ଦିଆଯାଏ । ସେଇ ବାସନକୁସନକୁ ନେଇ ଝିଗିଡିର ଅନୁସୂଚିତ ଜାତିର ଲୋକେ ସେଥିରୁ ଏସବୁ ସ୍ୱତନ୍ତ୍ର ଅଳଙ୍କାର ପ୍ରସ୍ତୁତ କରି ଡଙ୍ଗରିଆକନ୍ଧଙ୍କୁ ବିକ୍ରି କରିଥାନ୍ତି । ଏଭଳି ଭିନ୍ନ କଳାରେ ପ୍ରସ୍ତୁତ ଅଳଙ୍କାର ଅନ୍ୟ କେଉଁଠି ମିଳିପାରେନି । ଏବେ ମଧ ଝିଗିଡିର କାରିଗରମାନେ ଡଙ୍ଗରିଆକନ୍ଧଙ୍କୁ ଏହି ଅଳଙ୍କାର ବିକ୍ରି କରିଥାନ୍ତି ।

**ପୁରୁଷ ଅଳଙ୍କାର**

ଅତୀତରେ ପୁରୁଷ ଏବଂ ମହିଳା ଉଭୟ ସେମାନଙ୍କର ଶରୀରର ବିଭିନ୍ନ ଅଂଶକୁ ନିର୍ଦ୍ଦିଷ୍ଟ ଅନୁପାତରେ ସଜାଉ ଥିଲେ । ନିଶ୍ଚିତ ଭାବରେ ପୁରୁଷ ନିର୍ଦ୍ଦିଷ୍ଟ ରୂପରେ ଜଣେ ମହିଳାଠାରୁ ଭିନ୍ନ ଥିଲେ। ସେହିପରି ପୁରୁଷ ସଦସ୍ୟମାନେ ଯେତେବେଳେ ଧାଙ୍ଗିଡିବସାକୁ ଯିବା ବନ୍ଦ କରନ୍ତି ସେତେବେଳେ ସେମାନେ ଅଳଙ୍କାର ପ୍ରତି ଆଗ୍ରହ କମାଇ ଦିଅନ୍ତି। ପୁରୁଷମାନେ କାପଡାଗନ୍ଦା ସହିତ ଅଳଙ୍କାର ଭାବେ ଡଙ୍ଗରିଆକନ୍ଧ ପୁରୁଷ ସିରେନି (ଛୋଟ ପାନିଆ), ମୁର୍ମା (ନାକର ମୁଦି / କାନ ମୁଦି), କାଗୁଡିକା (ବେକର ବଳା), ଆଟା ସୂତା (କମର ସୂତା ), ସିଙ୍ଗିଡିସପା (ଆଙ୍ଗୁଠି ମୁଦି) ଆଦି ପିନ୍ଧିଥାନ୍ତି । ଧାଙ୍ଗିଡିମାନଙ୍କୁ ଆକର୍ଷିତ କରିବା ପାଇଁ ଯୁବକମାନେ ମୁଣ୍ଡ, ବେକ, କାନ, ନାକ, ହାତ, ଆଙ୍ଗୁଠି, କଟି, ଗୋଡ଼ ଏବଂ ପାଦ ଭଳି ବିଭିନ୍ନ ଶରୀର ଅଂଶରେ ପିନ୍ଧାଯାଉଥିବା ବିଭିନ୍ନ ପ୍ରକାରର ଅଳଙ୍କାରରେ ନିଜକୁ ସଜାଇ ହୋଇଥାନ୍ତି ।

**ମହିଳା ଅଳଙ୍କାର**

ଡଙ୍ଗରିଆକନ୍ଧ ଝିଅମାନେ ପୁଅମାନଙ୍କ ଠାରୁ ଅଧିକ ଆକର୍ଷଣୀୟ ଲାଗନ୍ତି । ପାରଂପରିକ ବସ୍ତ୍ର ସହ ବିଭିନ୍ନ ଅଳଙ୍କାର ଭିତରେ ସେମାନେ ଖୁବ ସୁନ୍ଦର ଦିଶନ୍ତି । ସେମାନେ ନାକରେ ତିନୋଟି ମୁଦି ପିନ୍ଧନ୍ତି। ପୁଅମାନେ ଦୁଇଟି ନାକମୁଦି ପିନ୍ଧନ୍ତି। ପୁଅମାନେ ପାଦରେ ଖଡୁ ଏବଂ ପାଦର ଆଂଗୁଠି ମୁଦିରେ ବ୍ୟବହାର କରନ୍ତି ନାହିଁ। ଏହା ବ୍ୟତୀତ ମହିଳାମାନେ ମାତୃତ୍ୱ ଗ୍ରହଣ କରିବା ପର୍ଯ୍ୟନ୍ତ ବିଭିନ୍ନ ଅଳଙ୍କାରରେ ସଜ୍ଜିତ ହୋଇଥାନ୍ତି। ଡଙ୍ଗରିଆକନ୍ଧ ମହିଳା ସିପ୍ପା (ହେୟାରପିନ), ଚିପନା (ହେୟାର କ୍ଲିପ୍), ଆସ୍କା (ହେୟାରପିନ୍ / ଛୋଟ ଛୁରୀ) , ମୁର୍ମା (ନାକ / କାନ ରିଙ୍ଗ), ନାଙ୍ଗୁଲି (କାନ ରିଙ୍ଗ), କାଗୁଡିକା (ବେକ ବନ୍ଧ), ମେକାଡିକା (ଗଳା ହାର), ଟାକା ମେକୋଡିକା (ମୁଦ୍ରା ହାର), ଅଂଟା ସୁତା, ଟେଡୁପାଜା (ଚଉଡା ଚୁଡ଼ି), କାଜାପାଜା (ମୋଟା ଚୁଡି), ମିଲାପାଜା (ପତଳା ଚୁଡି), ଆଣ୍ଡୁ (ପାଦ ବଳା), ପୁୟୁମୁଦି (ଆଙ୍ଗୁଠି ରିଙ୍ଗ), କେନ୍ଦୁକଲି (ପାଦ ଆଙ୍ଗୁଠି ରିଙ୍ଗ) ବ୍ୟବହାର କରିଥାନ୍ତି। ମହିଳାମାନେ ପୁରୁଷମାନଙ୍କ ତୁଳନାରେ ନିଜକୁ ସଜାଇବାକୁ ଅଧିକ ଆଗ୍ରହୀ। ବିଧବା ଓ ବୃଦ୍ଧାମାନେ ମହିଳାମାନଙ୍କ ତୁଳନାରେ କମ୍ ଅଳଙ୍କାର ବ୍ୟବହାର କରନ୍ତି। ସେହିପରି ସନ୍ତାନ ପ୍ରସବ ପରେ ଜଣେ ମହିଳା ନବ ବିବାହିତ ମହିଳାଙ୍କ ତୁଳନାରେ ସ୍ୱଳ୍ପ ଅଳଙ୍କାର ବ୍ୟବହାର କରନ୍ତି।

## ଶିଶୁ ଅଳଙ୍କାର

ଡଙ୍ଗରିଆ କନ୍ଧର ପିତାମାତାମାନେ ଜନ୍ମର ଗୋଟିଏ ମାସ ପରେ ସେମାନଙ୍କ ପିଲାମାନଙ୍କୁ ନାକମୁଦି, କାନଫୁଲ, ଚୁଡ଼ି ଏବଂ କଟି ଚେନରେ ସଜାନ୍ତି ଏବଂ ଶିଶୁମାନେ ବଡ଼ ହେବା ସହିତ ଅଧିକ ଅଳଙ୍କାର ସାମଗ୍ରୀ ଯୋଡି ହୋଇ ଚାଲେ। ସେମାନଙ୍କ ଶେଷ ବାଲ୍ୟକାଳରୁ ପୁଅ ଏବଂ ଝିଅମାନେ ବିବାହ କରିବା ପର୍ଯ୍ୟନ୍ତ ସେମାନଙ୍କ ଶରୀରକୁ ବିଭିନ୍ନ ଅଳଙ୍କାର ସାମଗ୍ରୀ ସହିତ ସଜାନ୍ତି। ଡଙ୍ଗାରିଆ କନ୍ଧମାନଙ୍କ ମୁଣ୍ଡ କେଶଠାରୁ ଆରମ୍ଭ କରି ପାଦର ଆଙ୍ଗୁଠି ପର୍ଯ୍ୟନ୍ତ ସାଜସଜ୍ଜା କରନ୍ତି । ମୁଣ୍ଡ ଉପର ଠାରୁ ପାଦ ପର୍ଯ୍ୟନ୍ତ ସବୁଠି ଡଙ୍ଗରିଆ କନ୍ଧମାନେ ଅଳଙ୍କାର ବ୍ୟବହାର କରନ୍ତି । ପିଲାଦିନୁ ଅଳଙ୍କାର ଧାରଣ କରିବା ପ୍ରକ୍ରିୟା ଆରମ୍ଭ ହୋଇଯାଉଥିବାରୁ ପରବର୍ତ୍ତୀ ସମୟରେ ଅତ୍ୟଧିକ ଅଳଙ୍କାର ସେମାନଙ୍କ ପାଇଁ ବୋଝ ଲାଗେନି ।

## ବିବିଧ ଅଳଙ୍କାର

ଡଙ୍ଗରିଆକନ୍ଧମାନେ ପ୍ରକୃତିର ଉପାସକ । ପ୍ରକୃତିର ବହୁ ଉପାଦାନକୁ ନିଜ ଶରୀରରେ ଅଳଙ୍କାର ଭାବେ ଧାରଣ କରିଥାନ୍ତି । ଜଙ୍ଗଲରୁ ପ୍ରାପ୍ତ ସାମଗ୍ରୀ ଏବଂ ପ୍ରାକୃତିକ ବସ୍ତୁର ବ୍ୟବହାର କରି ପିନ୍ଧିଥାନ୍ତି । ଡଙ୍ଗରିଆକନ୍ଧଙ୍କ ଅଧିକାଂଶ ଅଳଙ୍କାର ଧାତୁରେ ତିଆର ଏବଂ ପ୍ରାୟତଃ ବଜାରରୁ କିମ୍ବା ସ୍ଥାନୀୟ କାରିଗରଠାରୁ କିଣିଥାନ୍ତି । ଚାଟିକଣା କିମ୍ବା କଲ୍ୟାଣସିଂହପୁର ହାଟରୁ ସେମାନେ ଏହି ଅଳଙ୍କାର ସବୁ କିଣିଥାନ୍ତି । ଫଳ, ମୂଳ, ପତ୍ର, ବିହନ, ବିଭିନ୍ନ ରଙ୍ଗର ପଥର, ବିଭିନ୍ନ ପ୍ରାଣୀଙ୍କ ଦାନ୍ତ, ହାଡ଼ ଏବଂ ନଖ ମଧ୍ୟ ଅଳଙ୍କାର ତିଆରିରେ ବ୍ୟବହୃତ ହୁଏ। ସେମାନେ ଲୁହା, ତମ୍ବା, ଆଲୁମିନିୟମ, ରୂପା, ପିତ୍ତଳ, ସୁନା ଏବଂ ରସରୁ ତିଆରି ଅଳଙ୍କାର ବ୍ୟବହାର କରନ୍ତି । ଏଥିରେ ନିଜର ସୃଜନୀକୁ ବ୍ୟବହାର କରନ୍ତି । ସ୍ଥାନୀୟ ଅଂଚଳର ଅନୁସୂଚିତ ଜାତି(ଘାସି ସଂପ୍ରଦାୟ) ଲୋକଙ୍କୁ ନିଜର ଆଗ୍ରହ ଡିଜାଇନକୁ କହି ଅଳଙ୍କାରରେ ନିଜର ମନ ପସନ୍ଦର ଡିଜାଇନଥିବା ଅଳଙ୍କାର ଧାରଣ କରନ୍ତି । ସେଥିପାଇଁ ଡଙ୍ଗରିଆକନ୍ଧଙ୍କ ଅଳଙ୍କାରରେ ଗଛ, ପତ୍ର, ଲହିର ଛନ୍ଦା, ଫୁଲ ଆଦି ଡିଜାଇନ ବେଶୀ ଥାଏ । ବିଶେଷ ଅବସରରେ ସେମାନେ ଫୁଲର ବ୍ୟବହାର ମଧ କରିଥାନ୍ତି। ମୁନ୍ଡରେ ବିଭିନ୍ନ ରଂଗର ରିବନର ଫୁଲ ମଧ୍ୟ କେହି କେହି ପିନ୍ଧିଥାନ୍ତି । ଧାତୁ ଅଳଙ୍କାର ପ୍ରତି ବିଶେଷ ଆଗ୍ରହ ଥିବାରୁ ଡଙ୍ଗରିଆକନ୍ଧମାନେ ନିକଟବର୍ତ୍ତୀ ଗ୍ରାମର ଘାସି, ମୁଳି, କଂସାରି, ବଣିଆ ଇତ୍ୟାଦି ବିଭିନ୍ନ ଜାତିର ଅଳଙ୍କାର ନିର୍ମାତାଙ୍କ ସହାୟତାରେ ଅଳଙ୍କାର ନିର୍ମାଣ କରିଥାନ୍ତି । ବିଷମକଟକ ନିକଟବର୍ତ୍ତୀ ଝିଗିଡିର ଅନୁସୂଚିତ ଜାତି ସମ୍ପ୍ରଦାୟର ଲୋକ ହେଉଛନ୍ତି ଡଙ୍ଗରିଆ କନ୍ଧମାନଙ୍କର ମୁଖ୍ୟ ଅଳଙ୍କାର କାରିଗର।

## ବାଳ ଛପା (ସିପ୍‌ନା)

ଡଙ୍ଗରିଆକନ୍ଧ ପୁରୁଷ ଓ ମହିଳା ଦୂରରୁ ଦେଖିବାକୁ ଏକା ପରି ଜଣାପଡ଼ନ୍ତି । ଏଭଳି ଦିଶିବାର ପ୍ରମୁଖ କାରଣ ହେଉଛି ତାଙ୍କର କେଶ, ନାକ ଓ ବେକର ଅଳଙ୍କାର । ନିକଟରୁ ନ ଦେଖିଲେ ସେମାନଙ୍କୁ ଚିହ୍ନିବା କଷ୍ଟକର। ସୌନ୍ଦର୍ଯ୍ୟ ସଚେତନ ଡଙ୍ଗରିଆ କନ୍ଧମାନେ ସେମାନଙ୍କର ସ୍ୱତନ୍ତ୍ର କେଶ ସଜାଇବା ଲାଗି ବିଭିନ୍ନ କେଶ କ୍ଲିପ୍ ବା ବାଳ ଛପା ବ୍ୟବହାର କରିଥାନ୍ତି । ଦୁଇ ପ୍ରକାର ପିନ ବ୍ୟବହାର କରିଥାନ୍ତି । ଗୋଟେ ଇଂରାଜୀ ଅକ୍ଷର ୟୁ ଆକାର ଥାଇ ସାମାନ୍ୟ ବଡ ଥିବାବେଳେ ଅନ୍ୟଟି ଚେପଟା ହୋଇ କେଶକୁ ଟାଣ ଭାବେ ଧରିବା ଭଳି ହୋଇଥାଏ । କେହି କେହି

ରୂପା ପିନ୍ ବି ବ୍ୟବହାର କରି ସେମାନଙ୍କର କେଶ ସଜ୍ଜାକୁ ଅଧିକ ସୁନ୍ଦର କରନ୍ତି। ଝିଅମାନେ ଏକାଧିକ ପ୍ରକାରର ବାଳ ଛପା ସହିତ ସେମାନଙ୍କ ମୁଣ୍ଡକୁ ସଜାନ୍ତି । ଗୋଟିଏ ପାଖରେ ଆଠ ଦଶଟି ବାଳ ଛପା ସହିତ ସେଟ୍ କରି ପିନ୍ଧିଥାନ୍ତି। ଏଗୁଡ଼ିକ ମଥାର ସାମ୍ନା ଭାଗରୁ ଆରମ୍ଭ କରି ଉଭୟ ପାଖରେ କେଶ ଉପରେ ସଜେଇ ହୋଇଥାଏ । ଏହା ତାଙ୍କର ସୌନ୍ଦର୍ଯ୍ୟକୁ ବହୁଗୁଣିତ କରେ । ଜାତପୁରୀ ଏବଂ ଡେଟା ନାମକ ବାଳ ଛପା ଲୁହା, ପିତ୍ତଳ, ତମ୍ବା କିମ୍ବା ରୂପାରେ ତିଆରି ହୋଇଥାଏ। କେଶକୁ ଭଲ ଭାବରେ କୁଣ୍ଡାଇବା ପରେ ଜଣେ ଝିଅ ଏହି ବାଳ ଛପାଗୁଡ଼ିକୁ ତାଙ୍କ କେଶରେ ଲଗାଏ। ଏହି ବାଳ ଛପା ଗୁଡ଼ିକ ସହାୟତାରେ ସେମାନେ କେଶକୁ ଇଚ୍ଛାକୃତ ଭାବେ ସଜେଇ ରଖିପାରନ୍ତି ଏବଂ ଏସବୁ ଖୋଲା ପବନରୁ କେଶକୁ ରକ୍ଷା କରେ। କେଶକୁ ଅସଜଡ଼ା ହେବାକୁ ଦିଏନି । ପୁଅ ଏବଂ ଝିଅ ଉଭୟ ଏହି ବାଳ ଛପା ବ୍ୟବହାର କରନ୍ତି। ତିରମୋଡେରା ଏକ ରୂପା ପିନ୍ ପଛ ପାର୍ଶ୍ୱରେ ମୋଡ଼ିଥିବା କେଶକୁ ଏକ ସ୍ଥିର ସ୍ଥାନରେ ରଖିଥାଏ। ଏହା ଏକ ସଜ୍ଜିତ କେଶ ଜୁଡ଼ାର କେନ୍ଦ୍ରରେ ଲାଗିଥିବା ଏକ ଲମ୍ବା ପିନ୍। ଏହାବ୍ୟତୀତ ଜୁଡ଼ାର ପରିଧିରୁ ଚାରି ପାଂଚଟି ଛୋଟ ଚେନ୍ ଝୁଲୁଥାଏ। ଏସବୁ ବାଳ ଛପା ଦ୍ୱାରା କେଶ ସହ ସଂଯୁକ୍ତ ହୋଇଥାଏ । ସିପ୍ନା ହେଉଛି ଆଲୁମିନିୟମରେ ତିଆରି ଏକ ପ୍ରକାରର କଇଁଚି ଭଳି କେଶପିନ୍। ଏଥିରେ ପରସ୍ପର ପାଖରେ ଦୁଇଟି ସୁନ୍ଦର ଭାବେ ଗୋଡ଼ାହୋଇଥିବା ଗୋଲ ଫୁଲ ଡିଜାଇନର ଥାଏ। ଏହାକୁ ମହିଳାଙ୍କ ମୁଣ୍ଡର ପଛ ପାର୍ଶ୍ୱରେ ଲଗାଯାଏ। ସାଧାରଣତଃ ବିବାହ ଉତ୍ସବ ସମୟରେ ଏବଂ ଉତ୍ସବ ଅବସରରେ ସିପନା ଜୁଡ଼ାରେ ବ୍ୟବହାର କରାଯାଏ। ଏହା ବ୍ୟତୀତ ଡଙ୍ଗରିଆକନ୍ଧ ମହିଳାମାନେ ମୁଣ୍ଡର ଉଭୟ ପାର୍ଶ୍ୱର କେଶରେ ଛୋଟ ଛୁରୀ (ମିଲା କାତରା) ଲଗାଇବାକୁ ପସନ୍ଦ କରନ୍ତି । ଏହା ଆତ୍ମ ସୁରକ୍ଷା ସହ ବେଳେବେଳେ ଜଂଗଲରୁ ଫଳ ସଂଗ୍ରହ କରି ଖାଇବାରେ ସହାୟତା ହୋଇଥାଏ ବୋଲି ଡଙ୍ଗରିଆକନ୍ଧମାନେ କହନ୍ତି । ପୁରୁଷ ଓ ମହିଳା ଉଭୟେ ସେମାନଙ୍କ ମୁଣ୍ଡ କେଶରେ ପାନିଆ ମଧ୍ୟ ଲଗାଇଥାନ୍ତି। ବିଶ୍ୱାସ ରହିଛି ଯେ ଡଂଗରପାହାଡ, ରାସ୍ତାଘାଟ ଦେଇ ଗଲାବେଳେ ମୁଣ୍ଡରେ ପାନିଆ ଥିଲେ କୌଣସି ଅଶୁଭ ଶକ୍ତି ଦେହ ଭିତରକୁ ପ୍ରବେଶ କରିପାରେନି ।

### ନାକ ଫାଶା (ମୁର୍ମା):

ଡଙ୍ଗରିଆକନ୍ଧଙ୍କ ଅନ୍ୟତମ ପ୍ରମୁଖ ଅଳଙ୍କାର ହେଉଛି ନାକ ଫାଶା । କନ୍ଧ ଭାଷାରେ ତାକୁ ମୁର୍ମା କୁହାଯାଏ। ମୁଙ୍ଗେଲି ମୁର୍ମା ହେଉଛି ଡଙ୍ଗରିଆ କନ୍ଧ ମହିଳାମାନେ ପିନ୍ଧୁଥିବା ଏକ ନାକ ମୁଦି ବା ଫାଶା। ଏହା ପିତ୍ତଳ କିମ୍ବା ସୁନାରେ ତିଆରି । ଜନ୍ମର ଗୋଟିଏ ମାସ ପରେ ପିତାମାତାଙ୍କ ଦ୍ୱାରା ଡଙ୍ଗରିଆ କନ୍ଧ ଶିଶୁକୁ 'ମୁର୍ମା' ଉପହାର ଦିଆଯାଏ। ଝିଅଟି ତିନୋଟି ମୁର୍ମା ପିନ୍ଧେ । ଦୁଇଟି ନାକର ଉପର ଭାଗରେ ଏବଂ ଗୋଟିଏ ନାକ ଭିତରେ ମଝି ଭାଗରେ ଦଣ୍ଡି ଭଳି ଓହଳିଥାଏ। ପୁଅଟି କେବଳ ଦୁଇଟି ମୁର୍ମା ପିନ୍ଧେ । ଗୋଟିଏ ନାକର ଉପର ଭାଗରେ ଏବଂ ଅନ୍ୟଟି ନାକ ଭିତରେ ମଝି ଭାଗରେ ଓହଳିଥାଏ। ନାକ ମୁର୍ମା ସାଧାରଣତଃ ସୁନାରେ ତିଆରି ହୁଏ। ତେଣୁ ଡଙ୍ଗରିଆକନ୍ଧମାନେ ଅଳଙ୍କାର ବ୍ୟବହାର କରିବା ସମୟରେ ବିଶେଷ ଯତ୍ନ ନିଅନ୍ତି। 'ମୁଙ୍ଗେଲି ମୁର୍ମା' ବ୍ୟବହାର ପିଲାକୁ ଡଙ୍ଗରିଆକନ୍ଧ ଭାବରେ ଚିହ୍ନିତ କରେ । ଏହା ଧାରଣ କରିବା ଗର୍ବର ପ୍ରସଂଗ ହୋଇଥାଏ । ଏହି ଅଳଙ୍କାର କାହାକୁ ଉପହାର ଦିଆଯାଏ ନାହିଁ। ଡଙ୍ଗରିଆକନ୍ଧ ନାକ ମୁଦି ତାଙ୍କ ନାକ ତଳେ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଝୁଲୁଥାଏ।

### କାନ ମୁଦି (ନାଙ୍ଗୁଲି)

ଡଙ୍ଗରିଆ କନ୍ଧ ଝିଅ, ମହିଳା ଏବଂ ପୁରୁଷଙ୍କ କାନକୁ ଛୋଟ ମୁଦି ସହିତ ସଜାଯାଇଥାନ୍ତି। ଡଙ୍ଗରିଆମାନେ ସେମାନଙ୍କ କାନରେ ପ୍ରାୟ ୧୬ଟି କାନଫୁଲ ବ୍ୟବହାର କରନ୍ତି। ଏହାକୁ ମୁର୍ମା କୁହାଯାଏ। କାନରେ ମହିଳାମାନେ

ନାଗୁଂଲି ବ୍ୟବହାର କରନ୍ତି। ଏହାକୁ ସାପ ପରି ଦେଖାଯିବା ପାଇଁ ମୋଡ଼ା ଯାଇଥାଏ। ଡଙ୍ଗରିଆ ପୁରୁଷ ପ୍ରତ୍ୟେକ କାନରେ ଗୋଟିଏ ନୋଲି (କାନମୁଦି) ବ୍ୟବହାର କରନ୍ତି। ସେମାନେ ବ୍ୟବହାର କରୁଥିବା ବିଭିନ୍ନ କାନମୁଦି ମଧ୍ୟରୁ କିୟୁ ମୁର୍ମା ହେଉଛି ସୁନା ଏବଂ ରୂପାରେ ତିଆରି ଛୋଟ ମୁଦି । ଏହା ଝିଅର କାନରେ ତିଆରି ରନ୍ଧ୍ରରେ ଦିଆଯାଏ। ଡଙ୍ଗରିଆ କନ୍ଧ ପ୍ରଥା ଅନୁଯାୟୀ ଝିଅର ଜନ୍ମ ପରେ କାନରେ ପ୍ରାୟ ୧୬ ଟି ରନ୍ଧ୍ର କରାଯାଏ ଏବଂ ଏହି ରନ୍ଧ୍ରଗୁଡ଼ିକରେ ମୁଦି ପିନ୍ଧାଯାଏ। ଏହା ବ୍ୟତୀତ କାନର ନରମ ଅଂଶ ତଳେ ଗୋଟିଏ ନାଗୁଂଲି ପିନ୍ଧନ୍ତି। 'ନାଗୁଂଲି' ଏକ ବିଶେଷ ଆକାରର ଯାହାକି ଏକ ସାପ ପରି ଯାହାର ଫଣା ଏବଂ ଲାଞ୍ଜ ଥାଏ। ଏହା ବିଶ୍ୱାସ କରାଯାଏ ଯେ ନାଗୁଂଲି ବ୍ୟବହାର ସାପକୁ ଶୋଇବା ସମୟରେ କାନ ଭିତରକୁ ପ୍ରବେଶ କରିବାକୁ ଦିଏ ନାହିଁ।

**ଗଳା ହାର (କାଡୁଡିକା/ମେକାଡିକା)**

ଡଙ୍ଗରିଆକନ୍ଧ ବେକରେ ଏକାଧିକ ବଳା ଧାରଣ କରନ୍ତି । ଏହାକୁ ଖଗଲା କୁହାଯାଏ । ଏହା ଏକ ଦୃଢ଼ ବୃତ୍ତାକାର ଆକାରର ଲୁହା ତାରରେ ଫ୍ରେମ୍ ହୋଇଥାଏ ଯାହାର ଦୁଇ ପ୍ରାନ୍ତରେ ହୁକ୍ ଥାଏ। ଏହାର ଆକାର ଗୋଲ ଥିଲେ ମଧ୍ୟ ତାର ଶରୀର ଗୋଲ ନ ହୋଇ ଉଭୟପଟୁ ଚେପଟା ହୋଇ ଏକଧାର ସୃଷ୍ଟି କରିଥାଏ । ଏସବୁ ସ୍ଥାନୀୟ ଅନୁସୂଚିତ ଜାତି ଲୋକମାନଙ୍କ ଦ୍ୱାରା ତିଆରି କରାଯାଏ । ଲୁହା, ରୂପା ଏବଂ ଆଲୁମିନିୟମରେ ତିଆରି ଖଗଲା ବହୁତ ଆକର୍ଷଣୀୟ। । ପାଞ୍ଚ ବର୍ଷ ବୟସରେ ଡଙ୍ଗରିଆକନ୍ଧ ଝିଅ ଖଗଲା ପିନ୍ଧିବା ଆରମ୍ଭ କରେ। ଜଣେ ଯୁବତୀ ତାଙ୍କ ବେକରେ ଆଠରୁ ଦଶଟି ବିଭିନ୍ନ ଆକାରର ଖଗଲା ଧାରଣ କରିଥାଏ । ଏହା ବେକ ଓ ଛାତି ଅଂଶକୁ ଘୋଡେଇ ହୋଇ ରଖିଥାଏ । ଏଥି ସହିତ ସେମାନେ ସରୁମାଳିକୁ ବେଶୀ ଧାରଣ କରିଥାନ୍ତି । ଡଙ୍ଗରିଆକନ୍ଧ ମହିଳା, ଝିଅ ଏବଂ ପିଲାମାନେ ମଧ୍ଧ ସେମାନଙ୍କ ବେକରେ ଏମିତି ବିଭିନ୍ନ ପ୍ରକାରର ସରୁ ମାଳି ପିନ୍ଧନ୍ତି । ସୋରିଷ ଦାନା ପରି ଶହ ଶହ ଛୋଟ ଗୋଲ ମାଳିର ତିଆରି ହୋଇଥାଏ। ଏହାର ରଂଗ ସାଧାରଣତଃ ଧଳା, ହଳଦିଆ, ନାଳି ଓ ସବୁଜ ହୋଇଥାଏ । ଏକାଧିକ ସଂଖ୍ୟାରେ ବିଭିନ୍ନ ଆକାରର ମାଳି ବେକରୁ ଛାତି ପର୍ଯ୍ୟନ୍ତ ଲମ୍ୱିଥାଏ । ଏହା ମୁଖ୍ୟତଃ ସେମାନଙ୍କ ଲଜ୍ଜା ନିବାରଣ ଲାଗି ବ୍ୟବହାର କରନ୍ତି । ବାହାର ଲୋକଙ୍କ ଖରାପ ନଜରରୁ ମୁକ୍ତ ରଖିବା ଲାଗି ଏଭଳି ଛାତି ଭରିବା ଭଳି ଅଳଙ୍କାର ପିନ୍ଧିଥାନ୍ତି । ଯୁବକମାନଙ୍କ ହୃଦୟ ଜିତିବା ପାଇଁ ବିଭିନ୍ନ ରଙ୍ଗର ଛୋଟ କାଚ ଗୋଲାକାର ମାଳିରେ ତିଆରି ଏକ ହାର କମ୍ବିତିକୁ ମଧ୍ୟ ପିନ୍ଧିଥାନ୍ତି। ଡଙ୍ଗରିଆମାନେ ଗଳାରେ କଡ଼ା ବାନ୍ଧି ଏକ କାଂଇଚ ମାଳି ବ୍ୟବହାର କରନ୍ତି। ସେମାନେ ପିତ୍ତଳରେ ତିଆରି ମାଳି ମଧ୍ଧ ବ୍ୟବହାର କରନ୍ତି। ଡଙ୍ଗରିଆ କନ୍ଧ କୁମାରୀମାନେ ମେକାଡିକାଙ୍କୁ ବହୁତ ପସନ୍ଦ କରନ୍ତି। ସେମାନେ ପିତଡା, କାମ୍ବିତି, ମୁର୍ମାଙ୍ଗା, ହିଙ୍ଗା, କିଡଟି, ତେବା, କାଗୁଡି ଇତ୍ୟାଦି ଅନେକ ପ୍ରକାରର ମେକାଡିକା ବ୍ୟବହାର କରନ୍ତି। ଝିଅମାନେ ଅହଲି ହାର ନାମକ ହାର ପିନ୍ଧିବାକୁ ମଧ୍ଧ ଭଲ ପାଆନ୍ତି । ଏହା ବିଭିନ୍ନ ମୁଦ୍ରାରେ ତିଆରି। ଅହଲି ହାର ହେଉଛି ମୁଦ୍ରାର ଏକ ସେଟ୍ । ୨୫ ପଇସା, ୫୦ ପଇସା ଏବଂ ୧ ଟଙ୍କା ମୁଦ୍ରାକୁ ଛିଦ୍ରକରି ସୂତାରେ ଗଣ୍ଠି ପକାଇ ହାର କରି ବ୍ୟବହାର କରିଥାନ୍ତି। ଝିଅମାନେ ଏହି ପ୍ରକାରର ହାର ପିନ୍ଧି ସେମାନଙ୍କର ଆର୍ଥିକ ସ୍ଥିତି ଦେଖାନ୍ତି।

ମେକାଡିକା ହେଉଛି ଆଉ ଏକ ପ୍ରକାରର କାଚ ମାଳି ହାର ଯାହା ଲାଲ, ହଳଦିଆ, ନୀଳ ଏବଂ କଳା ପରି ବିଭିନ୍ନ ରଙ୍ଗର ହୋଇଥାଏ। ଡଙ୍ଗରିଆ କନ୍ଧ ପୁଅ ସାଧାରଣତଃ ଏହି ପ୍ରକାରର ପାଂଚରୁ ଛଅ କିମ୍ୱା ତା'ଠାରୁ ଅଧିକ ହାର ପିନ୍ଧେ। ବେକକୁ ଲାଗି ହୋଇ ଏହି ହାର ଥାଏ । ନିଜକୁ ଆକର୍ଷିତ କରି ଗଢି ତୋଳିବା ଲାଗି ଏହିପରି

ହାର ପିନ୍ଧେ । ଜଣେ ଝିଅ ସେ ବ୍ୟବହାର କରୁଥିବା ହାରର ଗୁଣବତ୍ତାରୁ ପୁଅର ଆର୍ଥିକ ସ୍ଥିତିକୁ ବହୁତ ସହଜରେ ଅନୁମାନ କରିପାରେ ଏବଂ ତାକୁ ଭବିଷ୍ୟତ ଜୀବନ ସାଥୀ ଭାବରେ ଚୟନ କରିବାକୁ ପସନ୍ଦ କରେ। ବିଭିନ୍ନ ଅବସରରେ ସେ ବିଭିନ୍ନ ଝିଅଙ୍କଠାରୁ ଏହି ହାରର ଉପହାର ପାଇଥାଏ। ଏହା ପ୍ରେମର ପ୍ରତୀକ ଭାବେ ବିବେଚନା କରାଯାଏ। ସଦର ଦାଣ୍ଡରେ ନାଚବେଳେ କିମ୍ବା ଧାଙ୍ଗଡି ବସାରେ ଗୀତରେ ଗୀତରେ ପ୍ରେମ ନିବେଦନ କଲାବେଳେ ପୁଅର ସାହସ, ନୃତ୍ୟ, ଗୀତ ଏବଂ ହାସ୍ୟରସରେ ଖୁସି ହୋଇ ଝିଅଟି ପୁଅଟିକୁ ସେମାନଙ୍କର ପ୍ରେମରେ ମତୁଆଲା କରନ୍ତି।

**ଅଣ୍ଟା ସୂତା**

ଧାଙ୍ଗଡ଼ାମାନେ ଅଣ୍ଟା ସୁତା (କମର ସୂତା) ଏବଂ ଧାଙ୍ଗଡ଼ିମାନେ କଟି ଡୋରି ବ୍ୟବହାର କରନ୍ତି। ଧାଙ୍ଗଡ଼ିମାନେ ସେମାନଙ୍କ କଟି ଚାରିପାଖରେ ରୂପା ସୂତା ବ୍ୟବହାର କରନ୍ତି। ଏହା ମହଙ୍ଗା ଏବଂ ବଜାରରେ ବିକ୍ରି ହୁଏ। ତଥାପି ଜଣେ ଧାଙ୍ଗଡ଼ି ପ୍ରାୟ ୧୦ ବର୍ଷ ବୟସରେ ତିନିରୁ ଚାରୋଟି ସୂତା ପିନ୍ଧିପାରନ୍ତି। ଧାଙ୍ଗଡ଼ିମାନେ କଟି ସୂତା ବ୍ୟବହାର କରି ସେମାନଙ୍କ ପୋଷାକକୁ ଆକର୍ଷଣୀୟ କରିଥାନ୍ତି। ଏହା ବ୍ୟବହାର କରି ସେମାନେ କଟି ଅଂଶ ପାଖରେ ସେମାନଙ୍କ ଲୁଗାରେ ପକେଟ ତିଆରି କରନ୍ତି ଯାହା ସେମାନଙ୍କୁ ବିଭିନ୍ନ ଜିନିଷ ବହନ କରିବାରେ ସାହାଯ୍ୟ କରେ।

**ହାତ ଅଳଙ୍କାର:**

ଡଙ୍ଗରିଆକନ୍ଧଙ୍କ ମହିଳାମାନେ ଚୁଡ଼ି ଏବଂ ଖଡୁ ବ୍ୟବହାର କରନ୍ତି । ଏହାର ସାମାଜିକ ମୂଲ୍ୟ ବହୁତ ଅଧିକ। ତାଡ, ଖଡୁ ଏବଂ ବିଭିନ୍ନ ଡିଜାଇନର ଚୁଡ଼ି ଅବିବାହିତ ମହିଳାଙ୍କ ହାତରେ ସଜ୍ଜିତ ହୋଇଥାଏ। ପାଜା କିମ୍ବା କୟୁମାଳା ହେଉଛି ଏକ ପ୍ରକାରର ଚୁଡ଼ି ଯାହା "ଡଙ୍ଗରିଆ କନ୍ଧ" ମହିଳାମାନେ ପିନ୍ଧନ୍ତି। ଏହା ପିତ୍ତଳ ଏବଂ ଆଲୁମିନିୟମରେ ତିଆରି । ଜଣେ ଯୁବତୀ ସାଧାରଣତଃ ତାଙ୍କ ହାତ ଭର୍ତ୍ତି ଚୁଡ଼ି ପିନ୍ଧିଥାଏ। ଡଙ୍ଗରିଆମାନେ ସ୍ଥାନୀୟ କାରିଗରଙ୍କ ସହାୟତାରେ ଡିଜାଇନଗୁଡ଼ିକୁ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ଫୁଲ ଏବଂ ଜ୍ୟାମିତିକ ରେଖା ଏଥିରେ ଖୋଦିତ ହୋଇଥାଏ। ପ୍ରତ୍ୟେକ ବିବାହିତ ଏବଂ ଅବିବାହିତ ଯୁବତୀ ଏପରି କୟୁମାଳା ଚୁଡ଼ି ପିନ୍ଧନ୍ତି । ଯଦିଓ ଯୁବକ ଏବଂ ବୃଦ୍ଧା ମହିଳାମାନେ ତୁଳନାତ୍ମକ ଭାବରେ କମ୍ ପିନ୍ଧନ୍ତି। ଅବିବାହିତା ଯୁବତୀମାନେ ଧାଂଡିବସାରେ ରହିବା ଏବଂ ବିବାହର ପ୍ରାରମ୍ଭିକ ବର୍ଷଗୁଡ଼ିକରେ ତାଙ୍କୁ ବିଭିନ୍ନ ପ୍ରକାରର ଚୁଡ଼ିରେ ସଜେଇ ହୁଅନ୍ତି। ଚୁଡ଼ି ମଧ୍ୟରେ ତାଡ ହେଉଛି ପ୍ରାୟ ୨୫୦ ଗ୍ରାମ ଓଜନର ଏକ ବହୁତ ଭାରୀ ଚୁଡ଼ି। କେତେକ ଚୁଡିରେ ତୀକ୍ଷଣ କଂଟା ଥାଏ । ଏହାକୁ ଅନାବଶ୍ୟକ ପୁରୁଷଙ୍କଠାରୁ ଡଙ୍ଗରିଆ ମହିଳାଙ୍କୁ ରକ୍ଷା କରିବା ପାଇଁ ଅସ୍ତ୍ର ଭାବରେ ବ୍ୟବହାର କରାଯାଏ। ଆଜିକାଲି ଏହା ଆଉ ଦେଖିବାକୁ ମିଳୁନି । ଏହାବ୍ୟତୀତ ବଜାରର ପାଣିଚୁଡିକୁ ହାତରେ ପିନ୍ଧିବାକୁ ଭଲ ପାଆନ୍ତି। ବିଶେଷ ଉତ୍ସବ ବେଳେ ମହିଳାମାନେ ଏସବୁ ପିନ୍ଧିଥାନ୍ତି ।

**ହାତ ମୁଦି (ପିୟୁମୁଦି)**

ଡଙ୍ଗରିଆ କନ୍ଧ ସେମାନଙ୍କର ହାତ ଆଙ୍ଗୁଠିକୁ ଖୋଲା ରଖନ୍ତିନାହିଁ। ସେମାନେ ପ୍ରତ୍ୟେକ ଆଙ୍ଗୁଠିରେ ଅତି କମରେ ଗୋଟିଏ ମୁଦି ପିନ୍ଧନ୍ତି। ଏପରିକି ଆଙ୍ଗୁଠିରେ ଏକାଧିକ ମୁଦି ବ୍ୟବହାର କରନ୍ତି। ସେମାନେ ରୂପା, ପିତ୍ତଳ,

ରସ ଏବଂ ତମ୍ବା ଭଳି ଧାତୁରେ ତିଆରି ବିଭିନ୍ନ ପ୍ରକାରର ଆଙ୍ଗୁଠି ମୁଦି ବ୍ୟବହାର କରନ୍ତି । ଅଧିକାଂଶ ସମୟରେ ସେମାନେ ନିଜ ପ୍ରେମିକମାନଙ୍କୁ ଏହି ମୁଦି ଉପହାର ଆକାରରେ ପ୍ରଦାନ କରିଥାନ୍ତି। ମୁଦିଗୁଡ଼ିକୁ ବିଭିନ୍ନ ପ୍ରକାରର କଳାତ୍ମକ ଡିଜାଇନ୍ ସହିତ ସଜାଯାଇଥାଏ। ବିଭିନ୍ନ ଆଙ୍ଗୁଠିରେ ବ୍ୟବହାର ଅନୁସାରେ ସେମାନଙ୍କର ମୁଦିଗୁଡ଼ିକୁ ଭିନ୍ନ ଭିନ୍ନ ନାମକରଣ କରାଯାଇଥାଏ। ପିୟୁ ମୁଦିଟି ବୁଢ଼ା ଆଙ୍ଗୁଠିରେ ଏବଂ ତର୍ଜନୀରେ ପିନ୍ଧାଯାଏ । ମଧ୍ୟମ ଆଙ୍ଗୁଠିରେ ତମ୍ବା ମୁଦି, ଅନାମିକା ଆଙ୍ଗୁଠିରେ ପିତ୍ତଳ ଏବଂ ଛୋଟ କାଣି ଆଙ୍ଗୁଠିରେ ମୁୟା। ପିୟୁ ମୁଦିର ଉପର ଭାଗରେ ଚାରୋଟି ସୁନ୍ଦର ଗୋଲ ଆକାରର ଫୁଲ ରହିଥାଏ। ତମ୍ବା ମୁଦି ଏକ କୁଣ୍ଡଳାକାର । ଏହା ତମ୍ବାରେ ତିଆରି ଏବଂ ବଜାରରେ ମିଳେ। ରସ ମୁଦି କିମ୍ବା ରୂପାରେ ତିଆରି ମୁଦି ଅନାମିକା ଆଙ୍ଗୁଠିରେ ଲଗାଯାଏ। ଏହା ସମ୍ପୂର୍ଣ୍ଣ ଗୋଲ ଆକାରର ନୁହେଁ । ମୁଦିର ଦୁଇ ପ୍ରାନ୍ତ ଏକାଠି ଯୋଡା ନ ଯାଇ ମଝି ଅଂଶ କଟା ହୋଇଥାଏ । ୪ଟି ଛୋଟ ରୂପା ସିଲେଇ ତାର ଛନ୍ଦାଛନ୍ଦି ବୁଣି ହେଲା ପରି ଡିଜାଇନର ତିଆରି ହୋଇଥାଏ। 'ସିଙ୍ଗ୍ରି ସପା' ମୁଦିଟି ପିତ୍ତଳ ଏବଂ ରୂପାରେ ତିଆରି । ଏହାର ମଧ୍ୟଭାଗ ସୁନ୍ଦର ଫୁଲ ଏବଂ ବିଭିନ୍ନ ପ୍ରକାରର ଆସ୍ତରଣ ସହିତ ତିଆରି ହୋଇଥାଏ। ମୁୟା ମୁଦି ରୂପାରେ ତିଆରି ହୋଇ କନିଷ୍ଠ ଆଙ୍ଗୁଠିରେ ପିନ୍ଧାଯାଏ। ଏହି ମୁଦିଟି ଆମ୍ବ ଗଛ ଏବଂ ଏହାର ପତ୍ରର ଡିଜାଇନ ଭଳି ଥାଏ ।

**ପାଦ ଅଳଙ୍କାର (କେନ୍ଦୁକାଲି)**

ଡଙ୍ଗରିଆକନ୍ଧଙ୍କମାନଙ୍କ ପାଦ ମଧ୍ୟ ଅଳଙ୍କାର ଧାରଣରୁ ମୁକ୍ତ ନୁହେଁ। ସାଧାରଣତଃ ସେମାନେ ସେମାନଙ୍କ ଗୋଡ ଏବଂ ଆଙ୍ଗୁଠି ଅଳଙ୍କାରରେ ସଜାଇଥାନ୍ତି। ଆଣ୍ଟୁ ହେଉଛି ପିତ୍ତଳରେ ତିଆରି ଏକ ବିଶେଷ ଭାବରେ ତିଆରି ଗୋଡ ବଳା। ଏହାର ଓଜନ ପ୍ରାୟ ଏକ କିଲୋଗ୍ରାମ । କିଛି ବୟସ୍କ ଝିଅମାନେ ହିଁ ପିନ୍ଧନ୍ତି। ଏହାକୁ ପାଦରେ ପିନ୍ଧିବା ବହୁତ କଷ୍ଟକର ହୋଇଥାଏ। ଗଣ୍ଠି ଉପରେ ଥିବା ଖାଲି ଅଂଶରେ ଅର୍ଦ୍ଧ ଚପଟା ହୋଇ ଥାଏ । ଏହି ବଳାରେ ଟଣାଯାଇଥିବା ଆବରଣ ଏହାକୁ ଅଧିକ ଆକର୍ଷଣୀୟ କରିଥାଏ। ଏଥିସହ ଆଉ ଏକପ୍ରକାରର ଗୋଡ ବଳା ପିନ୍ଧିଥାନ୍ତି । ମଝି ଅଂଶ କଟା ହୋଇ ଭିତରେ ଗୋଲାକାର ବଲ ଭଳି କିଛି ଧାତୁ ଥାଏ । ଚାଲିଲେ ଏଥିରୁ ଏକ ଅଦ୍ଭୁତ ଶବ୍ଦ ଶୁଭାଯାଏ । ଧାଙ୍ଗିଡିମାନେ ଏହାକୁ ବ୍ୟବହାର କଲେ ନୃତ୍ୟ ପ୍ରକୃତରେ ଚମତ୍କାର ଏବଂ ଆଶ୍ଚର୍ଯ୍ୟଜନକ ହୋଇଯାଏ। ଧାଙ୍ଗଡାମାନେ ଏହାକୁ ଦେଖି ମୁଗ୍ଧ ହୋଇଯାଆନ୍ତି ଏବଂ ବିଶେଷ ତାଳ ସହିତ ନୃତ୍ୟ କରନ୍ତି। ହାତର ଆଂଗୁଠି ପରି ଡଙ୍ଗରିଆମାନେ ପାଦ ଆଙ୍ଗୁଠିରେ ମୁଦି କଡ଼ା ମୁଦି , ଆମଚା ମୁଦି, ଝାଟ ଅସି ମୁଦି ଆଦି ବ୍ୟବହାର କରନ୍ତି। ଏସବୁ ମୁଦି "ପିତ୍ତଳରେ ତିଆରି ହୋଇଥାଏ। ଦଶ ବର୍ଷ କିମ୍ବା ତା'ଠାରୁ ଅଧିକ ପୁରୁଣା ଧାଙ୍ଗଡିମାନେ ଏହି ମୁଦି ପିନ୍ଧିବା ପରଂପରା ରହିଛି ।

**ଅଳଙ୍କାର ପ୍ରସ୍ତୁତି ପ୍ରଣାଳୀ:**

ଜନଜାତି ଡଙ୍ଗରିଆକନ୍ଧମାନେ ସାଧାରଣତଃ ମୁଣ୍ଡର ବିଭିନ୍ନ କିସମର ମୁଣ୍ଡ କଂଟା, ବାଳ ଛପା, କାତି, ଫୁଲ ଲଗେଇ ହୋଇଥିବାବେଳେ ବେକରେ ସ୍ୱତନ୍ତ୍ର ଧରଣର ଏକାଧିକ ବଳା ଓ ମାଳି ପିନ୍ଧିଥାନ୍ତି । ବଳାଗୁଡିକ ବେକରୁ ଛାତିଯାଏଁ ସାନରୁ ବଡ କ୍ରମରେ ସଜେଇ ହୋଇ ପିନ୍ଧିଥାନ୍ତି । ସେହିପରି ନାକରେ ନୋଥ, ବାହୁଟି, କଟିରେ ବଳା, ଅଂଟାରେ ଅଂଟାସୂତା ସହ ଗୋଡରେ ବଳା ପିନ୍ଧିଥାନ୍ତି । ଦୁଇ ହାତର ପ୍ରାୟତଃ ସବୁ ହାତରେ ମୁଦି

ପିନ୍ଧିବାର ପରଂପରା ରହିଛି । ସେହିପରି ଡଙ୍ଗରିଆକନ୍ଧ ରମଣୀମାନେ ଗୋଡଆଙ୍ଗୁଠିରେ ବି ମୁଦି ପିନ୍ଧିଥାନ୍ତି। ସେହିପରି ଡଙ୍ଗରିଆକନ୍ଧ ପୁରୁଷମାନେ ମଧ୍ୟ ହାତରେ ମୁଦି, ମୁଣ୍ଡରେ ବାଳ ଛପା, କାତି, ପାନିଆ ପିନ୍ଧିଥାନ୍ତି। ଏସବୁର ନିର୍ମାଣ ଶୈଳୀ ସ୍ୱାତନ୍ତ୍ର୍ୟ ବହନ କରେ । ଏସବୁ ଅଳଙ୍କାରରେ ଭୂଷିତା ଡଙ୍ଗରିଆକନ୍ଧ ରମଣୀମାନେ ରୂପସୀ ଲାଗନ୍ତି । ସେମାନଙ୍କର ସୌନ୍ଦର୍ଯ୍ୟକୁ ବହୁ ଗୁଣିତ କରେ ଏହି ଆଭୂଷଣ । ତେବେ ଏସବୁ ଅଳଙ୍କାର ପ୍ରସ୍ତୁତ ବହୁ କଷ୍ଟସାଧ୍ୟ ବ୍ୟାପର । ଏକ ସ୍ୱତନ୍ତ୍ର ପଦ୍ଧତିରେ ଏସବୁ ଅଳଙ୍କାର ପ୍ରସ୍ତୁତ କରାଯାଏ । ମହୁମାଛିର ଫେଣାରୁ ପ୍ରସ୍ତୁତ ମହମରେ ହୁଏ ଏହି ଅଳଙ୍କାରର ଛାଞ୍ଚ । ଏହାକୁ ଜୀବିକା କରି ବର୍ଷ ବର୍ଷ ଧରି ବଂଚି ଆସିଛନ୍ତି ରାୟଗଡା ଜିଲ୍ଲା ବିଷମକଟକ ବ୍ଲକର ଝିଗିଡିର କାରିଗରମାନେ । ବିଷମକଟକ ମୁଖ୍ୟ ସଦସର ମହକୁମା ଠାରୁ ଡୁକୁମ ରାସ୍ତାରେ ମାତ୍ର ୬ କିଲୋମିଟର ଗଲେ ପଡେ କଳା ଓ କାରିଗରର ଗ୍ରାମ ଝିଗିଡି । ଗ୍ରାମରେ ପ୍ରାୟ ୩୦୦ ପରିବାର ରହୁଥିବାବେଳେ ସେଥି ମଧ୍ୟରୁ  ଘାସୀ ସଂପ୍ରଦାୟର ୪୦ଟି ପରିବାର ମୁଖ୍ୟତଃ ଏଇ ପେଶାକୁ ଆପଣେଇ ନେଇଛନ୍ତି । ପିଢି ପିଢି ଧରି ସେମାନେ ଏହି କାମ କରି ଜୀବିକା ନିର୍ବାହ କରିଆସୁଛନ୍ତି ।

ଏଇ କଳାକୁ  ପ୍ରତ୍ୟକ୍ଷ ଅନୁଧ୍ୟାନ କରିବା ଲାଗି ଆମେ ପହଁଚିଥିଲୁ ଝିଗିଡିରେ । ଆମକୁ ସହଯୋଗର ହାତ ବଢେଇଥିଲେ ଆଦିବାସୀ ଗବେଷକ ତଥା ଶିକ୍ଷକ ତ୍ରିପତି ହିକକା । ଗାଁରେ ପହଁଚିଲାବେଳକୁ  ଘରର ସମ୍ମୁଖରେ ସସ୍ତ୍ରୀକ ବହୁ ପରିବାର ନିର୍ମାଣ କାମରେ ବ୍ୟସ୍ତଥିଲେ । ଭେଟିଲୁ ଯୁବ କାରିଗର ନକ୍ଷତ୍ର ପିଡିକାକାଙ୍କୁ । ଭେଟିଲୁ ବୟସ୍କ ତଥା ଅନୁଭବ କାରିଗର ମାଣ୍ଡିକା ବୁଟିକା ଓ ମାଣ୍ଡିକା ଘାସିଆଣୀ । ନିର୍ମାଣ ଶୈଳୀ ସଂପର୍କରେ ସବିସ୍ତୃତ ତଥ୍ୟ ହାସଲ ଲାଗି  ଚାଲିଲା ଆଲୋଚନା ।

ଡୋକ୍ରା ସାମଗ୍ରୀ ଭାବେ ପରିଚିତ ଏଇ ସାମଗ୍ରୀ ପାଇଁ କଂଚା ମାଲ ହେଉଛି ପିତଳ କିମ୍ବା ରସଧାତୁ। ପିତଳ ଓ ରସ ଧାତୁରେ ହିଁ ଏସବୁ ସାମଗ୍ରୀ ପ୍ରସ୍ତୁତ କରାଯାଉଛି । ତେବେ ସାମଗ୍ରୀ ପ୍ରସ୍ତୁତ ଲାଗି ଛାଂଚ ପ୍ରସ୍ତୁତ କରିବା ଟିକେ କଷ୍ଟକର । ଏଥିଲାଗି ଦରକାର ହୁଏ ମହୁଫେଣାର ମହମ । ମହୁମାଛି ମହୁ ସଂଗ୍ରହ କରି ରଖିଥିବା ମହଫେଣାକୁ ନିଆଁ ଲଗାଇ ମହୁ ସଂଗ୍ରହ କଲା ପରେ ମହୁ ବସା ଅନ୍ୟମାନଙ୍କ ପାଇଁ ଅଲୋଡା ହେଉଥିବାବେଳେ ଏଇ କାରିଗରମାନଙ୍କ ପାଇଁ ପାଲଟିଯାଏ ବହୁ ମୂଲ୍ୟବାନ । ବିଭିନ୍ନ ସୂତ୍ରରୁ ସଂଗ୍ରହ କରିବା ସହ ମହୁ ସଂଗ୍ରହକାରୀଙ୍କଠାରୁ ବି ଏମାନେ କେଜି ପିଛା ୩୦୦ ଟଙ୍କା ଦେଇ ମହମ ସଂଗ୍ରହ କରନ୍ତି । ଏହାକୁ ଅନୁପାତ ଅନୁସାରେ ପାଣି ଦେଇ ଚୂଲିରେ ବସାଯାଏ । ପାଣିକୁ ଭଲ ଭାବେ ଫୁଟାଇ ବସାକୁ ନରମ କରନ୍ତି । ଭଲଭାବେ ଫୁଟିଲା ପରେ ଏକ ପାଣି ଭର୍ତ୍ତି ଥିବା ବଡ ପାତ୍ରରେ ଭାସମାନ ଅବସ୍ଥାରେ ସଂଗ୍ରହକାରୀ ପାତ୍ରକୁ ରଖାଯାଇ ସେଥିରେ ଫୁଟା ପାଣିକୁ ଛଣାଯାଏ । ଅବଶେଷ ଗୁଡିକ ଫିଙ୍ଗି ଦିଆଯାଏ । ଏହାକୁ ଥଣ୍ଡା ହେବାକୁ ଛାଡି ଦିଆଯାଏ। ଆବଶ୍ୟକସ୍ଥଳେ ତେନ୍ତୁଳି ମଂଜିର ମଣ୍ଡ ଏଥିରେ ମିଶାଯାଏ । ଥଣ୍ଡା ହେଲାବେଳକୁ ଏହା ଅଠା ଭଳି ଅର୍ଦ୍ଧତରଳ ଅବସ୍ଥାକୁ ଆସିଯାଏ । ଏହାକୁ ସେମାନଙ୍କ ଭାଷାରେ ମଇନ ବୋଲି କୁହାଯାଏ ।  ମଇନରୁ କାରିଗରମାନେ ଚାହିଦା ମୁତାବକ ସାମଗ୍ରୀର ଛାଞ୍ଚ ନିଜ ହାତରେ ତିଆରି କରନ୍ତି । ଗୋଟିଏ ସାମଗ୍ରୀ ଲାଗି କେବଳ ଗୋଟେ ମଇନର ଛାଞ୍ଚ ହିଁ କାମ କରେ । ଅନ୍ୟ ସାମଗ୍ରୀ ଭଳି ଛାଞ୍ଚ ଜରିଆରେ ଏକାଧିକ ସାମଗ୍ରୀ ତିଆରି ଏଥିରେ ସମ୍ଭବ

ନଥାଏ । ମଇନର ଛାଞ୍ଚ ଉପରେ ଭଲ କରି କଅଁଳିଆ ମାଟି ଏବଂ ତା ଉପରେ ସାମାନ୍ୟ ଟାଣ ମାଟିର ଦୁଇଟି ପ୍ରଲେପ ଦିଆଯାଇ ନିବୁଜ କରାଯାଏ । କିନ୍ତୁ ନିବୁଜ ପୂର୍ବରୁ ସାମଗ୍ରୀର ଗୋଟିଏ ପାଖରେ ରନ୍ଧ୍ର ରଖାଯାଇଥାଏ। ଏଇ ରନ୍ଧ୍ର ଦେଇ ତରଳ ପିତ୍ତଳ କିମ୍ବା ରସକୁ ଭର୍ତି କରାଯାଏ । ପରେ ରନ୍ଧ୍ର ନିବୁଜ କରି ଭାଟିରେ ପୋଡାଯାଏ। ଭଲ ଭାବେ ପୋଡିଗଲେ ମାଟିର ପ୍ରଲେପ ଖସିଯାଏ । ନିର୍ଦ୍ଦିଷ୍ଟ ଧାତୁରେ କାରିଗରର ମାନସ ସାମଗ୍ରୀ ନିଜସ୍ୱ ରୂପ ଧାରଣ କରେ । ଭିତରେ ଥିବା ମଇନ ମଧ୍ୟ ପୋଡି ପାଉଁଶ ହୋଇଯାଏ । ଆଉ ଅବଶେଷରେ ଯାହା ରହେ ତାହା ହେଉଛି ଡୋକ୍ରା ସାମଗ୍ରୀ ତଥା ଡଙ୍ଗରିଆକନ୍ଧଙ୍କ ଅଳଙ୍କାର । ପରେ ଏହାକୁ ଭଲ ଭାବେ ପଲିସ୍ କରାଯାଇ ଉଜ୍ଜଳ କରାଯାଏ ଓ ଗ୍ରାହକକୁ ବିକ୍ରି ଲାଗି ପ୍ରସ୍ତୁତ ହୋଇଯାଏ । ଗ୍ରାହକମାନେ ଗ୍ରାମକୁ ଆସି କିଣୁଥିବାବେଳେ ଚାଟିକଣା ଓ ତୁକୁମ ସାପ୍ତାହିକ ହାଟରେ ନିଜ ସାମଗ୍ରୀରର ପସରା ଖୋଲିଥାନ୍ତି କାରିଗରମାନେ । ଏହା ବ୍ୟତୀତ ଡିଆଇସି ଦ୍ୱାରା ରାଜ୍ୟ ତଥା ରାଜ୍ୟ ବାହାରରେ ଆୟୋଜିତ ବିଭିନ୍ନ ମେଳା ଓ ମହୋତ୍ସବରେ ଯୋଗ ଦେଇ ବିକ୍ରି କରିବାର ସୁଯୋଗ ମିଳିଥାଏ । ରାୟଗଡାକୁ ଆସୁଥିବା ପର୍ଯ୍ୟଟକଙ୍କ ନଜରରେ ଏଇ ସାମଗ୍ରୀର ଚାହିଦା ବହୁତ ରହିଥିବାରୁ ବିଦେଶୀ ପର୍ଯ୍ୟଟକଙ୍କୁ ସାମଗ୍ରୀ ବିକ୍ରି କଲେ ଅଧିକା ଦି ପଇସା ଲାଭ ମିଳିଥାଏ ବୋଲି ଘାସିଆଣୀ ମତବ୍ୟକ୍ତ କରିଛନ୍ତି । ସାପ୍ତାହିକୀ ହାଟରେ ଡଙ୍ଗରିଆକନ୍ଧ ଆଦିବାସୀମାନେ ମଧ୍ୟ ନିଜ ପସନ୍ଦର ସାମଗ୍ରୀ ଖରିଦ କରି ନେଇଥାନ୍ତି । ଫଳରେ ଚାଟିକଣା ଓ ତୁକୁମ ହାଟ ପର୍ଯ୍ୟଟକମାନେ ଉଭୟ ସାମଗ୍ରୀ କିଣିବା ସହ ଡଙ୍ଗରିଆକନ୍ଧ ଲୋକଙ୍କ ସହ ମଧ୍ୟ ଭେଟ ହୋଇଥାନ୍ତି । ଏଇ ହାଟରେ ଡଙ୍ଗରିଆକନ୍ଧମାନେ ନିଜର ଉତ୍ପାଦିତ ସାମଗ୍ରୀ ବିକ୍ରି କରିବା ସହ ନିଜ ପାଇଁ ଏସବୁ ସାମଗ୍ରୀ ମଧ୍ୟ ଖରିଦ କରିଥାନ୍ତି । ଏଇ ଆଦିବାସୀ  ହାଟଗୁଡ଼ିକ ପର୍ଯ୍ୟଟନ ଦୃଷ୍ଟି କୋଣରୁ ଜିଲ୍ଲା ପାଇଁ ବହୁ ଗୁରୁତ୍ୱ ବହନ କରେ  ।

**ଉପସଂହାର :**

ସ୍ୱତନ୍ତ୍ର ଅଳଙ୍କାର ଏବଂ ସାଜସଜ୍ଜା ଡଙ୍ଗରିଆକନ୍ଧଙ୍କ ଏକ ଜାତିଗତ ପରିଚୟ । ଏସବୁ ସେମାନଙ୍କୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି ।  କିନ୍ତୁ ଆଧୁନିକୀକରଣ ପ୍ରଭାବରେ ଡଙ୍ଗରିଆମାନଙ୍କର କିଛି ପାରମ୍ପରିକ ଅଳଙ୍କାରର ଗୁରୁତ୍ୱ ହରାଇଛି ।  ଯୁବକମାନେ ବିଶେଷ ଭାବେ ନାକ ଓ ଗଳାରେ ପାରଂପରିକ ଅଳଙ୍କାର ଧାରଣ କରିବାକୁ ପସନ୍ଦ କରୁ ନାହାଁନ୍ତି। କେଶ ମଧ୍ୟ ରଖୁ ନାହାଁନ୍ତି । ମହିଳାମାନେ ବଜାରରେ ଉପଲବ୍ଧ ଅଳଙ୍କାର ପ୍ରତି ବିଶେଷ ଆକର୍ଷିତ ହେଉଛନ୍ତି । ଖଗଲା ପିନ୍ଧିବାକୁ ଆଉ ପସନ୍ଦ କରୁ ନାହାଁନ୍ତି । ସେହିପରି ଗୋଡର ତାଡ ଆଉ ପ୍ରାୟତଃ ଦେଖିବାକୁ ମିଳୁନି । ହାତରେ କଂଟାଯୁକ୍ତ ଖଡୁ ଦୁଷ୍ପ୍ରାପ୍ୟ ହୋଇଗଲାଣି । ହାତରେ ପାରଂପରିକ ଧାତୁରେ ତିଆରି ଖଡୁ ଅପେକ୍ଷା ପାଣି କାଚ ଚୁଡିର ବ୍ୟବହାର ହେଉଅଛି । ଡଙ୍ଗରିଆକନ୍ଧଙ୍କ ଆଗ୍ରହ କମିଯିବାରୁ ହାଟବଜାରରେ ଏହାର ଚାହିଦା ବି କମିଗଲାଣି । ବେଶପୋଷାକରେ ବି ପରିବର୍ତ୍ତନ ଆସିଲାଣି । ଜିଆଇ ଟ୍ୟାଗ ହାସଲ ପରେ ବି କପଡାଗନ୍ଦା ମିଳିବା ଭାରି କଷ୍ଟକର ବ୍ୟାପାର । ସମସ୍ତେ ସାଧାରଣ ପୋଷାକ ପ୍ରତି ରୁଚି ଦେଖାଇଲେଣି । କେବଳ କିଛି ସମ୍ପ୍ରଦାୟ ତଥା ପରୁଣାକାଳିଆ ଲୋକ ପାରମ୍ପରିକ ଅଳଙ୍କାର ସବୁକୁ ଅକ୍ଷୁଣ୍ଣ ରଖିବାରେ ସକ୍ଷମ ହୋଇଛନ୍ତି।

## ସହାୟକ ଗ୍ରନ୍ଥସୂଚୀ


Cultural Heritage of Orissa, Rayagada District, Published by the State level Vyasakabi Fakir Mohan smruti Sandas, Odisha – Publication 2002

Adibasi, vol XIV, 1972-73 No-1, TRB, Bhubaneswar.

Sethi , N & Others (2018): A review of Tribal Ornaments with special references to Dongria Kandh, Journal of Emerging Techonologies & Innovative Research, Vol - V, issue - II . Retrived from www.jertir.org

Mohanty, G. N. & T. Sahoo : Ornament of Dongria Kandh, Banaja, ATLC, Bhubaneswar

ସାହୁ ଦ୍ୱିତୀଚନ୍ଦ୍ର (୨୦୨୪)– "ରାୟଗଡ଼ାର ଲୋକକଥା', ଶକ୍ତି ପବ୍ଲିକେଶନ, କଟକ, ପ୍ରଥମ ପ୍ରକାଶନ

ସାହୁ କୀର୍ତ୍ତି ଚନ୍ଦ୍ର, (୨୦୧୨) ସମୟର ପ୍ରତିଫଳନ, ଚଇତି ବିଶେଷାଙ୍କ, ରାୟଗଡା

ଏସ୍ ସି ଏସ୍ ଟି ଆର ଟି ଆଇ ଜନଜାତି ସଂଗ୍ରହାଳୟ

ଡଙ୍ଗରିଆ କନ୍ଧ - ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ, ଭୁବନେଶ୍ୱର, ପ୍ରଥମ ପ୍ରକାଶନ - ୨୦୦୧

ପଟେଲ, ଡ. ପରମାନନ୍ଦ, (୨୦୧୧) କୁଇକନ୍ଧ ଲୋକକଥା- ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ, ଭୁବନେଶ୍ୱର, ପ୍ରଥମ ପ୍ରକାଶନ

**ବନଜା - ୨୦୦୬**

ତଥ୍ୟ ସଂଗ୍ରହ – ନାୟକ, ଶ୍ରୀରଙ୍ଗ, ପ୍ରତ୍ନତାତ୍ତ୍ୱିକ ଗବେଷକ, ବିଷମକଟକ, ରାୟଗଡ଼

କୁର୍ଲି, ଖମ୍ବେସି, ପାରସାଲିର ଡଂଗରିଆ ଗ୍ରାମବାସୀ

ଝିଗିଡ଼ିର ଅଳଙ୍କାର ପ୍ରସ୍ତୁତି କାରିଗରବୃନ୍ଦ


❖❖❖

# OUR CONTRIBUTORS OF ENGLISH ARTICLES

| | |
|---|---|
| Prof. (Dr.) A.B. Ota | A former Professor in Anthropology, Revenue Divisional Commissioner, Director, SCSTRTI & Odisha State Tribal Museum, Odisha and former Advisor, Tribal Museum, Rashtrapati Bhavan. |
| Dr. Rajni Lamba | A Senior anthropologist and CEO of the non-profit, The Rural Environmental Enterprises Development Society [The REEDS]. Email: drlamba1@gmail.com |
| Sikha Patra | Research Scholar, Department of Education, Central University of Odisha, India |
| Dr. Sanjukta Moharana | PhD in Anthropology, Sambalpur University and Research Assistant, Academy of Tribal Languages & Culture, BhubaneswarMob:- 7325920254, Mail. Id-sanjukta.moharana@yahoo.com |
| Shri Sitaram Pingua | Research Assistant, SCSTRTI, Bhubaneswar Mob-7008873953, Mail Id- sitaram.pingua@gmail.com |
| Ms. Panchali Sahu | Programme Coordinator, Academy of Tribal Languages & Culture, Bhubaneswar Mob- 9438572550, Mail Id- panchali.sahu1@gmail.com |
| Shri Trilochan Sahoo | Former Jt. Director, SCSTRTI Mob-9438363207, Mail Id- tsahoo.tri@gmail.com |
| Smt. Moushumi Nayak | Assistant Director (Research) at SCs & STs Research and Training Institute, Bhubaneswar, Mob no - 8895677700 Mail ID- nayakmoushumi1990@gmail.com |
| Dr. Laxmi Narayan Nayak | PhD in Anthropology, Sambalpur University-768019 and Former Research Associate in ATLC, SCSTRTI, Bhubaneswar-751009. |

| | |
|---|---|
| Dr. Biswajit Parida | Assistant Professor, P.G. Department of Anthropology, Fakir Mohan University, Balasore, Pin-756089, Odisha, Mob no- 8249342205, Email- parida.biswa85@gmail.com |
| Ms. Raimani Murmu | Young Museum Professional, Odisha State Tribal Museum, SCSTRTI, Bhubaneswar |
| Smt. Saumalini Mohanty | Young Museum Professional at Odisha State Tribal Museum, Bhubaneswar |
| Shri Uttam Kumar Sahoo | Assistant Director (Research) at SCs & STs Research and Training Institute, Bhubaneswar, Mob No- 7303779474, Mail Id. uttamsahoo91@yahoo.com |
| Smt. Madhusmita Sahoo | Assistant Director (Research), Scheduled Caste Scheduled Tribe Research and Training Institute (SCSTRTI), Bhubaneswar. Mob. 7326963572, Mal. Id- msahoo736@gmail.com |
| Ms. Sonali Panda | Research Scholar, Department of Anthropology, Sambalpur University), Mob-9337806416, Mail id - pandasonali403@gmail.com |
| Ms. Sonali Nayak | Research Scholar, Department of History, Sambalpur University) Mob - 8249859724, Mail id - sonalinayak1224@gmail.com |

# OUR CONTRIBUTORS OF ODIA ARTICLES

| | |
|---|---|
| ଅଶୋକ କୁମାର ନନ୍ଦ | ସହକାରୀ ପ୍ରଫେସର, ଆଦିବାସୀ ଅଧ୍ୟୟନ ବିଭାଗ, ବିଶ୍ଳେଷଣାତ୍ମକ ଆଦିବାସୀ ଗବେଷଣା ପରିଷଦ, ଉତ୍କର୍ଷ କେନ୍ଦ୍ର, ଶାବର ଶ୍ରୀକ୍ଷେତ୍ର, କୋରାପୁଟ, ଦୂରଭାଷ - ୯୪୩୭୮୧୫୫୭୫ |
| ମଧୁସ୍ମିତା ପାଢ଼ୀ | ବରିଷ୍ଠ ରାଜସ୍ୱ ସହାୟକ, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡ଼ିଶା ସରକାର, କୋରାପୁଟ |
| ଠାକୁରଦାସ ହାଁସଦାଃ | ସହ ନିର୍ଦ୍ଦେଶକ ଯୋଜନା ଓ ସଂଯୋଜକ ବିଭାଗ, ଓଡ଼ିଶା ସରକାର |
| ଡୋଳାମଣି ମାଝୀ | ଗବେଷକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବୁର୍ଲା, ଦୂରଭାଷ - ୯୧୭୮୭୪୫୬୮୨ |
| ରଞ୍ଜନ ପ୍ରଧାନ | ବରିଷ୍ଠ ସାମ୍ବାଦିକ ଓ ଜନଜାତି ଗବେଷକ<br>ସମ୍ବାଦ କାର୍ଯ୍ୟାଳୟ, କେନ୍ଦୁପଦର, ଫୁଲବାଣୀ, ଜିଲ୍ଲା: କନ୍ଧମାଳ- ୭୬୨୦୦୧, ଦୂରଭାଷ : ୯୪୩୭୨୧୩୮୫୪ |
| ସୁରେନ୍ଦ୍ର ନାଥ ସାହୁ | ଆଦିବାସୀ ଗବେଷଣା ମଞ୍ଚ<br>ସା/ପୋ- କୁନ୍ଦୁରା, ଭାୟା -ଜୟପୁର, ଜିଲ୍ଲା- କୋରାପୁଟ -୭୬୪୦୦୨ (ଓଡିଶା )<br>rajendrapadhy777@gmail.com |
| ସୁରେନ୍ଦ୍ର ନାଥ ସାହୁ | ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରାପ୍ତ ପ୍ରଧାନଶିକ୍ଷକ<br>ତଥା ସଉରା ଜନଜାତି ଗବେଷକ<br>ପିଠାପୁର ପ୍ରକଳ୍ପ ବିଦ୍ୟାଳୟ, କବିସୂର୍ଯ୍ୟନଗର, ଗାମ, ଦୂରଭାଷ- ୯୪୩୮୦୬୦୦୩୮ |
| ଦ୍ୱିତୀ ଚନ୍ଦ୍ର ସାହୁ | ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡା -୭୬୫୦୦୧,<br>ଦୂରଭାଷ -୯୪୩୭୯୦୯୬୭୧,<br>Email-dwitisahu@gmail.com |




ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ

**ACADEMY OF TRIBAL LANGUAGES & CULTURE**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ

ST & SC Development, Minorities & Backward Classes Welfare Department

ଓଡ଼ିଶା ସରକାର / Government of Odisha